# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୮/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, April 28/2025 Page 12 ₹ 7.00 | BERHAMPUR

୫୧ଶ ଭାଗ ୧୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 153 ମୂଲ୍ୟ ₹୭/-


# ୨ ଭାଇଙ୍କୁ ମାରି ଜାଳିଦେଲେ

**ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା ଅଞ୍ଚଳରେ ରବିବାର ଘଟିଛି ଡବଲ ମର୍ଡର। ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗାଁର ଦୁଇଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇ ହତ୍ୟା କରାଯାଇଛି। ଏହାପରେ ପ୍ରମାଣ ନଷ୍ଟ ପାଇଁ ସେମାନଙ୍କ ମୃତଦେହକୁ ନିକଟ ଜଙ୍ଗଲରେ ପୋଡ଼ି ଦିଆଯାଇଛି। ପୂର୍ବ ଶତ୍ରୁତା ଓ ପୁଞ୍ଜୀଭୁତ ଅଶାନ୍ତିରୁ ଏହି ଘଟଣା ଘଟିଥିବା କୁହାଯାଉଛି। ଏହି ଡବଲ ମର୍ଡରକୁ ମିଶାଇ ରାଜ୍ୟରେ ରବିବାର ୫ଟି ହତ୍ୟାକାଣ୍ଡ ଘଟିଛି। କେବଳ ହତ୍ୟା ନୁହେଁ, ଗଣବଳାତ୍କାର, ବଳାତ୍କାର, ଡକାୟତି, ଶିଶୁ ଚୋରି ଆଦି ଏକାଧିକ ଘଟଣା ଚଳିତମାସରେ ଘଟିଛି। ଏଥିରୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅନେକେ ମତ ଦେଉଛନ୍ତି।**


ସଞ୍ଜୟ ବାରିକ


ଅଜୟ ବାରିକ

**ଖଲ୍ଲିକୋଟ/ବ୍ରହ୍ମପୁର,୨୭।୪**
**(ପ୍ରଶାନ୍ତ କୁମାର ମିଶ୍ର/ସୁବାସ ଚନ୍ଦ୍ର ପାଢ଼ୀ)**

ବେଗୁନିଆପଡ଼ା ଘଟଣାରେ ମୃତକ ଦ୍ୱୟ ହେଲେ ସଞ୍ଜୟ ବାରିକ ଓରଫ ବାଙ୍କା (୨୫) ଓ ତାଙ୍କ ସାନଭାଇ ଅଜୟ ବାରିକ(୨୩)। ସେମାନେ ରବିବାର ବେଗୁନିଆପଡ଼ା ଥାନା ଶାଳବଣ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ପାଇଁ ଆୟୋଜିତ ନାମଯଜ୍ଞସ୍ଥଳକୁ ଯାଇଥିଲେ। ସେଠାରେ ଶାଳବଣ କେତେଜଣ ଲୋକଙ୍କ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଏହାପରେ ଗାଁର କେତେଜଣ ମେଳିହୋଇ ଉଭୟଙ୍କୁ ପିଟି ପିଟି କିଛି ଦୂରକୁ ନେଇ ହତ୍ୟା କରିଥିଲେ। ପରେ ସେମାନେ ମୃତଦେହ ଉପରେ ପାଳ ଜାଳି ଦେଇଥିଲେ। ମଧ୍ୟାହ୍ନରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ମରେଇ ନୂଆଗାଁ ରାସ୍ତାକଡ଼ରେ ୨ଟି ଦରପୋଡା ମୃତଦେହ ପଡ଼ିଥିବା ଦେଖି କେତେଜଣ ଲୋକ ପୋଲିସକୁ ଖବର ଦେଇଥିଲେ। ବେଗୁନିଆପଡ଼ା ପୋଲିସ, ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ କୁମାର ମିଶ୍ର, ଗଞ୍ଜାମ ଅତିରିକ୍ତ ଏସ୍‌ପି ରଞ୍ଜିତ୍ କୁମାର ପୁଷ୍ଟି ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହର ପୋଡା ଅଂଶ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଥାନାରେ ୨୨୦/୨୫ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଛି। ଅନ୍ୟପଟେ ମୃତ ୨ ଭାଇଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ସୂଚନା ମିଳିଛି। ୨୦୨୧ରେ ଅଜୟ ବେଗୁନିଆପଡ଼ା ବ୍ଲକର ପୂର୍ବତନ ଚେୟାରମ୍ୟାନ ଦେବରାଜ ସାହୁ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ସେ କିଛିଦିନ ହେଲା ଜାମିନରେ ଆସିଥିଲେ ବୋଲି ଏସ୍‌ଡିପିଓ ମିଶ୍ର ସୂଚନା ଦେଇଛନ୍ତି।

**(ଅଧିକ ଅପରାଧ ଖବର ପୃଷ୍ଠା-୫)**

# ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ମୋଗଲ ବିଷୟ ବାଦ୍


**ନୂଆଦିଲ୍ଲୀ,୨୭।୪**

## ସାମିଲ ହେଲା ମଗଧ ସାମ୍ରାଜ୍ୟ, ମହାକୁମ୍ଭ

ସପ୍ତମ ଶ୍ରେଣୀ ପିଲାମାନେ ଗତବର୍ଷ ପର୍ଯ୍ୟନ୍ତ ସେମାନଙ୍କ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ମୋଗଲ ଏବଂ ଦିଲ୍ଲୀ ସୁଲତାନ ଶାସନ ବିଷୟ ପଢ଼ିଆସୁଥିଲେ। ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍) ଅନୁଯାୟୀ ନୂଆ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ଉପରୋକ୍ତ ଅଧ୍ୟାୟଗୁଡ଼ିକୁ ବାଦ୍ ଦିଆଯାଇ ଭାରତୀୟ ଲୋକାଚାରକୁ ଗୁରୁତ୍ୱ ଦେଇ ଉକ୍ତ ସ୍ଥାନରେ ମଗଧ, ମୌର୍ଯ୍ୟ, ଶୁଙ୍ଗ ଏବଂ ସାତବାହନ ଭଳି ପୁରାତନ ଭାରତୀୟ ରାଜବଂଶ ଉପରେ ନୂଆ ଅଧ୍ୟାୟ ସାମିଲ କରାଯାଇଛି। ଏଥିସହିତ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚଳିତବର୍ଷ ଆୟୋଜିତ ହୋଇଥିବା ମହାକୁମ୍ଭକୁ ମଧ୍ୟ ନୂତନ ପାଠ୍ୟପୁସ୍ତକରେ ନିଆଯାଇଛି। କେବଳ ସେତିକି ନୁହେଁ, ବିଭିନ୍ନ ଅଧ୍ୟାୟରୁ ସଂସ୍କୃତ ଶବ୍ଦ ଯଥା ଜନପଥ, ଅଧିରାଜ, ରାଜାଧିରାଜ ଆଦିକୁ ହଟାଇ ଦିଆଯାଇଛି।

ଜାତୀୟ ଶିକ୍ଷାନୀତି(୨୦୨୦) ଏବଂ ନୂଆ ଏନ୍‌ସିଏଫ୍ ଅନୁଯାୟୀ ଏନ୍‌ସିଇଆର୍‌ଟି ସପ୍ତମ ଶ୍ରେଣୀର ନୂଆ ପାଠ୍ୟପୁସ୍ତକ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ', ପ୍ରଥମ ଭାଗରେ ଅନେକ ପରିବର୍ତ୍ତନ କରିଛି, ଯେଉଁଥିରେ ଭାରତୀୟ ଏବଂ ସ୍ଥାନୀୟ ବିଷୟବସ୍ତୁ ଓ ଲୋକାଚାରକୁ ଗୁରୁତ୍ୱ ଦିଆଯାଇଛି। ପୁସ୍ତକର ମୁଖବନ୍ଧରେ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦୀନେଶ ପ୍ରସାଦ ସାକ୍‌ଲାନ ଲେଖିଛନ୍ତି, 'ଆମ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଆମେ ଚାହୁଁଥିବା ଭାରତୀୟ ସାଂସ୍କୃତିକ ସନ୍ଦର୍ଭ ଆଧାରିତ ମୂଲ୍ୟବୋଧକୁ ପାଠ୍ୟପୁସ୍ତକରେ ସନ୍ନିବେଶିତ କରିବା ସହ ବୟସ ଉପଯୁକ୍ତତା ଅନୁଯାୟୀ ବୈଶ୍ୱିକ ଦୃଷ୍ଟିକୋଣକୁ ସାମିଲ କରିଛୁ'। ଗତବର୍ଷ ଏନ୍‌ସିଇଆର୍‌ଟି ତୃତୀୟ ଓ ଷଷ୍ଠ ଶ୍ରେଣୀ ପାଇଁ ନୂଆ ପୁସ୍ତକ ଆଣିଥିବାବେଳେ ଏଥର ଚତୁର୍ଥ ଓ ସପ୍ତମ ଶ୍ରେଣୀ ପୁସ୍ତକରେ ପରିବର୍ତ୍ତନ କରିଛି। ଆସନ୍ତା ମାସରେ ଉକ୍ତ ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶ ପାଇବ ବୋଲି ଏନ୍‌ସିଇଆର୍‌ଟିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେଥିରେ ଅନେକ ଅତିରିକ୍ତ ବିଷୟ ସାମିଲ ହେବାକୁ ଯାଉଛି।

**ଆଜିର ସମ୍ପାଦକୀୟ**
ଭଡ଼ଭଡ଼




# ଭାରତର ଶକ୍ତି ପ୍ରଦର୍ଶନ, ପାକ୍‌ର ଧମକ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ,୨୭।୪**


ଆଣ୍ଟି-ଶିପ୍ ମିଶାଇଲ୍ ଫାୟାରିଂ ବେଳର ଦୃଶ୍ୟ।

ଭାରତୀୟ ନୌସେନା ରବିବାର ଦୂରଗାମୀ ଲକ୍ଷ୍ୟଭେଦୀ ଆକ୍ରମଣ ପ୍ରସ୍ତୁତିକୁ ଦୋହରାଇବାକୁ ଯାଇ ସମୁଦ୍ରରେ ଅନେକ ଆଣ୍ଟି-ଶିପ୍ ମିଶାଇଲ୍ ଫାୟାରିଂ କରିଛି। ପହଲଗାମ୍ ଆକ୍ରମଣରେ ୨୬ ହିନ୍ଦୁଙ୍କ ପ୍ରାଣହାନିକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବାବେଳେ ସାମୁଦ୍ରିକ ଜଳରାଶି ଉପରେ ଯୁଦ୍ଧପୋତରୁ ଏହି ମିଶାଇଲ ପରୀକ୍ଷଣ କରି ଭାରତ ସବୁ ପ୍ରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ପଡ଼ୋଶୀ ଦେଶକୁ ପରୋକ୍ଷରେ ବାର୍ତ୍ତା ଦେଇଛି। ଏପରିକି ଏହି ଆତଙ୍କବାଦୀ ଆକ୍ରମଣର ଦୃଶ୍ୟ ଦେଖି ଦେଶବାସୀଙ୍କ ରକ୍ତ ତାତିଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହି ପୃଷ୍ଠଭୂମିରେ ପାକିସ୍ତାନ ପଟୁ ତୁହାକୁ ତୁହା ଧମକ ଆସିବାରେ ଲାଗିଛି। ପାକିସ୍ତାନ ମନ୍ତ୍ରୀ ହାନିଫ୍ ଅବ୍ବାସି ଭାରତକୁ ଖୋଲାଖୋଲି ଆଣବିକ ଆକ୍ରମଣର ଧମକ ଦେଇଛନ୍ତି। ଘୋରୀ, ଶାହିନ୍ ଓ ଗଜନବି ମିଶାଇଲ୍ ସମେତ ୧୩୦ ଆଣବିକ ଯୁଦ୍ଧାସ୍ତ୍ରକୁ କେବଳ ଭାରତ ପାଇଁ ପ୍ରସ୍ତୁତ କରି ରଖାଯାଇଥିବା ସେ କହିଛନ୍ତି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଶନିବାର ଭାରତକୁ କୌଣସି ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନର ଜବାବ ଦେବାକୁ ପ୍ରସ୍ତୁତ ବୋଲି କହିଥିଲେ। ସେହିପରି ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଭାରତ ସିନ୍ଧୁ ନଦୀ ଜଳ ବନ୍ଦ କଲେ ରକ୍ତ ବହିବ ବୋଲି ଧମକ ଦେଇଥିଲେ। ଏହାର ଦିନକ ପରେ ଶରିଫଙ୍କ କ୍ୟାବିନେଟରେ ରେଳମନ୍ତ୍ରୀ ଥିବା ହାନିଫ୍ ଅବ୍ବାସି କହିଛନ୍ତି, ଭାରତ ଯଦି ୧୯୬୦ର ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ରଦ୍ଦ କରି ପାକିସ୍ତାନର ପାଣି ରୋକିବାକୁ ଉଦ୍ୟମ କରେ ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିବା ଉଚିତ।



### ୧୩୦ ଆଣବିକ ଯୁଦ୍ଧାସ୍ତ୍ର କେବଳ ଭାରତ ପାଇଁ ରଖିଛୁ: ହାନିଫ୍ ଅବ୍ବାସି

ପାକିସ୍ତାନର ଆଣବିକ ଅସ୍ତ୍ରଗୁଡ଼ିକ କେବଳ ପ୍ରଦର୍ଶନ ପାଇଁ ନୁହେଁ, ସାରା ଦେଶରେ ବିଭିନ୍ନ ସ୍ଥାନରେ ଲୁକ୍କାୟିତ ଭାବେ ଏଭଳି ଅସ୍ତ୍ର ଗଚ୍ଛିତ ରଖାଯାଇଛି। ଭାରତ ଉସୁକାଉଲେ ସେଗୁଡ଼ିକୁ ପ୍ରୟୋଗ କରାଯିବ। ଏହି ଦୂରଗାମୀ କ୍ଷେପଣାସ୍ତ୍ର କେବଳ ଭାରତକୁ ଆକ୍ରମଣ କରିବା ପାଇଁ ଉଦ୍ଦିଷ୍ଟ ବୋଲି ହାନିଫ୍ କହିଛନ୍ତି। ସେହିପରି ପାକିସ୍ତାନ ଭାରତ ପାଇଁ ୨ ଦିନ ହେଲା ନିଜ ବାୟୁସୀମାକୁ ବନ୍ଦ କରିଛି। ଏହି ସ୍ଥିତି ଆଉ ୧୦ ଦିନ ଲାଗିରହିଲେ ଭାରତୀୟ ଏୟାରଲାଇନ୍ସଗୁଡ଼ିକ ଦେବାଳିଆ ହୋଇଯିବେ। ଭାରତର ନିଜ ସୁରକ୍ଷା ବିଫଳତା ଯୋଗୁ ପହଲଗାମ୍ ଆକ୍ରମଣ ଘଟିଲା ବୋଲି ସେମାନେ ସ୍ୱୀକାର କରିବା ପରିବର୍ତ୍ତେ ପାକିସ୍ତାନ ଉପରେ ଦୋଷ ଲଦୁଛନ୍ତି। ଇସ୍‌ଲାମାବାଦ ଏହା ବିରୋଧରେ ନିଆଯାଉଥିବା ଯେକୌଣସି ଆର୍ଥିକ ପଦକ୍ଷେପର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଥିବା ସେ କହିଛନ୍ତି। ହାନିଫଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି, ଯେତେବେଳେ କି ୨ ଦିନ ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ସାକ୍ଷାତକାରରେ ଆତଙ୍କବାଦୀଙ୍କୁ ତାଙ୍କ ଦେଶ ତାଲିମ, ଅସ୍ତ୍ର ପ୍ରଦାନ ଓ ପାଣ୍ଠି ଯୋଗାଣ କରୁଥିବା ବିଷୟ ସ୍ୱୀକାର କରିଥିଲେ।

ଅନ୍ୟପକ୍ଷେ ପହଲଗାମ୍ ଆକ୍ରମଣ ପରେ ଦୁଇଦେଶ ମଧ୍ୟରେ ତିକ୍ତତା ଚରମସୀମାରେ ଥିବାରୁ ପାକିସ୍ତାନ ଯୁଦ୍ଧ ଆଶଙ୍କା କରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅସ୍ତ୍ରଶସ୍ତ୍ର ଓ ସୈନ୍ୟ ଠୁଳ କରିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ତଳେ ରାଜସ୍ଥାନ ସୀମାରେ ଭାରତୀୟ ସେନା ଟ୍ୟାଙ୍କଗୁଡ଼ିକୁ ନେଇ ସୈନ୍ୟମାନେ ସାମରିକ କୌଶଳ ପ୍ରଦର୍ଶନ କରିଥିଲେ। ରବିବାର ଭାରତୀୟ ନୌସେନା ପକ୍ଷରୁ ଏକ୍ସ'ରେ ଏକ ବିବୃତି ଜାରି କରାଯାଇଛି। ଏଥିରେ ଦେଶର ଯୁଦ୍ଧ ପ୍ରସ୍ତୁତିକୁ ମଜଭୁତ୍ କରିବା ଲାଗି ଆଣ୍ଟି-ଶିପ୍ ଫାୟରିଂ କରାଯାଇଥିବା ଉଲ୍ଲେଖ କରାଯାଇଛି। ଏଥିସହ କ୍ଷେପଣାସ୍ତ୍ର ଛଡ଼ାଯିବାବେଳର କେତେକ ଫଟୋ ମଧ୍ୟ ପୋଷ୍ଟ କରାଯାଇଛି।

## 'ପହଲଗାମ୍ ମୃତକଙ୍କୁ ନିଶ୍ଚୟ ନ୍ୟାୟ ମିଳିବ'

**ନୂଆଦିଲ୍ଲୀ,୨୭।୪(ପି.ଟି.)**

**ମୋଦିଙ୍କ ମନ୍ କୀ ବାତ୍**



ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକମାନଙ୍କୁ ନିଶ୍ଚୟ ନ୍ୟାୟ ମିଳିବ। ୨୬ ଜଣ ନିରୀହ ଲୋକଙ୍କୁ ହତ୍ୟା କରିଥିବା ଆତଙ୍କବାଦୀ ଓ ଷଡ଼ଯନ୍ତ୍ରକାରୀମାନଙ୍କୁ ଅତ୍ୟନ୍ତ କଠୋର ଓ ନିର୍ମମ ଦଣ୍ଡ ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ଆକ୍ରମଣର ଦୃଶ୍ୟ ଦେଖି ପ୍ରତ୍ୟେକ ଭାରତୀୟଙ୍କ ରକ୍ତ ଗରମ ହୋଇଛି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଦେଶର ଏକତା ଏବଂ ଏହାର ୧୪୦ କୋଟି ଜନସାଧାରଣଙ୍କ ସମର୍ଥନ ସବୁଠୁ ବଡ଼ ଶକ୍ତି। ଏହି ଏକତା ଆତଙ୍କବାଦ ବିରୋଧରେ ଆମ ନିର୍ଣ୍ଣାୟକ ଲଢ଼େଇର ଆଧାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

କଶ୍ମୀରରେ ଶାନ୍ତି ଫେରିଥିବାବେଳେ ପ୍ରସିଦ୍ଧ ପର୍ଯ୍ୟଟନ ସହର ଉପରେ ଆକ୍ରମଣ ଆତଙ୍କବାଦର ପୃଷ୍ଠପୋଷକମାନଙ୍କର ଭୀରୁତା ଏବଂ ନିରାଶାକୁ ପ୍ରତିଫଳିତ କରୁଛି ବୋଲି ପାକିସ୍ତାନକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି। କଶ୍ମୀରରେ ନିର୍ମାଣ କାର୍ଯ୍ୟରେ ଅଭୂତପୂର୍ବ ଅଗ୍ରଗତି ହେବା ସହ ଗଣତନ୍ତ୍ର ସୁଦୃଢ଼ ହୋଇଛି। ପର୍ଯ୍ୟଟକ ସଂଖ୍ୟାରେ ରେକର୍ଡ ବୃଦ୍ଧି ଘଟିବା ସହ ଲୋକଙ୍କ ଆୟ ବଢ଼ିଛି ଓ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଦେଶ ତଥା ଜମ୍ମୁ-କଶ୍ମୀରର ଶତ୍ରୁମାନେ ଏହାକୁ ପସନ୍ଦ କରୁନାହାନ୍ତି। ଆତଙ୍କବାଦୀ ଓ ଆତଙ୍କବାଦର ମାଷ୍ଟରମାଇଣ୍ଡମାନେ କଶ୍ମୀରକୁ ପୁଣିଥରେ ଧ୍ୱଂସ କରିଦେବାକୁ ଚାହାନ୍ତି। ସେଥିପାଇଁ ସେମାନେ ଏଭଳି ବଡ଼ ଷଡ଼ଯନ୍ତ୍ର କରିଥିବା ମୋଦି କହିଛନ୍ତି।

ଭାରତ କମ୍ ବ୍ୟୟରେ ଓ ସଫଳତାର ସହ ମହାକାଶ କାର୍ଯ୍ୟକ୍ରମ କରାଇ ସାରା ବିଶ୍ୱରେ ଅଗ୍ରଣୀ ଭୂମିକା ନେବା ସହ ଏକ ବୈଶ୍ୱିକ ମହାକାଶ ଶକ୍ତିରେ ପରିଣତ ହୋଇଛି। ଭବିଷ୍ୟତରେ ଏହା ନୂଆ ଶିଖର ଛୁଇଁବାକୁ ଯାଉଛି। ସ୍ପେସ୍ ଷ୍ଟାର୍ଟଅପ୍‌ଗୁଡ଼ିକରେ ଯୁବବର୍ଗ ନୂତନ ସଫଳତା ହାସଲ କରୁଛନ୍ତି। ଏହି କ୍ଷେତ୍ରରେ ୩୨୫ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଗତ ୨୫ ତାରିଖରେ ପ୍ରାଣ ହରାଇଥିବା ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କେ. କସ୍ତୁରୀରଙ୍ଗନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭାରତୀୟ ମହାକାଶ କାର୍ଯ୍ୟକ୍ରମ ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

## ଗାଜାରେ ୫୧ ମୃତ

**ଡେର୍ ଅଲ୍-ବଲାହ, ୨୭।୪**

ଇସ୍ରାଏଲୀ ଏୟାର ଷ୍ଟ୍ରାଇକ୍‌ରେ ୨୪ ଘଣ୍ଟାରେ ଗାଜାରେ ୫୧ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର ସୂଚନା ଦେଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ୧୮ ମାସ ମଧ୍ୟରେ ପାଲେଷ୍ଟିନୀୟଙ୍କ ମୃତ୍ୟୁ ସଂଖ୍ୟା ୫୨ ହଜାର ପାର୍ କରିଛି। ରବିବାର ସୁଦ୍ଧା ଇସ୍ରାଏଲର ଏୟାରଷ୍ଟ୍ରାଇକ୍‌ରେ ୫୨,୨୪୩ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ଗାଜାସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

## ବିମାନରେ ବୋମା ଗୁଜବ, କାନାଡା ନାଗରିକ ଅଟକ

**ବାରାଣସୀ, ୨୭।୪**

ବାରାଣସୀରୁ ବେଙ୍ଗାଲୁରୁ ଯାଉଥିବା ଏକ ଇଣ୍ଡିଗୋ ବିମାନ ଟେକଅଫ୍ କରୁଥିବା ସମୟରେ ସେଥିରେ ବୋମା ଥିବା ନେଇ ରବିବାର କାନାଡାର ଜଣେ ଯାତ୍ରୀ ଦାବି କରିଥିଲେ। ଫଳରେ ବିମାନରୁ ଯାତ୍ରୀମାନଙ୍କୁ ଓହ୍ଲାଯାଇଥିଲା। ଘଟଣାକୁ ନେଇ ବାରାଣସୀ ଏୟାରପୋର୍ଟରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସୁରକ୍ଷା ଅଧିକାରୀମାନେ ଯାଞ୍ଚ ପରେ ବିମାନରୁ କୌଣସି ସନ୍ଦିଗ୍ଧ ବସ୍ତୁ ନ ପାଇବାରୁ ଏହା ପୁଣି ଉଡ଼ାଣ କରିଥିଲା। ଗୁଜବ କରିଥିବା କାନାଡୀୟଙ୍କୁ ପୋଲିସ ଅଟକ ରଖିଛି।

## ଭେଙ୍କୁଭରରେ କାର୍ ମଡ଼ାଇ ୯ ଜଣଙ୍କୁ ହତ୍ୟା

**ଭେଙ୍କୁଭର,୨୭।୪**

କାନାଡାର ବ୍ରିଟିଶ୍ କଲମ୍ବିଆସ୍ଥିତ ଭେଙ୍କୁଭରରେ ଶନିବାର ଲାପୁ-ଲାପୁ ଷ୍ଟ୍ରିଟ୍ ଫେଷ୍ଟିଭାଲ ବେଳେ ଭିଡ଼ ଉପରକୁ ଜଣେ ବ୍ୟକ୍ତି ଦ୍ରୁତଗତିରେ କାର୍ ଚଢ଼ାଇ ଦେଇଛନ୍ତି। ଏଥିରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୩୦ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ତେବେ ଏହା ଆତଙ୍କବାଦୀ କାର୍ଯ୍ୟ ନୁହେଁ ବୋଲି ପୋଲିସ ସ୍ପଷ୍ଟ କରିଛି। ଭେଙ୍କୁଭରରେ ଶନିବାର ସ୍ଥାନୀୟ ସମୟ ରାତି ୮ଟା ୧୪ରେ ଫିଲିପିନୋ ସମ୍ପ୍ରଦାୟର ଲୋକେ ଲାପୁ-ଲାପୁ ଉତ୍ସବ ପାଳୁଥିବାବେଳେ ଇ୪୩ତମ ଆଭେନ୍ୟୁ ଏବଂ ଫ୍ରାସର ଷ୍ଟ୍ରିଟ୍‌ରେ ଏକ କଳାରଙ୍ଗର ଏସ୍‌ୟୁଭି ହଠାତ୍ ମାଡ଼ିଆସିଥିଲା। ଭିଡ଼ ଉପରେ କାର୍ ଚଢ଼ିଯିବାରୁ ଚାହୁଁଚାହୁଁ ୯ ଜଣଙ୍କ ଜୀବନ ଚାଲିଗଲା। ଆହତ ହୋଇଥିବା ଅନ୍ୟୂନ ୨୦ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଲୋକେ କାର୍ ଚାଳକଙ୍କୁ କାବୁ କରିଥିଲେ। ପୋଲିସ ତାଙ୍କୁ ପୂର୍ବରୁ ଜାଣିଥିବା କହିଛି। କାନାଡାରେ ସାଧାରଣ ନିର୍ବାଚନକୁ ୨ ଦିନ ବାକି ଥିବାବେଳେ ଏହା ପୂର୍ବରୁ ଏଭଳି ଘଟଣା ଘଟିଛି। କାନାଡା ପ୍ରଧାନମନ୍ତ୍ରୀ ମାର୍କ କେନି ଘଟଣାର ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ଆହତଙ୍କ ଆଶୁ ଅରୋଗ୍ୟ କାମନା କରିଛନ୍ତି।


ଲାପୁ-ଲାପୁ ଷ୍ଟ୍ରିଟ୍ ଫେଷ୍ଟିଭାଲ ବେଳେ ଭିଡ଼ ଉପରକୁ ଚଢ଼ିଯାଇଥିବା ବ୍ଲାକ୍ ଏସ୍‌ୟୁଭି।

## ୟୁକ୍ରେନ୍‌କୁ ୧୪୯ ଡ୍ରୋନ୍ ଛାଡ଼ିଲା ରୁଷିଆ

**କିଭ୍,୨୭।୪**

ରୁଷିଆ ପକ୍ଷରୁ ରବିବାର ଭୋର ସମୟରେ ୟୁକ୍ରେନ୍ ଉପରେ ୧୪୯ ଡ୍ରୋନ୍ ଛଡ଼ାଯାଇଛି। ଖେର୍‌ସନ ସହରରେ ହୋଇଥିବା ଏହି ଆକ୍ରମଣରେ ଅନ୍ୟୂନ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ତେବେ ସେଥିରୁ ୫୭ଟିକୁ ଖସାଇ ଦିଆଯାଇଥିବାବେଳେ ଅନ୍ୟ ୬୭ ଡ୍ରୋନ୍‌କୁ ଅବରୋଧ କରାଯାଇଥିବା କିଭ୍ କହିଛି। ଯୁଦ୍ଧାବସାନ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆଗ୍ରହ ଉପରେ ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ ସନ୍ଦେହ ବ୍ୟକ୍ତ କରିବା ପରେ ମସ୍କୋ ଏହି ଡ୍ରୋନ୍ ଆକ୍ରମଣ କରିଛି। ଏହା ପୂର୍ବରୁ ରୁଷିଆ କୁର୍କସ୍କ ରିଜିଅନ୍‌ର ଅବଶିଷ୍ଟ ଅଂଶକୁ ପୁନଃ ଦଖଲ କରିଥିବା ଦାବି କରିଥିଲା। ଅନ୍ୟପକ୍ଷେ ସମ୍ପୃକ୍ତ ଅଞ୍ଚଳରେ ଏବେ ବି ଯୁଦ୍ଧ ଜାରି ରହିଥିବା ୟୁକ୍ରେନ୍ କହିଥିଲା।

## 'ପଞ୍ଜାବ ଚାଷୀ ୪୮ ଘଣ୍ଟାରେ ଫସଲ ଅମଳ କରନ୍ତୁ'

**ଚଣ୍ଡିଗଡ଼,୨୭।୪**

ପହଲଗାମ୍ ଆକ୍ରମଣକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ସୀମାନ୍ତ ଜମିରୁ ୪୮ ଘଣ୍ଟା ମଧ୍ୟରେ ଫସଲ ଅମଳ ଶେଷ କରିବାକୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଅଧିକାରୀମାନେ ଶନିବାର ପଞ୍ଜାବ ଚାଷୀଙ୍କୁ କହିଥିବା ଅଭିଯୋଗ ହୋଇଛି। ତେବେ ଏଭଳି କୌଣସି ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ସ୍ଥାନୀୟ ପ୍ରଶାସନ ଏବଂ ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି। ୪୮ ଘଣ୍ଟା ମଧ୍ୟରେ ଗହମ ଫସଲ ଅମଳ କରି ଜମିରୁ ନେଇଯିବା ପାଇଁ ଅମୃତସର, ତରନ୍‌ତାରନ୍, ଫିରୋଜପୁର ଏବଂ ଫାଜିଲ୍‌କା ଜିଲାର ଚାଷୀମାନଙ୍କୁ ଗ୍ରାମ ଗୁରୁଦ୍ୱାରାଗୁଡ଼ିକ ଜରିଆରେ ଘୋଷଣା କରାଯାଇଥିଲା। ସ୍ଥିତି ଅଧିକ ଖରାପ ହେଲେ ଆଗୁଆ ଅଞ୍ଚଳଗୁଡ଼ିକୁ ଯିବା ପାଇଁ ଗେଟ୍ ବନ୍ଦ ହୋଇଯିବ ଏବଂ ସୀମାନ୍ତ ଜମିକୁ ଚାଷୀମାନେ ଯାଇପାରିବେ ନାହିଁ। ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାର ଜିରୋ ଲାଇନ୍ ଏବଂ ଭାରତୀୟ ପାର୍ଶ୍ୱ ସୀମାନ୍ତ ବାଡ଼ ମଧ୍ୟରେ ପଞ୍ଜାବ ଚାଷୀଙ୍କର ପ୍ରାୟ ୪୫,୦୦୦ ଏକର ଜମି ରହିଛି। ବିଏସ୍‌ଏଫ୍ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇ ନ ଥିବାବେଳେ ଏହାର ଅଫିସରମାନେ ସୋମବାର ସନ୍ଧ୍ୟା ସୁଦ୍ଧା ଫସଲ ଉଠାଇବାକୁ କହିଥିବା ଜଣେ ଚାଷୀନେତା ଅଭିଯୋଗ ଆଣିଛନ୍ତି।

## ଭାରତ ଝେଲମ୍‌ରୁ ପାଣି ଛାଡ଼ିବାରୁ ପିଓକେରେ ବନ୍ୟା

**ଇସ୍‌ଲାମାମାଦ,୨୭।୪**

ଭାରତ କୌଣସି ପୂର୍ବ ସତର୍କ ସୂଚନା ନ ଦେଇ ଶନିବାର ଅଚାନକ ଉରି ଡ୍ୟାମ୍‌ରୁ ପାଣି ଛାଡ଼ିଦେବାରୁ ଝେଲମ୍ ନଦୀର ଜଳସ୍ତର ହଠାତ୍ ବଢ଼ିଯାଇ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ସ୍ଥାନୀୟ ଅଧିକାରୀ ଅଭିଯୋଗ କରିଛନ୍ତି। ହଠାତ୍ ଜଳ ଛଡ଼ାଯିବାରୁ ହାଟିଆନ୍ ବାଲା ଜିଲାରେ ୱାଟର ଏମର୍ଜେନ୍ସି ସୃଷ୍ଟି ହୋଇଛି। ନଦୀକୂଳବର୍ତ୍ତୀ ଲୋକେ ଘରଦ୍ୱାର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇଯିବାକୁ ବାଧ୍ୟ ହୋଇଛନ୍ତି। ପାଣି ଜୋର୍‌ରେ ମାଡ଼ିଆସିବାରୁ ଧନଜୀବନର ସୁରକ୍ଷାକୁ ନେଇ ବିଚଳିତ ହୋଇପଡ଼ିଥିଲୁ ବୋଲି ପିଓକେର ଜଣେ ବାସିନ୍ଦା କହିଛନ୍ତି। ପିଓକେ ରାଜଧାନୀ ମୁଜାଫରାବାଦ ଏବଂ ଚାକୋଟିରେ ଅଧିକାରୀମାନେ ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ସତର୍କ କରାଇଛନ୍ତି। ଝେଲମ୍ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଦୂରେଇ ରହିବା ପାଇଁ ମୁଜାଫରାବାଦ ଜିଲା ଅଧିକାରୀ ଏକ ବିବୃତି ଜରିଆରେ ଲୋକଙ୍କୁ ସତର୍କ କରାଇଛନ୍ତି। କୋହାଲା ଏବଂ ଧଲକୋଟ୍‌ର ଖାଲୁଆ ଅଞ୍ଚଳରେ ମଧ୍ୟମ ଧରଣର ବନ୍ୟା ସୃଷ୍ଟି ହୋଇଛି।

## ପହଲଗାମ୍‌ରେ ଏନ୍‌ଆଇଏ ତନାଘନା

**ନୂଆଦିଲ୍ଲୀ,୨୭।୪(ପି.ଟି.)**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲା ସମ୍ପର୍କିତ ତଥ୍ୟପ୍ରମାଣ ଯୋଗାଡ଼ ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉକୁ ଜୋର୍‌ଦାର କରିଛି। ଆକ୍ରମଣ ପଛର ଷଡ଼ଯନ୍ତ୍ର ଦିଗକୁ ଖୋଜିବାହାର କରିବା ଲାଗି ଏନ୍‌ଆଇଏ ସାକ୍ଷୀମାନଙ୍କୁ ପଚରାଉଚରା କରୁଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ନିର୍ଦ୍ଦେଶ ମିଳିବା ପରେ ଏନ୍‌ଆଇଏ ରବିବାର ଜମ୍ମୁରେ ମାମଲା ରୁଜୁ କରିଛି। ଏହାର ଏକାଧିକ ଟିମ୍ ତଦନ୍ତରେ ସାମିଲ ହୋଇଛନ୍ତି। ଗତ ମଙ୍ଗଳବାର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା ପରେ ଏନ୍‌ଆଇଏ ଅଧିକାରୀମାନଙ୍କ ଏକ ଟିମ୍ ଆଇଜିଙ୍କ ନେତୃତ୍ୱରେ ସେଠାରେ ପହଞ୍ଚି ସ୍ଥାନୀୟ ପୋଲିସକୁ ତଦନ୍ତରେ ସହାୟତା କରିଥିଲା। ବୁଧବାରଠାରୁ ଏନ୍‌ଆଇଏ ଟିମ୍ ଆକ୍ରମଣ ସ୍ଥଳରେ ରହି ତଥ୍ୟପ୍ରମାଣ ସଂଗ୍ରହ କରୁଛି। ପର୍ଯ୍ୟଟନ ସ୍ଥଳର ପ୍ରବେଶ ଓ ପ୍ରସ୍ଥାନ ପଥକୁ ଯାଞ୍ଚ କରାଯାଇଛି। ଟିମ୍ ସହ ଫୋରେନ୍‌ସିକ ଓ ଅନ୍ୟ ବିଶେଷଜ୍ଞ ରହିଛନ୍ତି।

# ଅଟ୍ଟାରୀ ଦେଇ ଫେରିଲେଣି ୫୩୭ ପାକିସ୍ତାନୀ


ଅଟ୍ଟାରୀ-ୱାଘା ସୀମା ଦେଇ ଜଣେ ପାକିସ୍ତାନୀ ନିଜ ଦେଶକୁ ଫେରିଯାଉଥିବାବେଳେ ତାଙ୍କ ଭଉଣୀ କାନ୍ଦୁଛନ୍ତି।

**ନୂଆଦିଲ୍ଲୀ,୨୭।୪**

ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନୀମାନଙ୍କୁ ଭାରତ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ତଦନୁଯାୟୀ ୨୪ରୁ ଅଦ୍ୟାବଧି ଅଟ୍ଟାରୀ-ୱାଘା ସୀମା ଦେଇ ୫୩୭ ପାକିସ୍ତାନୀ ନାଗରିକ ଭାରତ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୯ ଜଣ କୂଟନୀତିଜ୍ଞ ରହିଛନ୍ତି। ମା'ଙ୍କୁ ଛାଡ଼ି ପିଲାଙ୍କୁ ପାକିସ୍ତାନ ଫେରିଯିବାକୁ ହେଉଥିବାରୁ ସୀମାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାବେଳେ ଭାରତରେ ରହିଥିବା ପାକିସ୍ତାନୀଙ୍କ ଭିଜା ରଦ୍ଦ କରାଯାଇଥିଲା। ସାର୍କ ଭିଜାଧାରୀଙ୍କ ପାଇଁ ସମୟସୀମା ଏପ୍ରିଲ ୨୬ ରଖାଯାଇଥିଲାବେଳେ ମେଡିକାଲ ଭିଜାଧାରୀଙ୍କ ପାଇଁ ଏହା ଏପ୍ରିଲ ୨୯ ରହିଛି। ୧୨ ପ୍ରକାରର ସ୍ୱଳ୍ପମିଆଦୀ ଭିଜାଧାରୀଙ୍କୁ ରବିବାର ସୁଦ୍ଧା ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏହା ପରେ ଯେଉଁମାନେ ରହିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଯେଉଁମାନେ ଦୀର୍ଘମିଆଦୀ ବା କୂଟନୈତିକ ଭିଜା ପାଇଛନ୍ତି, ସେମାନଙ୍କୁ 'ଭାରତ ଛାଡ଼' ନିର୍ଦ୍ଦେଶନାମାରୁ ବାଦ୍ ଦିଆଯାଇଛି। ତଦନୁଯାୟୀ ଅଟ୍ଟାରୀ-ୱାଘା ସୀମା ଦେଇ ୨୫ ତାରିଖରେ ୧୯୧ ଜଣ ଏବଂ ୨୬ରେ ୮୧ ଜଣ ପାକିସ୍ତାନୀ ଭାରତ ଛାଡ଼ିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ପାକିସ୍ତାନରୁ ୧୪ ଜଣ କୂଟନୀତିଜ୍ଞ ଓ ଅଫିସରଙ୍କ ସମେତ ୮୫୦ ଜଣ ଭାରତୀୟ ଅନ୍ତର୍ଜାତୀୟ ସୀମା ଦେଇ ପାକିସ୍ତାନରୁ ପଳାଇଆସିଲେଣି।

ପଞ୍ଜାବ ସୀମା ଦେଇ ୧୧ ବର୍ଷୀୟ ଜୈନାବ ଏବଂ ୮ ବର୍ଷୀୟା ଜେନିଶଙ୍କୁ ପାକିସ୍ତାନ ପଠାଇଦିଆଯାଇଛି। ସେମାନେ ଦିଲ୍ଲୀରେ ସେମାନଙ୍କ ମାଆଙ୍କୁ ଛାଡ଼ି ଯାଉଥିବାରୁ ଦୁଃଖରେ ଭାଙ୍ଗିପଡ଼ିଥିବା ଦେଖାଯାଇଥିଲା। ମା'ଙ୍କୁ ଛାଡ଼ି ଯିବା ବହୁତ କଷ୍ଟ ବୋଲି ଜୈନାବ ଗଣମାଧ୍ୟମକୁ କାନ୍ଦିକାନ୍ଦି କହୁଥିବା ଦେଖାଯାଇଛି। ସେହିପରି ପାକିସ୍ତାନୀ ନାଗରିକ ସରିତା କନୱେରଙ୍କୁ ତାଙ୍କ ଭାରତୀୟ ନାଗରିକ ମା' ପ୍ରିୟା କନୱେରଙ୍କୁ ଛାଡ଼ିବାକୁ ପଡ଼ିଛି।

### ପ୍ରତ୍ୟାବର୍ତ୍ତନ କଲେଣି ୮୫୦ ଭାରତୀୟ




# ଓପିଏସ୍‌ସି, ଓଏସ୍‌ଏସ୍‌ସି ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

■ ଉଭୟ ଆୟୋଗ ନିଜ ଆଡ଼ୁ ତ୍ରୁଟି ସ୍ୱୀକାର କଲେ
■ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ ପ୍ରକାଶ

କଟକ,୨୭।୪(କାର୍ତ୍ତିକ ସାହୁ)

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଏବଂ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ୨ଟି ବଡ଼ ପ୍ରତିଯୋଗିତାମୂଳକ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଛି। ରବିବାର ଗୋଟିଏ ଦିନରେ ଏହି ୨ଟି ପରୀକ୍ଷାରେ ତ୍ରୁଟି ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରୀକ୍ଷା ସହ ସେମାନଙ୍କ ଭବିଷ୍ୟତ ଜଡ଼ିତ ଥିବାରୁ ଏଭଳି ତ୍ରୁଟି ଚିନ୍ତାର ବାହାରେ ବୋଲି ଅନେକ ପରୀକ୍ଷାର୍ଥୀ ମତ ଦେଇଛନ୍ତି। ଅପରପକ୍ଷେ ୨ଟି ପରୀକ୍ଷା ପରିଚାଳନା କରୁଥିବା ଉଭୟ ଆୟୋଗ ନିଜ ଆଡ଼ୁ ତ୍ରୁଟି ସ୍ୱୀକାର କରି ୱେବସାଇଟ୍ ଜରିଆରେ ପରୀକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିବା କୁହାଯାଇଛି।

ସୂଚନାନୁସାରେ, ସିଭିଲ ସର୍ଭିସ ସେବା ମେନ-୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ପରୀକ୍ଷା ଥିଲା। ପୂର୍ବାହ୍ନ ୯ରୁ ୧୨ଟା ଯାଏ ଆନ୍ଥ୍ରୋପୋଲୋଜି ପ୍ରଥମ ପେପର ଏବଂ ଅପରାହ୍ନ ୨ଟାରୁ ୫ଟା ଯାଏ ଆନ୍ଥ୍ରୋପୋଲୋଜି ଦ୍ୱିତୀୟ ପେପର୍ ପରୀକ୍ଷା ଥିଲା। ପରୀକ୍ଷାର୍ଥୀମାନେ ପ୍ରଶ୍ନୋତ୍ତର ଶିଟ୍ ଖୋଲିବା ପରେ ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା ଏବଂ ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ଅଭିଯୋଗ କରିଛନ୍ତି। ଓପିଏସ୍‌ସି ପକ୍ଷରୁ ୱେବସାଇଟ୍‌ରେ ଅନ୍‌ଲାଇନ ନୋଟିସ ଜରିଆରେ ଏହି ତ୍ରୁଟି ସ୍ୱୀକାର କରାଯାଇଛି।

ସେହିପରି ଓଏସ୍‌ଏସ୍‌ସିର ଏକ୍ସାଇଜ୍ ଓ ଟ୍ରାଫିକ ଏସ୍‌ଆଇ ପଦବୀ ନିମନ୍ତେ ପରୀକ୍ଷା ହୋଇଥିଲା। ପରୀକ୍ଷାର୍ଥୀମାନେ ପରୀକ୍ଷାରେ ଆସିଥିବା ପ୍ରଶ୍ନକୁ ନେଇ ଅଭିଯୋଗ ଉଠାଇବା ପରେ ଆୟୋଗ ତ୍ରୁଟି ସ୍ୱୀକାର କରି ଦୁଃଖପ୍ରକାଶ କରିଛନ୍ତି। ଅନ୍‌ଲାଇନ୍ ନୋଟିସ ଜରିଆରେ କୁହାଯାଇଛି ଯେ, ଆୟୋଗ ଅବଗତ ହେଲେ ଯେ, ରବିବାର ଅନୁଷ୍ଠିତ ବିଭିନ୍ନ ପଦବୀର ମିଳିତ ପରୀକ୍ଷାର (ମୁଖ୍ୟ) ପ୍ରଶ୍ନପତ୍ରରେ ପାଠ୍ୟକ୍ରମର କିଛି ଅଂଶରୁ ପ୍ରଶ୍ନ ପଚରା ଯାଇ ନ ଥିଲା। ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରିଛନ୍ତି ଏବଂ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ପ୍ରତିବଦ୍ଧ। ଅବଶିଷ୍ଟ ଅଂଶ ଯଥା ସାଧାରଣ ଇଂଲିଶ, ଓଡ଼ିଆ ଭାଷା, ସାଧାରଣ ଅଧ୍ୟୟନର କିଛି ଅଂଶକୁ ଅନ୍ତର୍ଭୁକ୍ତ କରି ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଛନ୍ତି। ପରୀକ୍ଷାରେ ଉପସ୍ଥିତ ପରୀକ୍ଷାର୍ଥୀମାନଙ୍କୁ ଆସନ୍ତା ମେ ୪ ତାରିଖ ୨୦୨୫ ପୂର୍ବରୁ ଆୟୋଗର ୱେବସାଇଟ୍ ଏବଂ ଇମେଲ ମାଧ୍ୟମରେ ପ୍ରତିକାରମୂଳକ ପଦକ୍ଷେପ ପାଇଁ ପରାମର୍ଶ ପ୍ରଦାନ କରିବାକୁ ଉତ୍ସାହିତ କରାଯାଉଛି ବୋଲି ନୋଟିସରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ମାସ ୩୦ ତାରିଖରେ ଓପିଏସ୍‌ସି ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପରୀକ୍ଷା ଥିଲା। ଉକ୍ତ ପରୀକ୍ଷାରେ ୧୦୦ ନମ୍ବର ପ୍ରଶ୍ନ ବଦଳରେ ୯୪ ନମ୍ବର ପ୍ରଶ୍ନ ଆସିଥିଲା।

# କଣ୍ଟାବାଞ୍ଜିର ଯଶ୍ ଜୈନ ନିଟ୍ ସୁପର ସ୍ପେଶାଲିଟି ଟପ୍ପର


ଯଶ୍ ଜୈନ

କଣ୍ଟାବାଞ୍ଜି,୨୭।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଯଶ୍ ଜୈନ ନିଟ୍ ସୁପର ସ୍ପେଶାଲିଟି ଏଣ୍ଟ୍ରାନ୍ସ ପରୀକ୍ଷା-୨୦୨୫ରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ସେ ହେଉଛନ୍ତି କଣ୍ଟାବାଞ୍ଜି ଅଞ୍ଚଳର ବ୍ୟବସାୟୀ ସୁନୀଲ ଜୈନ ଓ ପୂଜା ଜୈନଙ୍କ ପୁଅ। ଯଶ୍ ମୁମ୍ବାଇର ଏକ ପ୍ରତିଷ୍ଠିତ ମେଡିକାଲ କଲେଜରୁ ଏମ୍‌ବିବିଏସ୍‌ରେ ୧୪୭(ନିଟ୍)ର ଡିଗ୍ରୀ ହାସଲ ପରେ ମହାରାଷ୍ଟ୍ର ନାଗପୁର ମେଡିକାଲ କଲେଜରେ ସାଧାରଣ ସର୍ଜରିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଯଶ୍‌ଙ୍କ ଏହି ସଫଳତା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ବିଭିନ୍ନ ମହଲରୁ ଯଶ୍ ଓ ତାଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ୧୦ ହଜାର ନଳକୂପରୁ ବାହାରୁଛି ଲୁଣିପାଣି

## କେନ୍ଦ୍ରାପଡ଼ାରେ ଜଳକଷ୍ଟ

**କେନ୍ଦ୍ରାପଡ଼ା ଜିଲାରେ ଖରାତାତି ବଢ଼ିଚାଲିଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ଶୁଖିଲା ପଡ଼ିଛି। ଜନଜୀବନ ପାଇଁ ପାଣି ନାହିଁ। ଜିଲା ପ୍ରଶାସନ ଜନଶୁଣାଣି ଶିବିରରେ ଏ ପ୍ରକାର ଅଭିଯୋଗ ବଢ଼ି ଚାଲିଛି। କେତେକ ସ୍ଥାନରେ ପାନୀୟ ଜଳ ପାଇଁ ଆନ୍ଦୋଳନ ହେଉଛି। ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ନଳକୂପ, ୩୩୧ ପାନୀୟ ଜଳ ପ୍ରକଳ୍ପ, ୧୮୧ ଓଭରହେଡ ଟାଙ୍କି ଜିଲାବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତଥ୍ୟରେ ଉଲ୍ଲେଖ ଅଛି। ହେଲେ ଜିଲାବାସୀଙ୍କ ଶୋଷ ମେଣ୍ଟୁନାହିଁ। କାରଣ ୧୦ ହଜାରରୁ ଅଧିକ ନଳକୂପରୁ ଲୁଣିପାଣି ବାହାରୁଛି। କେନ୍ଦ୍ରାପଡ଼ାକୁ ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାର ସୁଫଳ ଜିଲାବାସୀ ଅନୁଭବ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ପାଣି ଯୋଜନା ଏହି ଜିଲାରେ ଏବେବି ସ୍ୱପ୍ନ ହୋଇ ରହିଥିବା ମତ ମିଳିଛି।**


କେନ୍ଦ୍ରାପଡ଼ା ଜିଲା କଳପଡ଼ାଠାରେ ଲୁଣାନଦୀ ଶୁଖିବାରେ ଲାଗିଛି।

କେନ୍ଦ୍ରାପଡ଼ା,୨୭।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ୭ ନଦୀ ପ୍ରବାହିତ ହେଉଥିବା ସତ୍ତ୍ୱେ ଏଠାରେ ପାନୀୟ ଜଳ ସଙ୍କଟ ଏକ ମୁଖ୍ୟ ସମସ୍ୟା ହୋଇରହିଛି। କାରଣ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ବ୍ୟାରେଜ, ଶିଳ୍ପ, କ୍ଷେତ ୭ ନଦୀରୁ ଜଳ ଶୋଷୁଛି। ଫଳରେ ଜଳଧାରା ହ୍ରାସ ହୋଇଛି। ଏଥିଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଅନ୍ୟପକ୍ଷରେ ସମୁଦ୍ର ତଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲା ହୋଇଥିବାରୁ ଭୂତଳ ଜଳ ଲୁଣି ହୋଇଯାଇଛି। ଗୋଟିଏ ନଳକୂପ ଖୋଳିଲେ ଅନ୍ୟୂନ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସେଥିରୁ ଲୁଣି ପାଣି ବାହାରୁଛି।

ଜିଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି। ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ। ଏଠାରେ ଭୂତଳ ଜଳ ରିଚାର୍ଜ ହୋଇପାରୁ ନ ଥିବାରୁ ପାନୀୟ ଜଳ ଅଭାବ ଦେଖାଦେଇଛି। ଭୂତଳ ଜଳସ୍ତର ରିଚାର୍ଜ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲାକୁ ଜଳଶକ୍ତି ଅଭିଯାନରେ ସାମିଲ କରାଯାଇଛି। ଏହି ଅଭିଯାନରେ ପ୍ରତି ନଳକୂପରେ ସକିଂ ପାଇପ ପିଟ୍ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳ ଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ଏହି ଅଭିଯାନ ଜିଲାର ପ୍ରଶାସନିକ ଅବହେଳା ଯୋଗୁ ଫେଲ୍ ମାରିଛି ବୋଲି ସାମାଜିକ କର୍ମୀ ପ୍ରତାପ ପାଢ଼ୀ, ବିଭୂତି ଭୂଷଣ ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି।

ଅପରପକ୍ଷରେ ୨୦୨୫ ମାର୍ଚ୍ଚ ସୁଦ୍ଧା ଜିଲାର ୨,୯୧,୧୬୦ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ପାରିଲାନାହିଁ। ତେବେ ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଉଠାଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ। ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦି ହୋଇଯାଇଛି। ନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ନିକଟରେ ପାନୀୟ ଜଳ ଯୋଗାଣ ସମ୍ପର୍କରେ ବୈଠକ ହୋଇଥିଲା। ଗ୍ରାମାଞ୍ଚଳରେ ପାଇପ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ତଙ୍କ ଘରେ ପାନୀୟ ଜଳ ପାଇପ ମାଧ୍ୟମରେ ପହଞ୍ଚିବ ବୋଲି ସେ କହିଛନ୍ତି।

# ୧ ଯାଏ ବର୍ଷା, କମିବ ତାତି

ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)

ରାଜ୍ୟରେ ଗରମ ଓ ଗୁଳୁଗୁଳି ଜାରି ରହିଥିବାବେଳେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଦେଉଛି। ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ରେକର୍ଡ କରାଯାଇଥିଲେ ମଧ୍ୟ ବର୍ଷା ହେଉଥିବା ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। କଳାହାଣ୍ଡି ଜୟପାଟନାରେ ୮ ସେ.ମି., ନୂଆପଡ଼ାରେ ୭, ନବରଙ୍ଗପୁରର ରାଇଗଡ଼, ମୟୂରଭଞ୍ଜର ମୁରୁଡା, ବେତନଟ ଓ ନବରଙ୍ଗପୁର ଜିଲାର ପାପଡ଼ାହାଣ୍ଡିରେ ୫ ସେ.ମି. ଲେଖାଏ ବର୍ଷା ହୋଇଛି। ତେବେ ମେ' ୧ ଯାଏ ବିଭିନ୍ନ ଜିଲାରେ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ସହ ବର୍ଷା ହେବାର ସମ୍ଭାବନା ଥିବାରୁ ତାପମାତ୍ରା କ୍ରମଶଃ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

ମିଳିଥିବା ସୂଚନାନୁସାରେ, ରବିବାର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ପ୍ରାୟ ୨-୪ ଡିଗ୍ରୀ ହ୍ରାସ ପାଇଛି। ତେବେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୪ ଡିଗ୍ରୀ ଓ ଉପକୂଳ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ପ୍ରାୟ ୨-୩ ଡିଗ୍ରୀ ଅଧିକ ରହିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଅନ୍ୟ କେତେକ ଜିଲାରେ ତାପମାତ୍ରା ସ୍ୱାଭାବିକ ରହିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବଲାଙ୍ଗୀର ଜିଲାର କିଛି ସ୍ଥାନରେ ଉଷ୍ମ ରାତି ଅନୁଭୂତ ହୋଇଥିଲା।

ସୋମବାର ଅପରାହ୍ନରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ରାୟଗଡ଼ା ଓ କୋରାପୁଟ ଆଦି ଜିଲାରେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରି ଆଦି ଜିଲାରେ ଅପରାହ୍ନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ଏହିସବୁ ଜିଲାଗୁଡ଼ିକରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଜୋଲାପୁଟ ରିଜର୍ଭୟରର ଚମ୍ପାପୁଟ ଘାଟରେ ଡଙ୍ଗା ବୁଡ଼ି ଯୁବକ ମୃତ

## ମୃତଦେହ ଜବତ କଲା ଅଗ୍ନିଶମ ବିଭାଗ


ବଳରାମ ଡୁରୁ

ନନ୍ଦପୁର,୨୭।୪
(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଛଲୁଙ୍ଗ ପଞ୍ଚାୟତର ଜୋଲାପୁଟ ରିଜର୍ଭୟରର ଚମ୍ପାପୁଟ ଘାଟରେ ଡଙ୍ଗା ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅଗ୍ନିଶମ ବିଭାଗ ରବିବାର ସକାଳୁ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଚମ୍ପାପୁଟ ଗ୍ରାମର ବଳରାମ ଡୁରୁ(୪୧)।

ସୂଚନା ଅନୁଯାୟୀ, ବଳରାମ ଶନିବାର ରାତିରେ ଜୋଲାପୁଟ ରିଜର୍ଭୟରର ମଧ୍ୟକୁ ମାଛ ଧରିବାକୁ ଯାଇଥିଲେ। ଅସାବଧାନତାରୁ ଡଙ୍ଗା ବୁଡ଼ିଯିବାରୁ ସେ ନିଖୋଜ ରହିଥିଲେ। ରାତିରେ ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହାପରେ ଡଙ୍ଗା ପାଣିରେ ଭାସୁଥିବା ଓ ବଳରାମ ନିଖୋଜ ଥିବା ନେଇ ତାଙ୍କ ସାନଭାଇ କୃଷ୍ଣଚନ୍ଦ୍ର ଡୁରୁ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସୂଚନା ଅନୁସାରେ ନନ୍ଦପୁର ଅଗ୍ନିଶମ ବାହିନୀ ଓଆଇସି ଚିତ୍ତରଞ୍ଜନ ପାଣ୍ଡିଆ, ଗାଡ଼ି ଚାଳକ ଦିଲେଶ୍ୱର ସିଠିଆ, ଫାୟାରମ୍ୟାନ୍ ରଞ୍ଜନ ମଲ୍ଲିକ ଓ ବିଷ୍ଣୁପ୍ରସାଦ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୩ ଘଣ୍ଟାର ଉଦ୍ୟମ ପରେ ଜଳଭଣ୍ଡାରରୁ ବଳରାମଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପାଡୁଆ ପୋଲିସ ୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ପୂଜା ଖିଲ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।


# ଭୁବନେଶ୍ୱର ଛାଡ଼ିଲେ ପାକିସ୍ତାନୀ ମହିଳା

ଭୁବନେଶ୍ୱର,୨୭।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବିଜେବିନଗରରେ ରହୁଥିବା ପାକିସ୍ତାନୀ ମହିଳା ନଗମା ୟୁସୁଫ୍(୫୫) ରବିବାର ପାକିସ୍ତାନ ଅଭିମୁଖେ ଯାତ୍ରା କରିଛନ୍ତି। ପୋଲିସ ପକ୍ଷରୁ ତାଙ୍କୁ ନୋଟିସ ହୋଇଥିବାବେଳେ ସେ ରବିବାର ପୂର୍ବାହ୍ନରେ ଘର ଛାଡ଼ିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ମହମ୍ମଦ ନିଜାମୁଦ୍ଦିନଙ୍କୁ ନଗମା ୨୦୦୮ରେ ପ୍ରେମ ବିବାହ କରି ଭିଜା ନେଇ ଭୁବନେଶ୍ୱରରେ ପରିବାର ସହ ରହୁଥିଲେ। ୨୦୨୪ରେ ତାଙ୍କର ଭିଜା ଅବଧି ଶେଷ ହୋଇଥିଲା। ଏହାପରେ ସେ ଭିଜିଟର୍ସ ଭିଜାରେ ରହୁଥିଲେ ମଧ୍ୟ ଏହାର ଅବଧି ଗତ ଫେବୃଆରୀରେ ଶେଷ ହୋଇଯାଇଛି। ଭିଜା ନବୀକରଣ କରି ମିଆଦ ବୃଦ୍ଧି ପାଇଁ ମଧ୍ୟ ସେ ଆବେଦନ କରିଥିଲେ। ତେବେ ଗତ ୨୨ତାରିଖରେ କଶ୍ମୀର ପହଲ୍‌ଗାମ୍‌ଠାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ନାଗରିକଙ୍କୁ ୪୮ ଘଣ୍ଟାରେ ଦେଶ ଛାଡିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନଗମା ଏକ୍‌ଜିଟ ପରମିଟ୍ ପାଇଁ ଆବେଦନ କରିଥିଲେ। କମିଶନରେଟ୍ ପୋଲିସ ତାଙ୍କ ଆବେଦନ ଗ୍ରହଣ କରିବା ସହ ଦେଶ ଛାଡ଼ିବାକୁ ନୋଟିସ୍ କରିଥିଲା।

DADLS-
ଓଡ଼ିଶା ସରକାର



ଉତ୍କଳଗୌରବ
ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
ତାରିଖ -୨୮ ଅପ୍ରେଲ ୨୦୨୫

ସକାଳ- ଘ.୯.୪୫ ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସକାଳ ୧୦ ଘଟିକା- ଓଡ଼ିଶା ବିଧାନସଭା ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀ ତଥା ବିଧାୟକମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି-
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
-ସମ୍ମାନନୀୟ ଅତିଥି-
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର
ଶ୍ରୀଯୁକ୍ତ ଗୋଲକ ପ୍ରସାଦ ମହାପାତ୍ର
ଉପଦେଷ୍ଟା, ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍
-ମୁଖ୍ୟବକ୍ତା-
ଶ୍ରୀଯୁକ୍ତ ଦାଶ ବେନହୁର
ବିଶିଷ୍ଟ ସାହିତ୍ୟିକ ଏବଂ ସ୍ତମ୍ଭକାର

ସଭା ପରେ ଲାବଣ୍ୟ ଥିଏଟର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ନାଟକ 'ନିଶୀଥ ସୂର୍ଯ୍ୟ' ପରିବେଷଣ।
ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାଜପାର ଜନମାରଣ ନୀତି ବିରୋଧରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ ସେବା ନିବୃତ୍ତ ସଂଘ ବୈଠକ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଓକିଲ ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଇଏମ୍ ପ୍ୟାରେଣ୍ଟ୍ସ ଆସୋସିଏଶନ ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ, ସ୍ଥାନ: ଇଓଡବ୍ଲ୍ୟୁ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୀତା ବିବାହ ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ

- ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ, ସ୍ଥାନ: ମଧୁସୂଦନ ପାର୍କ, ତୁଳସୀପୁର, ସମୟ: ସକାଳ ୬ଟା ୩୦।
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମଧୁବାବୁଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗୋରାକବର, ସମୟ: ସକାଳ ୭ଟା।
- ହାଇକୋର୍ଟ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଇନଜୀବୀ ଦିବସ ପାଳନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସକାଳ ୯ଟା ୩୦।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର କଟକ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୪ର୍ଥ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟର ପୁଷ୍ପଗିରି ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜନେତା ଶାକ୍ୟସିଂହ ମିଶ୍ରଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶୋକସଭା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ମଧୁସୂଦନ ସାଂସ୍କୃତିକ ପରିଷଦ, ସତ୍ୟଭାମାପୁର ମିଳିତ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ସମାରୋହ, ସ୍ଥାନ: ସତ୍ୟଭାମାପୁର, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳଚକ୍ର ମର୍କତନଗର ଶାଖାର ୧୯ତମ ବାର୍ଷିକ ଉତ୍ସବ ଓ ମଧୁ ଜୟନ୍ତୀ, ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ସିଡିଏ ସେକ୍ଟର-୭ ସରକାରୀ ବିଦ୍ୟାଳୟ ନିକଟ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ, ସ୍ଥାନ: ମହାପାତ୍ର ହାଇସ୍କୁଲ, ରୂପସା, ସମୟ: ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୭ଟା ୩୦।
- ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ପୋଷଣ ଦିବସ ପାଳିତ, ସ୍ଥାନ: ବ୍ଲକ ସଭା ଗୃହ, ବାଲିଆପାଳ, ସମୟ: ସକାଳ ୮ଟା।
- ମଧୁବାବୁ ଜୟନ୍ତୀ ଉତ୍ସବ, ସ୍ଥାନ: ବାର ହଲ୍-୨, କଚେରୀ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ସାହିତ୍ୟ ପତ୍ରିକା 'ସାଗରିକା' ଓ ଗଳ୍ପ ସଙ୍କଳନ 'ମୁଠାଏ ସ୍ୱପ୍ନ'ର ଉନ୍ମୋଚନ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ସ୍ୱାଭିମାନ ଦିବସ ପାଳିତ, ସ୍ଥାନ: ଜଗନ୍ନାଥ ସେବା ସଂସ୍ଥା ପରିସର, ବାଲିଆପାଳ, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ବାର୍ଷିକ ଉତ୍ସବ 'ସାଇ ଫେଷ୍ଟ'ର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ କ୍ୟାମ୍ପସ, ଶ୍ରୀକୋଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପୁରୁଣାକୋର୍ଟ ପରିସର, ଭଦ୍ରକ, ସମୟ: ସକାଳ ୮ଟା।
- ବେଳାଭୂମି ସାହିତ୍ୟ ଓ ପ୍ରତିଭା ପୂଜା ପରିଷଦର ବାର୍ଷିକ ସମାରୋହ ଓ ମୁଖପତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ରାଣୀ କୈଳାସ ଶିଖର କଲ୍ୟାଣ ମଣ୍ଡପ, ବାସୁଦେବପୁର, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀରଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ୪ର୍ଥ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ରତ୍ନମୁଦ, ସ୍ଥାନ : ଅସିଆ, ଛେନାପଦି, ସମୟ: ସକାଳ ୮ ଟା।

## ମୟୂରଭଞ୍ଜ

- ରାଇରଙ୍ଗପୁର ସହିତ ମୟୂରଭଞ୍ଜ ରେଡ୍ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଉଦଳା ଓକିଲ ସଂଘ ସଭାଗୃହ, ସମୟ: ସକାଳ ୯ଟା। ।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ରାଜ୍ୟସ୍ତରୀୟ ମଧୁ ଜୟନ୍ତୀ, ସ୍ଥାନ: ଜିଲା ସିଭିଲ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡାପଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଦୋଛକି, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଗରଦପୁର, ସମୟ: ସକାଳ ସାଢେ ୮ଟା।
- ପଦ୍ମଶ୍ରୀ ବଳିଆ ବାବାଙ୍କ ଆର୍ଶିବଚନ, ସ୍ଥାନ: ଅନନ୍ତ ବଳିଆ ସେବାଶ୍ରମ, କନ୍ତିଆ, ଢ଼ୋଲ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିଭାଲ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ଟା।
- ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ମଧୁସୁଦନ ଦାସଙ୍କ ଜୟନ୍ତୀ ପାଳନ ସମାରୋହ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ ଆଇନଜୀବୀ ଦିବସ, ସ୍ଥାନ : ଯାଜପୁର ରୋଡ କେଏନଡିଏ ସେଲିବ୍ରେଶନ ମଣ୍ଡପ, ସମୟ : ପୂର୍ବାହ୍ନ ସାଢେ ୧୧ଟା।

## ନୟାଗଡ଼

- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ଲକ୍ଷ୍ମଣ ଶକ୍ତି ଭେଦ ଓ ବୀରବାହୁ ବଧ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ:ଗଣିଆ ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ସାଢ଼େ ୭ଟା।
- ନୀଳମାଧବଙ୍କ ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା ।

## ରାୟଗଡ଼ା

- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,ପଦ୍ମପୁର , ସମୟ: ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ପକ୍ଷରୁ ମଧୁସୁଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପାପଡାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳନ, ସ୍ଥାନ: ନବରଙ୍ଗପୁର ଜିଲା ଦୌରା ଜଜ୍ ଅଦାଲତ ପରିସର, ସମୟ: ୧୧ ଟା ୩୦ ।
- ଜିଲା ଓକିଲ ସଂଘର ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ନବରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଥୁବା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କେବିଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ସର୍ଗିଗୁଡ଼ା ପଞ୍ଚାୟତ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଥ ସଞ୍ଚାଳନ କାର୍ଯ୍ୟକ୍ରମ, ସ୍ଥାନ: ନାଲକୋ ଟାଉନଶିପରୁ ମାଥାଲପୁଟ ହାଟପଦା, ସମୟ: ଅପରାହ୍ନ ୩ଟା ୩୦।
- ରଥ ଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପୌରସଭାଗୃହ, ଜୟପୁର, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ରକ୍ତଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାକୋର୍ଟ ପରିସର, ମାଲକାନଗିରି, ସମୟ: ସକାଳ ୮ଟା ୪୫।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ ୮ଟା।
- ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା।
- ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ : ଗୋଶାଳ ଛକ, ସମୟ : ଅପରାହ୍ନ ୫ଟା ୧୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରବିଙ୍କ ରାଶ୍ୟାବସ୍ଥାନ ହେତୁ ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିପାରେ। ମାନସିକ ଅସ୍ଥିରତାଜନିତ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ। ମାଙ୍ଗଳିକ କାମର ତତ୍ପରତା ସାଙ୍ଗକୁ ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବ। ରଚନାତ୍ମକ କାର୍ଯ୍ୟ,ସାହିତ୍ୟ ଚର୍ଚ୍ଚା ଓ ଚଳଚ୍ଚିତ୍ର ସମ୍ବନ୍ଧୀୟ ସମସ୍ୟା ସୁଧୁରିଯିବ।

**ବୃଷ** ବୃହସ୍ପତିଙ୍କ ପ୍ରଭାବରେ ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। କିନ୍ତୁ ଅସ୍ତଗତ ଚନ୍ଦ୍ରଜନିତ କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରିବହନ, ପ୍ରଶାସନ ଓ ପ୍ରକାଶନ, ଆନୁଷ୍ଠାନିକ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ। ଆର୍ଥିକ ସଙ୍କଟ ଦୂରେଇବାରେ ବନ୍ଧୁଙ୍କ ସାହାଯ୍ୟ ଲାଭ କରିପାରନ୍ତି।

**ମିଥୁନ** କର୍ମଭାବରେ ରାଜଯୋଗ ହେତୁ ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ଚନ୍ଦ୍ରଙ୍କ ପ୍ରଭାବରୁ ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ପ୍ରଶାସନ, ସାହିତ୍ୟ ଚର୍ଚ୍ଚା ତଥା ସଙ୍ଗୀତ ଆସରରେ ନିଜକୁ ହଜାଇ ଦେବେ। ଆର୍ଥିକ ଅନଟନ ଯୋଗୁ ପାରିବାରିକ ଜୀବନ କଷ୍ଟପ୍ରଦ ହେବ।

**କର୍କଟ** ମନଖୋଲା କଥା ମାଧ୍ୟମରେ ପରିବାର ଭିତରେ ସୌହାର୍ଦ୍ଦ୍ୟତା ଫେରିଆସିବାର ସମ୍ଭାବନା ରହିଛି। ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ଜିନିଷ କିଣିବାକୁ ମନ ବଳାଇବେ। ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ନିଜ କାମ ହାସଲ କରିବା ସକାଶେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିପାରନ୍ତି।

**ସିଂହ** ବଳହୀନ ଚତୁର୍ଥାଧିପ ଯୋଗୁ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ଆଜି ସକାଳୁ ଭାଇ, ଭଉଣୀ କିମ୍ବା ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଆମଦାନୀ କାରବାର, ପରିବହନ, ଷ୍ଟେସନେରୀ କିମ୍ବା ଫଳ ଦୋକାନୀ ବିଶେଷ ଭାବେ ଲାଭବାନ ହୋଇପାରନ୍ତି।

**କନ୍ୟା** ଏକାଧିକ ଗ୍ରହ ରାଶିକୁ ଦେଖୁଥିବାରୁ ସମସ୍ତ କାମ ସୁବିଧାରେ ସମ୍ପନ୍ନର ପରିବେଶ ସୃଷ୍ଟି ହେବ। ଦେବଗୁରୁ ସ୍ୱ ସ୍ଥାନରୁ ଷଷ୍ଠସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। ମନର ଅକୁହା କଥା ସାଙ୍ଗକୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେବ। କର୍ମକ୍ଷେତ୍ରରେ ଅବେହଳା ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** ଯାହା ଆଜି ପର୍ଯ୍ୟନ୍ତ ପାଉ ନ ଥିଲେ ତାହା ପାଇ ମନ ଏକବାର ଖୁସି ହୋଇଯିବ। ଗୁରୁଙ୍କ ବିପରୀତ ରାଜଯୋଗ ପ୍ରଭାବଜନିତ ଶତ୍ରୁତା କରୁଥିବା ଲୋକଠାରୁ କାମ ହାସଲ କରିନେବେ। ବନ୍ଧୁଗହଣରେ ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବା କାରଣରୁ ସମସ୍ୟା ବଢିପାରେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**ବିଛା** ବ୍ୟୟଭାବସ୍ଥ ଗ୍ରହଦୃଷ୍ଟିରୁ ଆଜିର ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ସହକର୍ମୀଙ୍କ ତରଫରୁ କୌଣସି ସମସ୍ୟା ମନଟାକୁ ଗୋଳମାଳିଆ କରିଦେବାର ଆଶଙ୍କାକୁ ଏଡିହେବ ନାହିଁ। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି।

**ଧନୁ** ଆଜି ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟରେ ନିଜକୁ ମଜାଇ ରଖିପାରନ୍ତି। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବଢ଼ିବ। ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ସହ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଆସିପାରେ।

**ମକର** ପାରିବାରିକ ସ୍ତରରେ ଭୁଲ ବୁଝାମଣା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସ୍ଥଗିତ କାମରେ ଚେଷ୍ଟା ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ନିଜର କିଛି କାମ କରାଇନେବା ସକାଶେ ଜିଦ୍‌ଖୋର ପ୍ରକୃତିରୁ ଅନର୍ଥ ସୃଷ୍ଟି ହେବ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜି ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଉଲ୍ଲସିତ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। କ୍ରୀଡା, ସଙ୍ଗୀତ, ସାହିତ୍ୟରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିଲେ ମଧ୍ୟ ଆପଣଙ୍କୁ କିଛି ଫରକ ପଡିବନାହିଁ।

**ମୀନ** ନିଜର କିଛି ଅସୁବିଧା ନ ଥିଲେ ମଧ୍ୟ ଅନ୍ୟମାନଙ୍କ ଅସୁବିଧା ସୁଧାରିବାକୁ ନେଇ ମନ ଉଦ୍‌ବେଗ ରହିବ। ବନ୍ଧୁଙ୍କ ପରାମର୍ଶରେ ବିଭିନ୍ନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି ହେବନି। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ଘଟିବ।

ଆଜି ଏପ୍ରିଲ ୨୮ ତାରିଖ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ଓକିଲ ଦିବସ, ବୈଶାଖ ଶୁକ୍ଳ ପ୍ରତିପଦା ସୋମବାର, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୩ମି. ଗତେ, ଘ.୦୬।୫୮ମି. ମଧ୍ୟେ, ଘ.୧୦।୨୮ ମି. ଗତେ, ଘ.୦୧।୦୦ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୫୮ ମି. ଗତେ, ଘ. ୦୮।୩୩ ମି. ମଧ୍ୟେ ରାହୁକାଳ।

## କୋଲକାତାରେ କାଳବୈଶାଖୀ, ଭୁବନେଶ୍ୱରରେ ଅବତରଣ କଲା ୮ ବିମାନ

ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)

କୋଲକାତାରେ ଶନିବାର କାଳବୈଶାଖୀଜନିତ ବର୍ଷା ପବନ ହୋଇଥିଲା। ପାଗ ଖରାପ ଯୋଗୁ ଦିଲ୍ଲୀରୁ କୋଲକାତା ଯାଉଥିବା ୮ ବିମାନ ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। ପରେ ୬ଟି ବିମାନ କୋଲାକତା ଉଡାଣ ଭରିଥିବାବେଳେ ଅନ୍ୟ ୨ଟି ବିମାନ ଯାଇପାରି ନ ଥିଲା। ଫଳରେ ଏହି ୨ଟି ବିମାନରେ ଥିବା ପ୍ରାୟ ୨୯୮ଜଣ ଯାତ୍ରୀ ଭୁବନେଶ୍ୱରରେ ଅଟକି ରହିଥିଲେ। ଏପରିକି ପାଗ ସ୍ୱାଭାବିକ ହେବାର ୧୨ ଘଣ୍ଟା ପରେ ବି ବିମାନ ଦ୍ୱୟ ଉଡାଣ ନ ଭରିବାରୁ ଯାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ସ୍ୱାଇସ୍ ଜେଟ୍ ସେବା ଭୁବନେଶ୍ୱର ବିମାନ ବନ୍ଦରରେ ନ ଥିବାରୁ ଅସୁବିଧା ହୋଇଥିଲା। ଦୁଇଟି ସ୍ୱାଇସ୍ ଜେଟ୍‌ର ଯାତ୍ରୀମାନେ ଅଟକି ରହିଥିଲେ। ଉକ୍ତ କମ୍ପାନୀର କର୍ମଚାରୀ ଏଠାରେ ନ ଥିବାରୁ ବିମାନ ବନ୍ଦର ତରଫରୁ ଯାତ୍ରୀଙ୍କୁ ସକାଳେ ଜଳଖିଆ ଖାଇବାକୁ ଦିଆଯିବା ସହ ଆବଶ୍ୟକ ସୁବିଧା କରାଯାଇଥିଲା।

**ଦୁଇ ବିମାନ ଅଟକି ରହିବାରୁ ଉତ୍ତେଜନା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବନ୍ଧ କଡ଼େ ଲୁଣି କିଆ**
**ତୋହର ମୋହର ପରତେ ନାହିଁ**
**କାହିଁକି ହୋଇଛୁ ଠିଆ?**

ବିଶ୍ୱାସକୁ ଆଧାରକରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ହେଲେ ସେହି ବିଶ୍ୱାସରେ ଥରେ ସନ୍ଦେହର ଦାନା ବାନ୍ଧିଲେ ସମ୍ପର୍କର ଭିତ୍ତି ଦୋହଲି ଯାଇଥାଏ। ଦୁହିଁଙ୍କ ମଧ୍ୟରେ ପରସ୍ପର ପ୍ରତି ଥିବା ବିଶ୍ୱାସ ହରାଇଲା ପରେ ଆଉ କେହି କାହାକୁ ଚାହିଁବାକୁ ଇଚ୍ଛା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭୋକ ରଖି ଖା, ଭୋକ ରଖି ଆ,**
**ଚଉଷଠି ବ୍ୟାଧି ପାଖ ନ ଯା'।**

ଭୋକକୁ ଶେଷ କରିବା ପାଇଁ ପେଟପୂରା ଖାଦ୍ୟ ଖାଇବା ଉଚିତ ନୁହେଁ। ଭୋକ କିଛି ମାତ୍ରାରେ ରହିବା ଭଲ ହୋଇଥିବାବେଳେ ପେଟପୂରା ଖାଦ୍ୟ ନ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାଣିରେ ବୁଡ଼ି ଚାଲିଗଲା ୯ଜୀବନ

**ଦଶପଲ୍ଲାରେ ୩, କଟକ ୧, ଭଦ୍ରକ ୧,କେନ୍ଦୁଝରରେ ୨, ବାଳକାଟୀ ୨**

**ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ପାଣିରେ ବୁଡ଼ି ୯ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଦଶପଲ୍ଲାର ଗୋଡ଼ିବିଡ଼ାରେ ୩ଜଣ ନାବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବାବେଳେ, ଭଦ୍ରକ ଜିଲା ତିହିଡ଼ିରେ ହୀରାଘାଇ ନଦୀରେ ବୁଡ଼ି ଜଣେ ୭ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ସେହିପରି କଟକ ଖାନ୍‌ନଗରରେ ଜଣେ ନାବାଳକ ମହାନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇଛନ୍ତି। ଅନ୍ୟଏକ ଘଟଣାରେ କେନ୍ଦୁଝର ଜିଲା ହରିଚନ୍ଦନପୁରଠାରେ ଏକ ଜଳପ୍ରପାତ ନିକଟରେ ଫଟୋ ଉଠାଉଥିବାବେଳେ ଗୋଡ଼ ଖସିଯିବାରୁ ୨ଜଣ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଆଉ ଏକ ଘଟଣା ଭୁବନେଶ୍ୱର ଉପକଣ୍ଠ ବାଳକାଟୀ ନିକଟରେ ଘଟିଛି। ଭାର୍ଗବୀ ନଦୀରେ ୨ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି।**

## ଖେଳୁଥିବା ବେଳେ ପୋଖରୀରେ ବୁଡ଼ିଗଲେ ୩ ନାବାଳକ

ନୟାଗଡ଼/ ଦଶପଲ୍ଲା, ୨୭।୪ (ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଗୋଡିବିଡ଼ା ଗାଁ ପୋଖରୀରେ ବୁଡ଼ି ୩ ନାବାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗୋଡିବିଡ଼ା ଶିମିଳିସାହିର ଉମାକାନ୍ତ ନାୟକ(୧୦), ନୂଆଗାଁ ଥାନା ଖାଲମଡ଼ା ଗାଁର ରିତେଶ ପ୍ରଧାନ(୧୧), ଓଡ଼ଗାଁ ଥାନା ପୋଡ଼ାସାହି ଗାଁର ଶୁଭମ୍ ଖିଲାର(୧୨)। ରିତେଶ ଓ ଶୁଭମ୍ ଉମାକାନ୍ତଙ୍କ ଘରେ ହେଉଥିବା ବାହାଘର ଭୋଜି ଖାଇବାକୁ ଆସିଥିଲେ । ସେମାନେ ସାଙ୍ଗ ହୋଇ ପୋଖରୀ ନିକଟରେ ଖେଳୁଥିଲେ। ହେଲେ ଜଣକ ପରେ ଜଣେ ପୋଖରୀରେ ବୁଡ଼ି ଯାଇଥିଲେ। ଏଭଳି ଅଘଟଣ ଜଣାପଡ଼ିବା ପରେ ଗୋଡ଼ିବିଡ଼ା ଗାଁରେ ଶୋକର ଛାୟା ଖେଳିଯାଇଛି । ଦଶପଲ୍ଲା ଥାନା ପୋଲିସ ମୃତଦେହ ଜବତ କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୫)ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୋଡିବିଡ଼ା ଶିମିଳିସାହିର ବିଜୟ କୁମାର ନାୟକଙ୍କ ଭାଇଙ୍କ ଗତ ଶୁକ୍ରବାର ବାହାଘର ଥିଲା । ଶନିବାର ଭୋଜିର ଆୟୋଜନ କରାଯାଇଥିଲା। ଏଥିପାଇଁ ତାଙ୍କ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଥିଲା। ରବିବାର ସକାଳୁ ବିଜୟଙ୍କ ପୁଅ ଉମାକାନ୍ତଙ୍କ ସହ ବାହାଘରକୁ ଆସିଥିବା ଶୁଭମ୍ ଓ ରିତେଶ ସାଙ୍ଗ ହୋଇ ଗାଁ ପୋଖରୀ ନିକଟରେ ଖେଳୁଥିଲେ । ଏକ ପ୍ଲାଷ୍ଟିକ ପାଇପ୍ ଧରି ଜଣଙ୍କ ପରେ ଜଣେ ପୋଖରୀ ଭିତରକୁ ଦୌଡି ଯାଉଥିଲେ । ଏପରି ଖେଳ ଚାଲିଥିବା ବେଳେ ଆଗରେ ଥିବା ନାବାଳକ ଗଭୀର ପାଣିକୁ ଚାଲିଯାଇ ବୁଡ଼ିଯାଇଥିଲେ। ପରେ ଜଣକ ପରେ ଜଣେ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ୩ଜଣ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ।

## ଜଳପ୍ରପାତରେ ବୁଡ଼ି ୨ ମୃତ

କେନ୍ଦୁଝର, ୨୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଗରଗଡ଼ବାହାଳ ନିକଟ ଚନ୍ଦନଗିରିର ପାଟହରା ଜଳପ୍ରପାତରେ ରବିବାର ପୂର୍ବାହ୍ନରେ ବୁଡ଼ି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲାର ଅତୁଲ ରଞ୍ଜନ ସାହୁ (୨୦) ଓ ରୁଦ୍ର ନାରାୟଣ ମିଶ୍ର (୨୦)। ସେମାନେ କଳିଙ୍ଗନଗରସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରବିବାର ଛୁଟି ଥିବାରୁ ରଞ୍ଜନ ଓ ରୁଦ୍ର ଅନ୍ୟ ୨ ସାଙ୍ଗଙ୍କ ସହିତ ପାଟହରା ଗୁମ୍ଫା ଓ ଜଳପ୍ରପାତ ବୁଲିବାକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଜଳପ୍ରପାତ ନିକଟରେ ଫଟୋ ଉଠାଇବାବେଳେ ଗୋଡ଼ ଖସିଯିବାରୁ ୨୦ଫୁଟ୍ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ହରିଚନ୍ଦନପୁର ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ଦୀର୍ଘ ସମୟ ପରେ ମୃତଦେହ ଠାବ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଫୁଲ୍ଲ ବାର୍ଲା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ପର୍ଯ୍ୟଟନ କେନ୍ଦ୍ର ସରକାରୀସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ନ ଥିଲେ ହେଁ ବର୍ଷତମାମ ଲୋକଙ୍କ ଭିଡ଼ ଜମୁଛି। ଲୋକମାନେ ପାଟହରା ଗୁମ୍ଫା ଦେଖିବା, ଜଳପ୍ରପାତରେ ଗାଧୋଇବା ସହ ଭୋଜିଭାତ କରୁଛନ୍ତି। ଜଳପ୍ରପାତ ତଳକୁ ବିପଦପୂର୍ଣ୍ଣ ଗଣ୍ଡ ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କତା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ପ୍ରଶାସନ ପକ୍ଷରୁ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ହୀରାଘାଇ ନଈରେ ବୁଡ଼ି ବାଳକ ମୃତ

ତିହିଡି,୨୭।୪(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ଦପା ଗ୍ରାମ ନିକଟସ୍ଥ ହୀରାଘାଇ ନଈରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଦେବେନ୍ଦ୍ର ଦାସଙ୍କ ପୁଅ ସ୍ୱରାଜ(୭)। ସୂଚନା ମୁତାବକ, ସ୍ୱରାଜ ଅପରାହ୍ନ ୨ଟାରେ ନଈରେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ପାଣିରୁ ଉଦ୍ଧାର କରି ତିହିଡି ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ସ୍ୱରାଜଙ୍କୁ ମୃତ ଘୋଷଣା କରିଥିଲେ। ତିହିଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଭାର୍ଗବୀରେ ବୁଡ଼ି ୨ ଯୁବକ ମୃତ

ବାଳକାଟୀ,୨୭।୪(ମନୋଜ କୁମାର ମଣ୍ଡଳ)

ଭୁବନେଶ୍ୱର ଉପକଣ୍ଠ ବାଳକାଟୀ ଫାଣ୍ଡି ପଛପଟେ ପ୍ରବାହିତ ଭାର୍ଗବୀ ନଦୀରେ ବୁଡ଼ି ରବିବାର ଅପରାହ୍ନରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ଗଡ଼ ଅଞ୍ଚଳରେ ରହୁଥିବା ଢେଙ୍କାନାଳ ନିହଲ ପ୍ରସାଦ ଅଞ୍ଚଳର ପ୍ରାଣବନ୍ଧୁ ମହାଳିକ (୩୦) ଓ ପୁରୀ ସମୁଦ୍ର କୂଳ ଥାନା ଅଞ୍ଚଳର ଆଶିଷ ବେହେରା (୨୬)। ଏ ସମ୍ପର୍କରେ ବାଳକାଟୀ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ୪/୫ ଜଣ ସାଙ୍ଗ ଭୋଜି ଖାଇ ସାରିବା ପରେ ବାଳକାଟୀସ୍ଥିତ ଭାର୍ଗବୀ ନଦୀକୁ ଅପରାହ୍ନ ୪ଟା ସମୟରେ ଗାଧେଇବାକୁ ଆସିଥିଲେ। ୨ ଜଣ ନଦୀରେ ଗାଧଉଥିବାବେଳେ ଅନ୍ୟମାନେ କୂଳରେ ଠିଆ ହୋଇଥିଲେ। ନଦୀରେ ୨ ସାଙ୍ଗ ବୁଡ଼ି ଯାଉଥିବା ଦେଖି ଅନ୍ୟମାନେ ସ୍ଥାନୀୟ ଲୋକଙ୍କୁ ଡାକିବା ସହ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଭୁବନେଶ୍ୱର କଳ୍ପନା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୨ ଯୁବକଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ୨ ଜଣଙ୍କ ମଧ୍ୟରୁ ଜଣେ ଅଟୋ ଚାଳକ ଓ ଅନ୍ୟ ଜଣେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ଜଣାପଡ଼ିଛି। ଭାର୍ଗବୀ ନଦୀରେ ପ୍ରତିବର୍ଷ ମୁଣ୍ଡ ଗଡୁଥିବାବେଳେ ପ୍ରଶାସନ ପକ୍ଷରୁ ଏଠାରେ ଗାଧେଇବାକୁ କୌଣସି ବାରଣ ନ ଥିବାରୁ ଏପରି ଘଟଣା ଚିନ୍ତାର କାରଣ ପାଲଟିଛି।

## କାଠଯୋଡ଼ିରେ ବୁଡ଼ି ନାବାଳକ ମୃତ

କଟକ,୨୭।୪(କାର୍ତ୍ତିକ ସାହୁ)

କଟକ ଖାନନଗର ପୂଜା ମଣ୍ଡପ ସମ୍ମୁଖ କାଠଯୋଡ଼ି ନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସାଙ୍ଗ ମେଳରେ ଗାଧୋଇବା ବେଳେ ଏଭଳି ଅଘଟଣ ଘଟିଥିଲା। ମୃତ ନାବାଳକ ଖାନନଗର ବେତବିନ୍ଧାଣୀ ସାହିରେ ଭଡ଼ାରେ ରହୁଥିବା ଗଦାଧର ମାଝିଙ୍କ ପୁଅ ସୂର୍ଯ୍ୟକାନ୍ତ ମାଝି(୧୪)। ବକ୍ସିବଜାର ଅଗ୍ନିଶମ ବାହିନୀ ରବିବାର ମଧ୍ୟାହ୍ନ ୧୨ଟା ୧୦ରେ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ନଦୀରେ ଖୋଜାଖୋଜି କରିବା ପରେ ନାବାଳକଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଢୁଛି ପାରିବାରିକ ହତ୍ୟାକାଣ୍ଡ

ବଢ଼ିବାରେ ଲାଗିଛି ଅପରାଧ। ସାମାନ୍ୟ କଥାକୁ କେନ୍ଦ୍ରକରି ଘଟୁଛି ହତ୍ୟାକାଣ୍ଡ। ବିଶେଷକରି ରାଜ୍ୟର ବିଭିନ୍ନ ସ୍ଥାନରେ ପାରିବାରିକ ବିବାଦକୁ କେନ୍ଦ୍ରକରି ଏବେ ବହୁ ହତ୍ୟାକାଣ୍ଡ ଘଟୁଛି। ଗତ ୨୪ଘଣ୍ଟାରେ ଗଞ୍ଜାମ ଜିଲା ଭଞ୍ଜନଗରରେ ଜଣେ ସାନଭାଇଙ୍କୁ ବଡ଼ଭାଇ ହତ୍ୟା କରିଥିବାବେଳେ ଖୋର୍ଦ୍ଧା ଜିଲା ଜଟଣୀରେ ସ୍ତ୍ରୀଙ୍କୁ ହତ୍ୟା କରିବାକୁ ଆସିଥିବାବେଳେ ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଗତ ୧୫ଦିନରେ ପାରିବାରିକ ବିବାଦକୁ କେନ୍ଦ୍ରକରି ୬ରୁ ଉର୍ଦ୍ଧ୍ୱ ହତ୍ୟାକାଣ୍ଡ ଘଟିଲାଣି। ସେଥିମଧ୍ୟରେ ଅଧିକାଂଶ ବଚସାରୁ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।

## ସାନଭାଇଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟି ମାରିଦେଲେ ବଡ଼


ପୋଲିସ ଘଟଣାର ତଦନ୍ତ କରୁଛି।

**ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟି ମାରିଦେଇଛନ୍ତି ବଡ଼ଭାଇ। ମୃତକ ହେଲେ ବଳରାମ ଗୌଡ଼(୩୫)। ଖବର ପାଇ ତାରସିଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖବରରୁ ଜଣାପଡ଼ିଛି, ରଙ୍ଗମିସ୍ତ୍ରି କାମ କରୁଥିବା ବଳରାମ ଭଞ୍ଜନଗରରେ ସ୍ତ୍ରୀ ଏବଂ ପିଲାଙ୍କୁ ନେଇ ରହୁଥିଲେ। ଶନିବାର ରାତିରେ ବଳରାମ କୌଣସି କାମରେ ବ୍ରାହ୍ମଣପଦର ଗ୍ରାମକୁ ଆସିଥିଲେ। ମା’ବାପା ରହୁଥିବା ଘରେ କିଛି ସମୟ ରହିବା ପରେ ସେ ପରିସ୍ରା କରିବାକୁ ଯାଉଛି କହି ଯାଇଥିଲେ। ପରେ ସେ ବଡ଼ଭାଇଙ୍କ ଘରଆଡ଼େ ଯାଇଥିଲେ। ଏହି ସମୟରେ ବଡ଼ଭାଇଙ୍କ ସହ ଘର ସମ୍ମୁଖରେ କୌଣସି କାରଣକୁ ନେଇ ବଳରାମଙ୍କ ବଚସା ହୋଇଥିଲା। ଏହାକୁ ନେଇ ବଡ଼ଭାଇ ଏବଂ ଅନ୍ୟମାନେ ବଳରାମଙ୍କୁ ଗାଁ ଦାଣ୍ଡର ଏକ ଗଛରେ ବାନ୍ଧି ନିହୁକ ମାଡ଼ ମାରିଥିଲେ। ଏହା ତାଙ୍କ ମା’ ଜାଣିବା ପରେ ବଳରାମଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ସେତେବେଳକୁ ବଳରାମଙ୍କ ମୃତ୍ୟୁ ହୋଇ ସାରିଥିଲା। ରବିବାର ସକାଳେ ବଳରାମଙ୍କ ସ୍ତ୍ରୀ ସୁମିତ୍ରା ଏହା ଜାଣିବା ପରେ ଗ୍ରାମରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ବଡ଼ଭାଇଙ୍କୁ ଥାନାକୁ ନେଇ ପୋଲିସ ପଚରାଉଚରା କରିବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା

### ପତ୍ନୀ, ଶାଶୁଙ୍କୁ ହାଣିଲେ, ଶଳାଙ୍କ ଠେଙ୍ଗା ମାଡ଼ରେ ପ୍ରାଣ ଗଲା

**ଭୁବନେଶ୍ୱର/ ଯାଁଳା,୨୭।୪ (ସତ୍ୟଜିତ୍ ରାଉତ/ବୁଲା ବାରିକ)**

ଦାମ୍ପତ୍ୟ ଜୀବନରେ ଲାଗି ରହିଥିବା କଳି ଶେଷରେ ଉଗ୍ରରୂପ ଧାରଣ କରିଛି। ଶ୍ୱଶୁର ଘରେ ଥିବା ସ୍ତ୍ରୀ ଏବଂ ଶାଶୁଙ୍କୁ ଖଣ୍ଡାରେ ଆକ୍ରମଣ କରି ଲହୁଲୁହାଣ କରିଥିବା ଜଣେ ଯୁବକ ଶଳାଙ୍କ ଠେଙ୍ଗା ମାଡ଼ରେ ପ୍ରାଣ ହରାଇଛନ୍ତି। ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡା ପଞ୍ଚାୟତ ଗ୍ରାମଡିହ ଗାଁରେ ଶନିବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଜ୍ୱାଇଁ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ମଣିଗାଁ ଜଟିସାହିର ଦିବାକର ବସ୍ତିଆ। ଦିବାକରଙ୍କ ଆକ୍ରମଣରେ ଗୁରୁତର ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଜେନା ଓ ଶାଶୁ ବିଦ୍ୟୁଲତା ଜେନାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଲକ୍ଷ୍ମୀପ୍ରିୟାଙ୍କ ଭାଇ ରାଜେଶଙ୍କୁ ଅଟକ ରଖି ତଦନ୍ତ କରୁଛି। ଦିବାକରଙ୍କ ସାନଭାଇ ସନ୍ତୋଷଙ୍କ ଏତଲାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା (ନଂ.୧୨୧/୨୦୨୫) ରୁଜୁ କରିଛି। ଅନ୍ୟପକ୍ଷରେ ମୃତ ଦିବାକରଙ୍କ ଶ୍ୱଶୁର ପ୍ରମୋଦଙ୍କ ଏତଲା କ୍ରମେ ପୋଲିସ ଏକ ହତ୍ୟା ଉଦ୍ୟମ ଜନିତ ମାମଲା (ନଂ.୧୨୨/୨୦୨୫) ରୁଜୁ କରି ତଦନ୍ତ କରୁଛି। ତେବେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ପୋଲିସ ଟିମ୍ ଘଟଣାସ୍ଥଳରୁ ଖଣ୍ଡା, ଠେଙ୍ଗା ଓ ରକ୍ତଲଗା କପଡ଼ା ଜବତ କରିଛି। ରାଜେଶଙ୍କୁ ପଚରାଉଚରା ଚାଲିଛି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।


ଦିବାକର ବସ୍ତିଆ

ସୂଚନାନୁଯାୟୀ, ୨୦୨୨ରେ ଗ୍ରାମଡିହ ଗାଁର ଲକ୍ଷ୍ମୀପ୍ରିୟାଙ୍କୁ ଦିବାକର ବିବାହ କରିଥିଲେ। ପରେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ଦିବାକର ମଦ୍ୟପାନ କରି ଅଧିକାଂଶ ସମୟରେ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଫଳରେ କିଛି ମାସ ହେବ ଲକ୍ଷ୍ମୀପ୍ରିୟା ବାପଘରେ ରହୁଥିଲେ। ବାପଘରେ ରହିବା ପରେ ମଧ୍ୟ ଦିବାକର ଏଠାକୁ ଆସି ସ୍ତ୍ରୀଙ୍କୁ ମାରଧର କରୁଥିଲେ। ଶନିବାର ରାତିରେ ଦିବାକର ବାଇକ୍ ଯୋଗେ ଶ୍ୱଶୁର ଘର ନିକଟକୁ ଆସିଥିଲେ। କିଛିଦୂରରେ ବାଇକ୍ ରଖି ଲୁଚି ରହିଥିଲେ। ରାତି ପ୍ରାୟ ୨ଟା ବେଳେ ଘର ପଛପଟେ ଥିବା ଝରକା ଡେଇଁ ଛାତ ଉପରକୁ ଚଢ଼ିଥିଲେ। ପରେ ଶିଡିଘର ଦେଇ ଭିତରେ ପଶିଥିଲେ। ହଠାତ୍ ଲକ୍ଷ୍ମୀପ୍ରିୟାଙ୍କୁ ଦିବାକର ଖଣ୍ଡାରେ ଆକ୍ରମଣ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଚିତ୍କାର ଶୁଣି ତାଙ୍କ ମା’ ବିଦ୍ୟୁଲତା ନିଦରୁ ଉଠିବା ସହ ଦିବାକରଙ୍କୁ ଅଟକାଇଥିଲେ। ଶାଶୁଙ୍କୁ ମଧ୍ୟ ଜ୍ୱାଇଁ ଖଣ୍ଡାରେ ଦୁଇ ଚୋଟ ପକାଇଥିଲେ। ଫଳରେ ବିଦ୍ୟୁଲତାଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହି ସମୟରେ ରାଜେଶ ନିଦରୁ ଉଠି ଏକ ଠେଙ୍ଗା ଧରି ରାଜେଶଙ୍କୁ ନିହୁକ ପିଟିଥିଲେ। ଫଳରେ ଦିବାକର ଶିଡିରୁ ଖସି ତଳେ ପଡ଼ିଯାଇଥିଲେ। ପଡୋଶୀମାନେ ଏନେଇ ଖବର ଦେବା ପରେ ପୋଲିସ ପହଞ୍ଚି ଦିବାକରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୨ ଟଙ୍କା ପାଇଁ ଫୁଟିଲା ଗୁଳି

**ଚାନ୍ଦବାଲି,୨୭।୪(କିଷାନ ପାତ୍ର)**

ସାମାନ୍ୟ ୨ ଟଙ୍କା ପାଇଁ ଯୁକ୍ତିତର୍କ ଆଉ ତା ପରେ ସିଧା ଗୁଳି, ଅଳ୍ପକେ ବର୍ତ୍ତିଲେ ବାପ ପୁଅ। ଏଭଳି ଘଟଣା ଘଟିଛି ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ନାଲଗୁଣ୍ଡା ଛକ ନିକଟରେ। ସୂଚନା ମୁତାବକ, ନାଲଗୁଣ୍ଡା ଛକଠାରୁ କିଛିଦୂରରେ ସାଧୁଚରଣ ବେହେରା ଏକ ପାନଦୋକାନ କରିଥିବା ବେଳେ କୋଲଡ୍ରିଙ୍କ୍ସ ମଧ୍ୟ ବିକ୍ରି କରୁଛନ୍ତି। ରବିବାର ଅପରାହ୍ନ ସମୟରେ ୨ଟି ବାଇକ୍‌ରେ ୬ ଜଣ ଯୁବକ ଆସି ତାଙ୍କୁ କୋଲଡ୍ରିଙ୍କ୍ସ ମାଗିଥିଲେ। କୋଲଡ୍ରିଙ୍କ୍ସ ପିଇସାରିବା ପରେ ଦୋକାନୀ ତାହାର ମୂଲ୍ୟ ୧୨ ଟଙ୍କା କହିଥିଲେ। ବୋତଲରେ ୧୦ଟଙ୍କା ଲେଖାଯାଇଥିବା ବେଳେ ତୁମେ କାହିଁକି ୧୨ ଟଙ୍କା ନେଉଛ ବୋଲି କହି ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ତାପରେ ୬ ଜଣ ଯୁବକ ମିଶି ଦୋକାନୀ ଏବଂ ତାଙ୍କ ପୁଅଙ୍କୁ ମାଡ଼ ମାରିବା ସହ ୨ଟି ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ। ଜୀବନ ବିକଳରେ ବାପପୁଅ ଦୋକାନ ଛାଡି ଦୌଡ଼ିଥିଲେ। ଏହି ସୁଯୋଗରେ ଦୋକାନରେ ଥିବା ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଯୁବକମାନେ ଚମ୍ପଟ ମାରିଥିଲେ। ଖବରପାଇ ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ରାସ୍ତାରେ ଯୁବ ବ୍ୟବସାୟୀଙ୍କୁ ହତ୍ୟା

### ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ବୌଦ୍ଧ,୨୭।୪(ଅଜିତ୍ କୁମାର ବାରିକ)**

ବୌଦ୍ଧ ଜିଲା ଜଗଦୀଶପୁର ଛକ ନିକଟରେ ରବିବାର ଜଣେ ଯୁବ ବ୍ୟବସାୟୀଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି। ସେ ହେଲେ ବୌଦ୍ଧର ମନୋଜ କୁମାର ପାତ୍ର ଓରଫ ମୁନା। ହତ୍ୟାକାଣ୍ଡ ପରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ବୌଦ୍ଧ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିଛି ସମୟ ପରେ ବଜରଙ୍ଗ ଦଳର କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକ କରିବାରୁ ଉତ୍ତେଜନା ଲାଗିରହିଛି। ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ବଜରଙ୍ଗ ଦଳର କର୍ମୀମାନେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ-ବଘିଆପଡା ରାସ୍ତାର ଜଗଦୀଶପୁର ଛକ ନିକଟରେ ଅପରାହ୍ନ ପ୍ରାୟ ୫ଟାରେ ମନୋଜ ଯାଉଥିବାବେଳେ କେତେଜଣ ଯୁବକ ଧାରୁଆ ଅସ୍ତ୍ରରେ ତାଙ୍କ ଛାତିକୁ ହାଣିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତମାନେ ଏକ ସ୍କୁଟିରେ ବସି ବୁଢ଼ୁପାଲି ରାସ୍ତାରେ ଫେରାର ହୋଇଯାଇଥିଲା। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକ କରିଥିଲେ। ଏନେଇ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ୍ କୁମାର ମୁନି କହିଛନ୍ତି, ହତ୍ୟାକାଣ୍ଡର କାରଣ ଅସ୍ୱଷ୍ଟ ରହିଥିବାବେଳେ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ମନୋଜଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ରିପୋର୍ଟ ଲେଖାଯିବା ବେଳକୁ ରାସ୍ତାରୋକ ଜାରି ରହିଛି।


ମନୋଜ କୁମାର ପାତ୍ର

## ମାଓବାଦୀଙ୍କ ସୁଡ଼ଙ୍ଗ ଠାବ

### ଅପରେଶନ କାଗାର ଜାରି

**ମାଲକାନଗିରି,୨୭।୪(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଓ ତେଲଙ୍ଗାନା ସୀମାରେ ଥିବା କେରେଗୁଟା ଜଙ୍ଗଲରେ ମାଓବାଦୀ ନେତା ହିଡମାଙ୍କ ସହ ହଜାରରୁ ଉର୍ଦ୍ଧ୍ୱ ମାଓବାଦୀ ଥିବା ଗୋଇନ୍ଦା ସୂଚନା ପାଇ ଛତିଶଗଡ଼ ଓ ତେଲଙ୍ଗାନା ପୋଲିସ, ସୁରକ୍ଷା କର୍ମୀମାନେ ଗତ ୫ ଦିନ ଧରି ଉକ୍ତ ଜଙ୍ଗଲକୁ ଘେରାବନ୍ଦୀ କରି ରଖିଛନ୍ତି। ଫଳରେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଭୟରେ କେଉଁଠି ଲୁଚି ଯାଇଛନ୍ତି। ତେବେ ସୁରକ୍ଷାକର୍ମୀ ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ଶନିବାର ଏକ ସୁଡ଼ଙ୍ଗ ଠାବ କରିଥିଲେ। ସୁଡ଼ଙ୍ଗ ଭିତରେ ସର୍ଚ୍ଚ ସମୟରେ ମାଓବାଦୀ ସାମଗ୍ରୀ, ରନ୍ଧା ଖାଦ୍ୟ ଇତ୍ୟାଦି ଦେଖିବାକୁ ପାଇଥିଲେ। ସୁରକ୍ଷା କର୍ମୀ ଆସୁଥିବା ସୂଚନା ପାଇ ମାଓବାଦୀମାନେ କିଛି ସମୟ ପୂର୍ବରୁ ସେଠାରୁ ଛତ୍ରଭଙ୍ଗ ଦେଇଥିବା ଜାଣିବାକୁ ମିଳିଥିଲା। ସୁଡଙ୍ଗ ଭିତରୁ ବାହାରକୁ ଯିବାପାଇଁ ତିନୋଟି ରାସ୍ତା ରହିଛି। ଉକ୍ତ ରାସ୍ତାଦେଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି।

ଉକ୍ତ ସୁଡ଼ଙ୍ଗରେ ୧୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ଏବଂ ସେମାନଙ୍କ ମଧ୍ୟରେ ନେତା ହିଡ୍‌ମା ଥିବା ସନ୍ଦେହ କରାଯାଉଛି। ଉକ୍ତ ଅଞ୍ଚଳରେ ଅପରେଶନ କାଗାର ଜାରି ରହିଥିବା ବେଳେ କେବଳ ସ୍ଥଳପଥରେ ନୁହେଁ, ଆକାଶ ମାର୍ଗରେ ହେଲିକପ୍ଟର ଓ ଡ୍ରୋନ୍ କ୍ୟାମେରା ଯୋଗେ ମଧ୍ୟ ମାଓବାଦୀଙ୍କୁ ଗିରଫ କରିବା ପାଇଁ ଉଭୟ ରାଜ୍ୟର ସୁରକ୍ଷା କର୍ମୀମାନେ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି।

ପ୍ରକାଶ ଯେ, ଗତ ଏକ ମାସ ପୂର୍ବେ ମାଓବାଦୀ ସଂଗଠନ ତରଫରୁ ଶାନ୍ତି ବାର୍ତ୍ତା ପାଇଁ ତେଲଙ୍ଗାନା ସରକାରଙ୍କୁ ଜଣାଇଥିଲେ। କିନ୍ତୁ ତାଙ୍କର ଏହି ଶାନ୍ତିବାର୍ତ୍ତାର କୌଣସି ଉତ୍ତର ମିଳିନାହିଁ। ଅପରେଶନ କାଗାରକୁ ସଫଳ କଲେ ଉଭୟ ରାଜ୍ୟ ମାଓବାଦୀ ମୁକ୍ତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଉଭୟ ସରକାର ଅପରେଶନ ଜାରି ରଖିଛନ୍ତି।



କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ। କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ। -ଶ୍ରୀମା



# ଭଡ଼ଭଡ଼

ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମ୍ ଅନ୍ତର୍ଗତ ବୈସରନ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ବିଷୟକୁ ନେଇ ଭାରତରେ ତର୍ଜମା ଚାଲିଛି। ଏଥର ଆତଙ୍କବାଦୀ ଆକ୍ରମଣରେ ସାମରିକ ନୁହେଁ, ବିଶେଷକରି ବେସାମରିକ ବ୍ୟକ୍ତି ବା ୨୬ ସାଧାରଣ ପର୍ଯ୍ୟଟକଙ୍କ ଜୀବନ ଯାଇଛି। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ ଓ କଶ୍ମୀରରେ ଦୀର୍ଘବର୍ଷ ଧରି ଲାଗୁ ହୋଇ ଆସିଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ କେନ୍ଦ୍ର ସରକାର ଉଚ୍ଛେଦ କରିଦେଇଥିଲେ। ତା' ପରଠାରୁ ସରକାରୀ ସ୍ତରରେ ପ୍ରଚାର କରାଯାଉଥିଲା ଯେ ସେଠାରେ ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ଯାଇ ଜମ୍ମୁ ଓ କଶ୍ମୀରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବଲୋକନ କଲେ। ଜମ୍ମୁ ଓ କଶ୍ମୀର ସରକାରଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗତବର୍ଷ ସଂସଦକୁ ଜଣାଇଥିଲେ ଯେ ଗତ ୩ ବର୍ଷ ମଧ୍ୟରେ ସେଠାକାର ପର୍ଯ୍ୟଟନ କ୍ଷେତ୍ରରେ ହାରାହାରି ୧୫.୧୩ ପ୍ରତିଶତ ବୃଦ୍ଧି ଘଟିଛି। ଏପରିକି ଗତ ୬ ମାସ ମଧ୍ୟରେ ୧ କୋଟି ୮ ଲକ୍ଷ ପର୍ଯ୍ୟଟକ ଜମ୍ମୁ ଓ କଶ୍ମୀର ଗସ୍ତ କରିଥିବା ରାଜ୍ୟ ସଭାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବେ ଜଣାଯାଇଛି। ଏଭଳି ସକାରାତ୍ମକ ରିପୋର୍ଟ ପ୍ରକାଶ ପାଇବା ପରେ ଜମ୍ମୁ ଓ କଶ୍ମୀର ବୁଲିଯିବା ପାଇଁ ସମ୍ଭବତଃ ଦେଶବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ହେଲେ ସେହି କେନ୍ଦ୍ର ଶାସିତ ଅଞ୍ଚଳକୁ ନିରାପତ୍ତା ଦୃଷ୍ଟିରୁ ଯେଭଳି ଗୁରୁତ୍ୱ ଦେବା କଥା କେନ୍ଦ୍ର ସରକାର ସେଥିରେ ବିଫଳ ହେବାରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟିଲା ବୋଲି କୁହାଯାଉଛି।

ଦେଖିବାକୁ ଗଲେ ଦକ୍ଷିଣ କଶ୍ମୀରର ପହଲଗାମ୍ ସହରଠାରୁ ଆକ୍ରମଣସ୍ଥଳ ବୈସରନ୍ ପ୍ରାୟ ୫ କିଲୋମିଟର ବାଟ। ସେହି ସ୍ଥାନକୁ ଟ୍ରେକ୍ କରିବା ଲାଗି ପାଦରେ କିମ୍ବା ଘୋଡ଼ା ପିଠିରେ ବସିଯାଇ ହେବ। ଏଥିରୁ ବୁଝିହେଉଛି ଯେ ସେଠାରେ କୌଣସି ଅଘଟଣ ଘଟିଲେ ପର୍ଯ୍ୟଟକଙ୍କୁ ତୁରନ୍ତ ମାନବୀୟ ସହାୟତା ମିଳିବା କଷ୍ଟକର। ପୁଣି କୁହାଯାଉଛି ଅମରନାଥ ଯାତ୍ରା ବେଳକୁ ପ୍ରାୟତଃ ବୈସରନ୍‌କୁ ଲୋକଙ୍କ ପାଇଁ ଖୋଲାଯାଇଥାଏ। ଉଲ୍ଲେଖଯୋଗ୍ୟ, ଅମରନାଥ ଯାତ୍ରା ଜୁଲାଇରୁ ଅଗଷ୍ଟ ଯାଏ ଅନୁଷ୍ଠିତ ହୋଇଥାଏ। ଅନ୍ୟବର୍ଷ ଅପେକ୍ଷା ବୈସରନ୍‌କୁ ଯିବା ଲାଗି ପୂର୍ବରୁ କାହିଁକି ପର୍ଯ୍ୟଟକଙ୍କୁ ସୁଯୋଗ ମିଳିଲା ତାହାକୁ କେନ୍ଦ୍ର ପକ୍ଷରୁ ଉଠିଲାଣି। ଜମ୍ମୁ ଓ କଶ୍ମୀରକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବାକୁ ଲକ୍ଷ୍ୟରେ ରଖାଯାଇ ଯଦି ଏଭଳି ନିଷ୍ପତ୍ତି ନିଆଯାଇଥିବ, ତେବେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାର ଥିଲା। ଯାହା ଶୁଣିବାକୁ ମିଳୁଛି ଏପ୍ରିଲ ୨୨ରେ ସମ୍ପୃକ୍ତ ଅଞ୍ଚଳ ଯେମିତି ଆତଙ୍କବାଦୀଙ୍କ ପାଇଁ ଚରାଭୂଇଁ ଭଳି ଛାଡ଼ି ଦିଆଯାଇଥିଲା। ଏହା ଜଣାଶୁଣା ଯେ ଆକ୍ରମଣକାରୀ ସର୍ବଦା ସୁରକ୍ଷା କେଉଁଠାରେ ଢିଲା ରହିଛି, ତାହାକୁ ଦରାଣ୍ଡୁ ଥାଆନ୍ତି। କୁହାଯାଉଛି ଯେ, ଆତଙ୍କବାଦୀ ଆକ୍ରମଣ ସଂକ୍ରାନ୍ତରେ ସରକାରୀ ଗୋଇନ୍ଦା ସଂସ୍ଥା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ତଥ୍ୟ ଦେଇଥିଲା। ଖବର ପାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଷୟ ଏବେ ଆଶ୍ଚର୍ଯ୍ୟ କରୁଛି।

> କୁହାଯାଇପାରେ ଯେ, ଉରି, ପଠାନ୍‌କୋଟ, ପୁଲଓ୍ୱାମା ଆକ୍ରମଣ ବେଳେ ଯେମିତି ତତ୍ପରତା ଦେଖାଦେଇଥିଲା, ପହଲଗାମ୍ ପରେ ସେମିତି ତତ୍ପରତା ଦେଖିବାକୁ ମିଳିଛି। ଏମିତି ସମୟରେ ଅନେକ ବଡ଼ ବଡ଼ ଭାଷଣ ଶୁଣିବାକୁ ମିଳେ। ପୁଣି ସେଇ କଥାକୁ ସେଇ କଥା। ସେଥିପାଇଁ ଭାରତର କର୍ତ୍ତୃପକ୍ଷ ଏବେ ଭଡ଼ଭଡ଼ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ନୀରବ ରହି ଭିନ୍ନ ପନ୍ଥା ଆପଣାଇବା ବୁଦ୍ଧିମାନର ଲକ୍ଷଣ ଦର୍ଶାନ୍ତା।

ସାମାନ୍ତ ଅଞ୍ଚଳ ଓ ଦୀର୍ଘବର୍ଷ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ବିବାଦୀୟ ଭୂଖଣ୍ଡ ରହିଆସିଥିବା ଜମ୍ମୁ ଓ କଶ୍ମୀର ଉପରେ କେନ୍ଦ୍ର ସରକାର ତୀକ୍ଷ୍ଣ ନଜର ରଖିବାର ଥିଲା। ଏହି ଆକ୍ରମଣରେ ଯେଉଁମାନଙ୍କୁ ପରିବାରବର୍ଗ ସବୁ ଦିନ ପାଇଁ ହରାଇ ବସିଲେ ତାହାର ପୂରଣ କୌଣସି ଅର୍ଥରେ କରାଯାଇ ନ ପାରେ। ସେଥିଭଳି ପାକିସ୍ତାନକୁ ଧମକ ଦେଲେ ତାହାର କେବଳ ବଡ଼ ପ୍ରତିକ୍ରିୟା ସୃଷ୍ଟି ହେଉଥିବ। ଏଇ ଯେମିତି ସିନ୍ଧୁ ନଦୀ ଚୁକ୍ତିକୁ ଭାରତ ବାତିଲ କରିଦେବାରୁ ତାହାର ଜବାବ ଦେବାକୁ ଯାଇ ପାକିସ୍ତାନ ସିମ୍‌ଲା ଚୁକ୍ତିକୁ ମଧ୍ୟ ରଦ୍ଦ କରିଦେଇଛି। ଭାରତର ନେତୃତ୍ୱ ଗୋଟେ ଧମକ ଦେଲା ବେଳକୁ ପାକିସ୍ତାନ ପ୍ରଟୁ ମଧ୍ୟ ଅନୁରୂପ ଅନେକ ତେତାବନୀ ଆସିଛି। ଘଟଣାଟା ଗରମ ଥିବାରୁ ସମ୍ଭବତଃ କିଛିଦିନ ଆରୋପ ପ୍ରତ୍ୟାରୋପ ଲାଗି ରହିପାରେ। ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବା ଲାଗି ଭାରତ ବ୍ୟବସ୍ଥିତ ଢଙ୍ଗରେ କୌଶଳୀନୀ ବାହାର କରିବା ଦରକାର। ଉଦାହରଣ ସ୍ୱରୂପ, ହମାସ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଆକ୍ରମଣ କରିଦେଲା। କିନ୍ତୁ ତା' ପରଠାରୁ ହମାସର ବଂଶ ନିପାତ ଲାଗି ଇସ୍ରାଏଲ ସଂପୂର୍ଣ୍ଣ ରଣକୌଶଳ କରି ତା'ର ଟାର୍ଗେଟ ପୂରଣ କରିବାରେ ଲାଗିଛି। ଦୀର୍ଘ ୧୮ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଯୁଦ୍ଧରେ ଗାଜା ପ୍ରାୟତଃ ଧୂଳିସାତ ହୋଇଗଲାଣି। କିନ୍ତୁ ଏହି ଲମ୍ବା ସମୟ ଯୁଦ୍ଧ ପାଇଁ ଆମେରିକାର ହାତଖୋଲା ସାହାଯ୍ୟ ଇସ୍ରାଏଲକୁ ଟେକି ଧରିଛି। ଅନ୍ୟପକ୍ଷରେ ଏହା ଜଣାଶୁଣା ଯେ ଏବେ ଭାରତ ଯୁଦ୍ଧ କରିବା ସ୍ଥିତିରେ ନାହିଁ। ଯଦି ଯୁଦ୍ଧ ହୁଏ ତେବେ ଭାରତକୁ ସାହାଯ୍ୟ ଯୋଗାଇବା ପାଇଁ କୌଣସି ଦେଶ ଆଗେଇ ଆସିବେ ନାହିଁ। ସେପଟେ ପାକିସ୍ତାନ ଅତ୍ୟନ୍ତ ଦୁର୍ବଳ ହେବା ସତ୍ତ୍ୱେ ଚାଇନାର ଅର୍ଥନୈତିକ ସ୍ୱାର୍ଥ ଥିବାରୁ ସେହି ଦେଶ ଯଥେଷ୍ଟ ସାହାଯ୍ୟ ପାକିସ୍ତାନକୁ ଯୋଗାଇବାର ସମ୍ଭାବନା ରହିଛି। ଏଭଳି ପୃଷ୍ଠଭୂମିରେ କୁହାଯାଇପାରେ ଯେ, ଉରି, ପଠାନ୍‌କୋଟ, ପୁଲଓ୍ୱାମା ଆକ୍ରମଣ ବେଳେ ଯେମିତି ତତ୍ପରତା ଦେଖାଦେଇଥିଲା, ପହଲଗାମ୍ ପରେ ସେମିତି ତତ୍ପରତା ଦେଖିବାକୁ ମିଳିଛି। ଏମିତି ସମୟରେ ଅନେକ ବଡ଼ ବଡ଼ ଭାଷଣ ଶୁଣିବାକୁ ମିଳେ। ପୁଣି ସେଇ କଥାକୁ ସେଇ କଥା। ଲୋକେ ଭୁଲିଯିବା ପାଇଁ ଗଣମାଧ୍ୟମକୁ ନୂଆ ଖୋରାକ ଯୋଗାଇ ଦିଆଯାଏ। ଦେଶ ପୁନର୍ବାର ଅନ୍ୟ ଏକ ଅଘଟଣ ପାଇଁ ଅପେକ୍ଷା କରି ବସିଥାଏ। ସେଥିପାଇଁ ଭାରତର କର୍ତ୍ତୃପକ୍ଷ ଏବେ ଭଡ଼ଭଡ଼ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ନୀରବ ରହି ଭିନ୍ନ ପନ୍ଥା ଆପଣାଇବା ବୁଦ୍ଧିମାନର ଲକ୍ଷଣ ଦର୍ଶାନ୍ତା।

# ପୋକା ପନିପରିବା ଓ କୀଟନାଶକ



ଡ. ପ୍ରମୋଦ କୁମାର ପଣ୍ଡା

ପାଠକ ବନ୍ଧୁ ! ବର୍ତ୍ତମାନ ପନିପରିବାରେ ମାତ୍ରାଧିକ କୀଟନାଶକ ପ୍ରୟୋଗ ଆମ ସମସ୍ତଙ୍କ ସ୍ୱାସ୍ଥ୍ୟକୁ ନଷ୍ଟ କରିବାରେ ଲାଗିଛି। କୀଟନାଶକ ପ୍ରୟୋଗ ହୋଇ ନ ଥିବା ଅବା କୀଟନାଶକଶୂନ୍ୟ ପନିପରିବା ବଜାରରୁ ଚିହ୍ନି କିଣିବା ଖାଉଟିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ପନିପରିବା ଭିତରେ ବାଇଗଣରେ ସର୍ବାଧିକ କୀଟନାଶକ ପ୍ରୟୋଗ ହେଉଥିବାରୁ, ଏହି ସମସ୍ୟାକୁ ବାଇଗଣ ମାଧ୍ୟମରେ ବୁଝିବାକୁ ଚେଷ୍ଟା କରିବା ଆସନ୍ତୁ। ଓଡ଼ିଶାର ପ୍ରାୟ ସବୁ ଜିଲାରେ ବାଇଗଣ ଚାଷ ହୁଏ। ମାତ୍ର ଏହି ଫସଲରେ ଏକ ମୁଖ୍ୟ ସମସ୍ୟା ହେଲା ବାଇଗଣ ଫଳ ଓ କାଣ୍ଡବିନ୍ଧା ପୋକ। ଗଛରେ ଏହି ପୋକ ଲାଗିଲେ ବାଇଗଣକୁ ପୋକା କରିଦିଅନ୍ତି। ଏହାର ବଜାର ଦର କମିଯାଏ ଏବଂ ଚାଷୀଙ୍କର ବିପୁଳ କ୍ଷତି ହୁଏ। ସେହିପରି କାଣ୍ଡବିନ୍ଧା ପୋକ ଗଛର ଅଗ୍ରଭାଗକୁ ଭିତରୁ ଖାଇଦେବା ଦ୍ୱାରା ଡାଳଟି ସମ୍ପୂର୍ଣ୍ଣ ଶୁଖି ଯାଏ। ଫଳରେ ଗଛରେ ନୂଆ ଫୁଲ ଧରେନି। ସେଥିପାଇଁ ଚାଷୀଭାଇମାନେ କୀଟନାଶକ ପ୍ରୟୋଗ କରନ୍ତି। ଏହି କୀଟନାଶକ ମୁଖ୍ୟତଃ ଦୁଇ ପ୍ରକାର। ପ୍ରଥମଟି ସର୍ବାଙ୍ଗଭେଦୀ କୀଟନାଶକ ଓ ଦ୍ୱିତୀୟଟି ସ୍ପର୍ଶଭେଦୀ କୀଟନାଶକ। ସର୍ବାଙ୍ଗଭେଦୀ କୀଟନାଶକ ଗଛରେ କେଉଁ ଏକ ଅଙ୍ଗରେ (ପତ୍ର, ଡାଳ, ଫୁଲ ଓ ଫଳ ଇତ୍ୟାଦି) ପଡିଲେ ବି ସମଗ୍ର ଗଛକୁ ପ୍ରବେଶ କରେ ଓ ଫଳ ମଧ୍ୟରେ ରୁହେଇ। ପୋକ ଗଛର ଯେଉଁ ଅଂଶ ଖାଇଲେ ବି ମରିଯାଏ। ଏହା ସବୁଠୁ ମାରାତ୍ମକ। ଅନ୍ୟ ପକ୍ଷରେ ସ୍ପର୍ଶଭେଦୀ କୀଟନାଶକ ଗଛର ଯେଉଁ ଅଂଶରେ ପଡେ ସେଠି ରହେ ଓ ତାକୁ ବିଷାକ୍ତ କରାଏ। ଗଛର ଅନ୍ୟ ଅଂଶ ବିଷମୁକ୍ତ ଥାଏ। ଏହା ପ୍ରଥମ ତୁଳନାରେ ଅନେକ ଭଲ। ପ୍ରଥମଟିରେ ପୋକ ସମ୍ପୂର୍ଣ୍ଣ ମରିଯାଏ କିନ୍ତୁ ସେଥିରୁ ମିଳୁଥିବା ପନିପରିବାରେ କୀଟନାଶକର ମାତ୍ରା ରହୁ ଥିବାରୁ ସେସବୁ ଖାଇବା ଦ୍ୱାରା ଶରୀରରେ ନାନାବିଧ ରୋଗ ଯଥା କ୍ୟାନ୍‌ସର ପ୍ରଭୃତି ହେବା ସମ୍ଭାବନା ଅଧିକ ଥାଏ।

ପରିସଂଖ୍ୟାନରୁ ଜଣାଯାଏ ଓଡ଼ିଶାରେ ବର୍ତ୍ତକୁ ପ୍ରାୟ ୧୨୪୦୦ କୁଇଣ୍ଟାଲ ଆକ୍ଟିଭ ଇନଗ୍ରେଡିଏଣ୍ଟ କୀଟନାଶକ ବ୍ୟବହାର ହୁଏ। ବଜାରରେ ଉପଲବ୍ଧ ବ୍ୟବସାୟିକ ଉତ୍ପାଦ ହିସାବକୁ ନେଲେ ଏହି ପରିମାଣ ୨/୩ଗୁଣରୁ ଅଧିକ ହେବ। ଆମ ଦେଶରେ ବାଇଗଣ ଫସଲରେ ଉତ୍ପାଦନ ଉତ୍ସରେ ହେକ୍ଟର ପିଛା ୪.୭ କିଲୋ କୀଟନାଶକ ଦ୍ରବ୍ୟଗୁଣ (ଆକ୍ଟିଭ ଇନଗ୍ରେଡିଏଣ୍ଟ) ଅର୍ଥାତ ୯.୨ରୁ ୧୩.୮ କିଲୋ ବଜାର ଉପଲବ୍ଧ କୀଟନାଶକ ବ୍ୟବହାର କରାଯାଉଛି। ଏହା ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ହାନିକାରକ। ଏହି ରାସାୟନିକ କୀଟନାଶକ ପରିବେଶରେ ଥିବା ଲାଭଦାୟକ କୀଟ ଯଥା ମହୁମାଛି, ଭଅଁର, ପ୍ରଜାପତି ଆଦିକୁ ମାରିଦିଅନ୍ତି। ସେମାନଙ୍କ ସଂଖ୍ୟା କମିଗଲେ ଯେଉଁ ଫସଲ ବା ଫଳ ଗଛରେ ପୃଥକ ପୃଥକ ମାଈ ଓ ଅଣ୍ଡିରା ଫୁଲ ଫୁଟେ (ଯଥା ବୋଇତାଳୁ, କଖାରୁ, କାକୁଡ଼ି, କଲରା ପ୍ରଭୃତି) ସେଠାରେ ପରାଗ ସଂଗମ ଠିକ୍ ଭାବେ ହୋଇ ନ ପାରିବାରୁ ଅମଳ କମିଯାଏ। କାରଣ ଏହି ଉପକାରୀ କୀଟ ମୁଖ୍ୟତଃ ପରାଗ ସଙ୍ଗମ କରିଥାନ୍ତି।



ପୋକା ବାଇଗଣର ଅର୍ଥ ହେଉଛି ସେଥିରେ ରାସାୟନିକ କୀଟନାଶକ ପ୍ରୟୋଗ ହୋଇ ନାହିଁ। ବାଇଗଣ ପୋକ ହୋଇଛି ଅର୍ଥ ସେଥିରେ କୀଟନାଶକ ସିଞ୍ଚନ କରାଯାଇନାହିଁ। ପୋକା ବାଇଗଣରେ ପୋକ କୌଣସି ପ୍ରକାର କ୍ଷତିକାରକ ରାସାୟନିକ ପଦାର୍ଥ ଛାଡ଼ି ନଥାଏ। ପୋକା ବାଇଗଣ କିଣି ଘରେ କାଟି ପୋକା ଅଂଶ ଓ ପୋକ ବାହାର କରି ଫିଙ୍ଗିଦେଲେ ଭଲ ଅଂଶକୁ ତରକାରି କରି ଖାଆନ୍ତୁ। ଏହା ଜୈବିକ ଉତ୍ପାଦ ଭଳି ସ୍ୱାସ୍ଥ୍ୟପ୍ରଦ। ଏଣୁ ଯଦି ପୋକର ଅଂଶ କିମ୍ବା ପୋକ ତରକାରିରେ ରହିଯାଏ, ତା ହେଲେ ଏହା ଶରୀର ପାଇଁ କ୍ଷତିକାରକ ନୁହେଁ। ଆମେ ସାଧାରଣତଃ ପୋକା ବାଇଗଣ କିଣନ୍ତି। ମାତ୍ର ଥରେ ଭାବିକି ଦେଖନ୍ତୁ ତ ଦେଶୀ କୁକୁଡ଼ା ପୋକ, ଯୋକ, ଖରାପ ଜିନିଷ କେତେ କ'ଣ ନ ଖାଉଛି ? ମାତ୍ର ତା' ମାଂସକୁ ତ ଆମେ ଆଗ୍ରହରେ ଖାଉଛନ୍ତି। ସେହିପରି ଘୁଷୁରି କେତେ ପଚା, ଶଡ଼ା ଖରାପ ଖାଦ୍ୟ ସବୁ ଖାଉଛି। ମାତ୍ର ଆମେ ତା'ର ମାଂସକୁ ତ ଆରାମରେ ଖାଉଛନ୍ତି, କିନ୍ତୁ ଯେଉଁ ପୋକ ଫୁଲ, ଫଳ, ପନିପରିବା, ମକରନ୍ଦ ଇତ୍ୟାଦି ଖାଉଛି, ତାକୁ ବହୁତ ଘୃଣା କରୁଛନ୍ତି। ଏହା ଆମ ମାନସିକତାର ସମସ୍ୟା। ପୋକା ବାଇଗଣ କିଣି ଖାଇବାରେ ଅସୁବିଧା ନାହିଁ। ଆପଣମାନେ ରୋଗରେ ପଡ଼ିବେ ନାହିଁ। ପୋକା ବାଇଗଣକୁ ବଜାରରୁ ଉଚିତ ମୂଲ୍ୟ ଦେଇ କିଣନ୍ତୁ। ବଜାରରେ ପୋକା ବାଇଗଣ ଯଦି ଅଧିକ ଦରରେ ବିକ୍ରି ହେଲେ ଚାଷୀ ଭାଇ ଆଉ ବାଇଗଣ କିଆରିରେ ଅଧିକ କୀଟନାଶକ ପ୍ରୟୋଗ କରିବେ ନାହିଁ। ଜମିରେ କୀଟନାଶକ ପ୍ରୟୋଗ ନ ହେଲେ ଉପକାରୀ ଜୀବଙ୍କ ସଂଖ୍ୟା ବଢ଼ିବ ଓ ଭଲ ପରାଗ ସଂଗମ ହେବା ଦ୍ୱାରା ଫସଲ ଉତ୍ପାଦନ ଅଧିକ ହେବ। ଆମ ପରିବେଶ ସୁସ୍ଥ ରହିବ। ଆମ ମାଟି ପାଣି ପବନ ଇତ୍ୟାଦି ପ୍ରଦୂଷଣ ମୁକ୍ତ ରହିବ। ମାଟିରେ କୀଟନାଶକ ମାତ୍ରା କମିଲେ ଜିଆ ଓ ଜୈବ ପଦାର୍ଥ ବିଘଟକ କୀଟଙ୍କ ସଂଖ୍ୟା ବୃଦ୍ଧି ହେବ, ଯାହାକି ପରିବେଶ ସୁରକ୍ଷାରେ ବିଶେଷ ଭାବେ ସହାୟକ ହେବ। ଆମକୁ ଏ ବିଷୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି।

କିଛି ଦିନ ପୂର୍ବେ ଓଡ଼ିଶାର ଏକ ପ୍ରମୁଖ ବାଇଗଣ ଚାଷ ହେଉଥିବା ଅଞ୍ଚଳରେ ମୁଁ ଚାଷୀଙ୍କ ସହିତ ଭାବ ବିନିମୟ ସମୟରେ ଜାଣିବାକୁ ପାଇଲି ଯେ ଏବେକାର ଚାଷୀମାନେ ବାଇଗଣରେ ପୋକ ଲାଗିବା ଆଗରୁ ସତର୍କତାମୂଳକ କୀଟନାଶକ ସିଞ୍ଚନ କରୁଛନ୍ତି। ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ମନୁଷ୍ୟ କ୍ଷେତ୍ରରେ ମଧ୍ୟ ସତର୍କତାମୂଳକ ଔଷଧ ଖାଇବାର ବ୍ୟବସ୍ଥା ନାହିଁ କେବଳ ଟିକା ନେବାର ବ୍ୟବସ୍ଥା ଅଛି। ବାଇଗଣ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭୁଲ। ଦ୍ୱିତୀୟରେ ବାଇଗଣ କିଆରିରେ ବାଇଗଣରେ ପୋକ ଲାଗିଲେ କୀଟନାଶକ ସିଞ୍ଚନ କରିବା କଥା ନୁହେଁ। ଯେତେବେଳେ ଏହା ଅର୍ଥନୈତିକ କ୍ଷତି ସୀମା ଟପିବ ତା' ପରେ ଯାଇ କୀଟନାଶକ ସିଞ୍ଚନ କରିବା ଦରକାର। ବାଇଗଣ ପାଇଁ ଅର୍ଥନୈତିକ କ୍ଷତି ସୀମା ହେଉଛି ସମଗ୍ର କିଆରିରେ ଶତକଡ଼ା ୫ ଭାଗ ପୋକା ବାଇଗଣ ଦୃଶ୍ୟମାନ ହେବା କିମ୍ବା ଶତକଡ଼ା ୦.୫ରୁ ୧ ଭାଗ ଗଛ ଅଗ ନଷ୍ଟ ହେବା। ତେଣୁ ଚାଷୀଭାଇ ସେହି ଅନୁସାରେ କୀଟନାଶକ ପ୍ରୟୋଗ କରିବା ଦରକାର। ଏ ତ ଗଲା ବାଇଗଣ କଥା। ଭେଣ୍ଡି, ଫୁଲକୋବି, ବନ୍ଧାକୋବି ଭଳି ସବୁ ପନିପରିବାର କାହାଣୀ ବାଇଗଣ ପରି। ଆମେ ଅଣରାସାୟନିକ ପଦ୍ଧତିରେ କୀଟ ଦମନ କରିପାରିଲେ ସର୍ବୋତ୍ତମ। ମାତ୍ର ପୋକା ଫଳ ଓ ପନିପରିବାକୁ ନିକୃଷ୍ଟ ଭାବିବା ଠିକ୍ ନୁହେଁ। ପୋକା ଫଳ ଓ ପନିପରିବାକୁ ଘୃଣା କରିବା ମାନବ ସମାଜର ଏକ ବଡ଼ ଅଜ୍ଞତା। ତାକୁ ଆମର ମିଳିତ ପ୍ରୟାସରେ ଦୂର କରିବାକୁ ହେବ। ଗଣମାଧ୍ୟମ, ପ୍ରଶାସନ ଏବଂ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏ ଦିଗରେ ସଚେତନତା ସୃଷ୍ଟି କରିପାରିଲେ ଟନ୍ ଟନ୍ ରାସାୟନିକ ବିଷ ଖାଦ୍ୟରେ ପ୍ରୟୋଗ କରିବାକୁ ପଡିବନି ଏବଂ ଚାଷୀର ଚାଷ ଖର୍ଚ୍ଚ ମଧ୍ୟ ବଢ଼ିବ ନାହିଁ।


ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

# ସହସ୍ର ରୂପରେ, ସହସ୍ର କ୍ଷେତ୍ରରେ ମଧୁସୂଦନ



ସୀତାଂଶୁ ମୋହନ ଦ୍ୱିବେଦୀ

ଉତ୍କଳଗୌରବ ମଧୁସୂଦନ ଏବଂ ଉତ୍କଳମଣି ଗୋପବନ୍ଧୁ ଉଭୟ ଭିନ୍ନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉତ୍ସର୍ଗୀକୃତ ପ୍ରାଣ। ଓଡ଼ିଆ ଭାଷା ଅଞ୍ଚଳକୁ ନେଇ ଏକ ନୂତନ ଓଡ଼ିଶା ପ୍ରଦେଶ ଗଠନ ହୋଇପାରିଲେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ଏହି ଲକ୍ଷ୍ୟରେ ମଧୁସୂଦନ ଓ ଗୋପବନ୍ଧୁ ଉତ୍କଳ ସମ୍ମିଳନୀ ଜରିଆରେ ମଧ୍ୟପ୍ରଦେଶ, ବଙ୍ଗ ଏବଂ ମାଡ୍ରାସ ସହିତ ଯୋଡ଼ି ହୋଇ ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲଢ଼େଇ କରିଥିଲେ। ଓଡ଼ିଶା ଜାତୀୟତାବାଦୀ ନେତା ତଥା ଉତ୍କଳର ଆଇନଜ୍ଞ ଓ ଦେଶବରେଣ୍ୟ ନାୟକ ରୂପେ ମଧୁସୂଦନ ଦାସଙ୍କର ଓଡ଼ିଶା ପାଇଁ ସର୍ବଶ୍ରେଷ୍ଠ ଅବଦାନ ରହିଥିଲା। ଜାଗ୍ରତ ପ୍ରହରୀ ମଧୁସୂଦନଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ଋଣମୁକ୍ତ ଅବଦାନ ମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ସମସ୍ତେ ମଧୁବାବୁଙ୍କ ଜନ୍ମଦିବସକୁ ଉକିଲ ଦିବସରେ ସୀମିତ ନ ରଖି ତାଙ୍କୁ ରାଷ୍ଟ୍ର ଦିବସ ରୂପେ ପାଳନ କଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ମଧୁବାବୁ ଥିଲେ ଏକାଧାରରେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିଳ୍ପୋଦ୍ୟୋଗୀ, କଳାପ୍ରେମୀ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ, ଜନନାୟକ ଏବଂ ରାଷ୍ଟ୍ରନାୟକ। ମଧୁବାବୁ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍.ଏ। ସେ ଥିଲେ ପ୍ରଥମ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ। ସେ ଥିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବି କରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ଲେଜିସ୍‌ଲେଟିଭ୍ ସଭା ଏବଂ ବଙ୍ଗଳା ସଭାରେ ସେ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ। ସେ ଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟିଆନ୍ ମଣ୍ଡଳର ସଭାପତି। ମଧୁସୂଦନ ଯେଉଁସବୁ ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠାତା ଥିଲେ, ତାଙ୍କର ସୁଦୀର୍ଘ ତାଲିକାରେ ପ୍ରଥମ ହେଉଛି ଉତ୍କଳ ସମ୍ମିଳନୀ (୧୯୦୩)। ଅନ୍ୟଗୁଡ଼ିକ ହେଲା ଓଡ଼ିଆ ସାହିତ୍ୟ ମଞ୍ଚ, ଉତ୍କଳ ସାହିତ୍ୟ ସମାଜ (୧୯୦୩), କୃଷକମାନଙ୍କ ସୁରକ୍ଷାର ପ୍ରଥମ ଅନୁଷ୍ଠାନ ପ୍ରଜା ପରିଷଦ (୧୯୦୯), ଉତ୍କଳ ଟ୍ୟାନେରୀ (୧୯୦୫), ତାଳଗୁଡ଼ ସଂସ୍ଥା (୧୯୦୪), ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ (୧୯୦୮), ତନ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର (୧୯୦୫), ତାରକସି ଶିଳ୍ପର ଉନ୍ନୟନ ପାଇଁ ଓଡ଼ିଶା ଆର୍ଟସ୍ ପ୍ରତିଷ୍ଠାନ (୧୮୯୭), ପ୍ରାଦେଶିକ ସ୍ତରରେ କ୍ରୀଡ଼ାର ଉନ୍ନୟନ ଓ ସଂଗଠନ ପାଇଁ ଓଡ଼ିଶା ସ୍ଥାୟୀ ରଙ୍ଗମଞ୍ଚ (୧୮୮୭), ବିହାରୀବାଗରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଆ ସଙ୍ଗୀତ ଆସର (୧୮୮୨) ଇତ୍ୟାଦି। ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନ ଦାସଙ୍କ ଗୌରବୋଜ୍ଜ୍ୱଳ ଅବଦାନ ହେଲା ବ୍ରିଟିଶ୍ ସରକାରଙ୍କ ଲୁଟ୍ ଏବଂ ଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହିତ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନ ମହନୀୟ ବ୍ୟବସ୍ଥା ଗ୍ରହଣ। ଏହାଛଡ଼ା ମାନସିଂହ ପାଟଣା ଡକାୟତି ମୋକଦ୍ଦମା, ଖଣ୍ଡପଡ଼ା ଓ କେନ୍ଦୁଝର ରାଜାଙ୍କ ମୋକଦ୍ଦମା, ସୁବର୍ଣ୍ଣମଣି ପାଟଦେଈ, ପଟିଆ ରାଜା, ପୁରୀ ରାଜା ରାମଚନ୍ଦ୍ର ଦେବ ପ୍ରମୁଖଙ୍କ ପୋଷ୍ୟପୁତ୍ର ଗ୍ରହଣ ମୋକଦ୍ଦମାରେ ମଧୁବାବୁଙ୍କ ବିଜ୍ଞତା ଏବଂ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଛନ୍ତି। ମଧୁସୂଦନଙ୍କଠାରୁ ଆରମ୍ଭ ହୋଇଛି ଓଡ଼ିଆମାନଙ୍କ ରାଜନୈତିକ ପରମ୍ପରା ଓ ପ୍ରଥମେ ଓଡ଼ିଆମାନଙ୍କୁ ମିଳିଥିଲା ରାଜନୈତିକ କ୍ଷେତ୍ରରେ ପ୍ରବେଶ କରିବାର ମୁକ୍ତ ଅଧିକାର। ଓଡ଼ିଶାର



ପ୍ରାଣ ପ୍ରତିଷ୍ଠାତା, କୁଳବୃଦ୍ଧ ମଧୁସୂଦନଙ୍କର ସମଗ୍ର ଭାରତବର୍ଷରେ ଅନେକ ଭାବଗ୍ରାହୀ ପ୍ରଶଂସକ ଥିଲେ। ସେମାନଙ୍କ ମଧ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ମୋତିଲାଲ ନେହରୁ, ଦେଶବନ୍ଧୁ ଚିତ୍ତ ରଞ୍ଜନ ଦାସ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଅଗ୍ରଗଣ୍ୟ। ଦେଶମାତୃକାର ସେବାରେ ନିୟୋଜିତ କରିବାରେ ତାଙ୍କ ଅବଦାନ ଅତୁଳନୀୟ।

୧୯୦୩ରେ ମଧୁବାବୁ କଂଗ୍ରେସରୁ ଅଲଗା ହୋଇ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ। ଓଡ଼ିଆ ଭାଷା ଅଞ୍ଚଳକୁ ଏକତ୍ର କରି ନୂତନ ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ଆପ୍ରାଣ ଚେଷ୍ଟା କରିଥିଲେ। ସେତେବେଳେ ଓଡ଼ିଶାର କିଛି ଅଂଶ ପ୍ରଶ୍ନିମଙ୍କ ସହିତ ଏବଂ ଆଉ କିଛି ଅଂଶ ବିହାର ଓ ମଧ୍ୟପ୍ରଦେଶ ସହିତ ମିଶି ରହିଥିଲା। ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଇଂରେଜ ସରକାର ୧୯୦୪ରେ ତାଙ୍କୁ 'ଭାରତ ସାମ୍ରାଜ୍ୟର ସାଥୀ' ଉପାଧିରେ ଭୂଷିତ କରିଥିଲେ। ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାଡ୍ରାସ ସହିତ ମିଶି ରହିଥିବା ଉତ୍କଳର ବିଭିନ୍ନ ଅଞ୍ଚଳକୁ ମିଶାଇବା ଲାଗି ଯେଉଁ ଆନ୍ଦୋଳନ ହୋଇଆସୁଥିଲା, ତାହା ଓଡ଼ିଆ ଆନ୍ଦୋଳନ ନାମରେ ପରିଚିତ। ୧୮୯୫ରେ ସାର୍ ଜନ୍ ଉଡ୍ କର୍ଣ୍ଣ ସମ୍ବଲପୁରରୁ ଓଡ଼ିଆ ଭାଷା ଉଠାଇ ହିନ୍ଦୀଭାଷା ପ୍ରଚଳନ ପାଇଁ ଆଦେଶ ଦେଇଥିଲେ। ମଧୁବାବୁଙ୍କ ଅଦମ୍ୟ ପ୍ରଚେଷ୍ଟା ଫଳରେ ୧୯୦୫ରେ ସମ୍ବଲପୁର ଉତ୍କଳ ସହିତ ମିଶ୍ରଣ ହୋଇଥିଲା। ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ପତ୍ରିକା ମାଧ୍ୟମରେ ଅବହେଳିତ ଉତ୍କଳର ସ୍ୱାଭିମାନ ଫେରାଇ ଆଣିବା ପାଇଁ ସେ ଆନ୍ଦୋଳନ ଚଳାଇ ଆସିଥିଲେ। ମଧୁବାବୁ ମଧ୍ୟ ସାଇମନ୍ କମିଶନ, ଓଡନେଲ କମିଟି ଓ ହବାକ୍ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ। ୧୯୨୭ରେ ସାଇମନ୍ କମିଶନ ଆଗରେ ମଧୁବାବୁ ତାଙ୍କର ଅନ୍ୟ ସହଯୋଗୀ ବନ୍ଧୁମାନଙ୍କ ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଜଣାଇଥିଲେ। ୧୯୩୧ରେ ସରକାର 'ଓଡନେଲ କମିଟି' ମାଧ୍ୟମରେ ଓଡ଼ିଶାର ନ୍ୟାଯ୍ୟ ଦାବି ସମ୍ପର୍କରେ ଅନୁସନ୍ଧାନ କଲେ। ଏହି କମିଟି ସୁପାରିସ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଲା। ୧୯୩୬ ଏପ୍ରିଲ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା। କିନ୍ତୁ ତା' ପୂର୍ବରୁ ମଧୁବାବୁ ମୃତ୍ୟୁବରଣ କରିଥିଲେ।

ମଧୁସୂଦନ ଥିଲେ ସ୍ୱଦେଶୀ ଶିଳ୍ପୀ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ। ତେଣୁ ସେ ତାରକସି ଶିଳ୍ପର ବିକାଶ ପ୍ରତି ଯଥେଷ୍ଟ ଦୃଷ୍ଟି ଦେଇଥିଲେ। ମଧୁବାବୁ ଓଡ଼ିଶାର ଚମଡ଼ା କାରିଗରମାନଙ୍କର ମାନରେ ଉନ୍ନତି ଆଣିବା ପାଇଁ କଟକରେ ୧୯୦୫ରେ 'ଉତ୍କଳ ଟ୍ୟାନେରୀ' ନାମରେ ଚମଡ଼ା ଶିଳ୍ପ କାରଖାନା ଗଢ଼ିଥିଲେ। ସେ ନିଜେ ସେହି ଚମଡ଼ା କାରଖାନାରେ ଅନ୍ୟାନ୍ୟ କାରିଗରଙ୍କ ସହ ଶାରୀରିକ ପରିଶ୍ରମ କରୁଥିଲେ। ମଧୁବାବୁ ମନେକରିଥିଲେ ଯେ, ଯଦି ଓଡ଼ିଶା ନିର୍ମିତ ଜୋତା ଉତ୍କଳୀନ ରକ୍ଷା ନ କରେ, ତା'ହେଲେ ତାହା ଓଡ଼ିଆ ଜାତି ପ୍ରତି ଲଜ୍ଜାକର ହେବ। ମଧୁବାବୁ ହେଉଛନ୍ତି ଓଡ଼ିଶାର ତିରକାଳର ବର୍ତ୍ତମାନ, ଯାହାଙ୍କର ନିରବଚ୍ଛିନ୍ନ ଅବଦାନ ଓଡ଼ିଆଙ୍କୁ ମହିମାମଣ୍ଡିତ କରିଛି। ସେତେ ଦିନ ପର୍ଯ୍ୟନ୍ତ ଓଡ଼ିଶା ତିଷ୍ଠି ରହିଥିବ, ଯୁଗ୍‌ବେଦୀନ ସମ୍ରାଟ ଉତ୍କଳ ଗୌରବ ମଧୁବାବୁ ମୃତ୍ୟୁଞ୍ଜୟ ହୋଇ ରହିଥିବେ। ମଧୁବାବୁଙ୍କ ପ୍ରଚେଷ୍ଟା ଯୋଗୁ ଭାରତୀୟ ନାଗରୀକେ ପାଇଥିଲେ ଆଇନଗତ ବୃତ୍ତି ଗ୍ରହଣର ଯୁଗାନ୍ତକାରୀ ଅଧିକାର ୧୯୨୩ ସାଲରେ। ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନାରେ ଇଂରେଜ ସରକାରଙ୍କର ଅଧିକାରକୁ ପ୍ରତିହତ କରିଥିଲେ ମଧୁସୂଦନ ଆଇନଗତ ସଂଗ୍ରାମରେ, ଯେଉଁଥିପାଇଁ ସମଗ୍ର ଓଡ଼ିଆ ଜାତି ତାଙ୍କ ନିକଟରେ କୃତଜ୍ଞ ରହିବ। ଏହାଛଡ଼ା ମଧୁସୂଦନ ଥିଲେ ଗଡ଼ଜାତ ଶାସନ ବ୍ୟବସ୍ଥାର ଦୃଢ଼ ସମାଲୋଚକ। ଭାରତର ପ୍ରଖ୍ୟାତ ଜାତୀୟତାବାଦୀ ନେତା ମଧୁସୂଦନଙ୍କର ଜଣେ ଦେଶବତ୍ସଳ ନାୟକ ରୂପେ ସର୍ବଶ୍ରେଷ୍ଠ ଅବଦାନ ଥିଲା। ଜଣେ ଆଇନଜୀବୀ ଭାବେ ତାଙ୍କ ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ତଥା ଗରିମାମୟ, ଯାହା ଦେଶବାସୀଙ୍କୁ କାଳକାଳକୁ ମାର୍ଗଦର୍ଶନ କରୁଥିବ।

ମୋ: ୯୯୩୭୦୮୦୦୦୧

## ଏଇ ଭାରତରେ

ଖାଉଛିବେ ପୋଷାକ ଖଣ୍ଡେ ପିନ୍ଧି ନିଦିନିଆ କାମ କରୁଥିବେ, କିଛି ସମୟ ପରେ ଦେହରେ ଆପେଆପେ ଏସିର ଥଣ୍ଡା ପବନ ବାଜିବା ଭଳି ଅନୁଭବ ହେବ। ଏମିତି ଏକ କଥାକୁ କଳ୍ପନା ବୋଲି ଭାବୁଛନ୍ତି କି! ଆଦୌ ନୁହେଁ। ବିହାରର ଭାଗଲପୁରରେ ଏପରି ଏକ ସ୍ୱତନ୍ତ୍ର ଧରଣର କପଡା ପ୍ରସ୍ତୁତ କରାଯାଇଛି, ଯାହା ଥଣ୍ଡା ଅନୁଭବ ଆଣିଦେଇପାରିବ। ଏଠାକାର ବୁଣାକାରମାନେ ଖରାଦିନ ପାଇଁ ସ୍ୱତନ୍ତ୍ରଭାବେ ଏଭଳି ବିଭିନ୍ନ ପ୍ରକାର କପଡ଼ା ତିଆରି କରିଛନ୍ତି। ଜଣେ ବୁଣାକାର ହେମନ୍ତ କୁମାର କହିଛନ୍ତି ଯେ ସାରା ଦେଶରେ ଭାଗଲପୁର କପଡାର ସ୍ୱତନ୍ତ୍ର ଚାହିଦା ରହିଛି। ତେଣୁ କିଛି ନୂଆ ଢଙ୍ଗରେ କପଡ଼ା ତିଆରି କରିବା ପାଇଁ ବୁଣାକାରମାନେ ସବୁବେଳେ ଚେଷ୍ଟା କରନ୍ତି। ଏଥର ସେ ଏମିତି ଏକ ପ୍ରକାରର ଏଭଳି କପଡ଼ା ତିଆରି ହୋଇଛି, ଯେଉଁଥିରେ ପୋଷାକ ତିଆରି କରି ପିନ୍ଧିଲେ ଆଦୌ ଗରମ ଅନୁଭବ ହେବ ନାହିଁ। ବିଶେଷକରି ଏହା କଟନ ଓ ସ୍ୱତନ୍ତ୍ର ପ୍ରକାରର ସିଲ୍କ ଢଙ୍ଗରେ ତିଆରି କରାଯାଇଛି। ଏହି କପଡା ଶରୀରରୁ ବାହାରୁଥିବା ଝାଳକୁ ତୁରନ୍ତ ଗ୍ରହଣ କରିନେବ। ତେଣୁ କପଡାର ବିଶେଷତ୍ୱ ଅନୁସାରେ ଅଳ୍ପ ପବନ ବାଜିଲେ ତାହା ଶରୀରକୁ ଏକପ୍ରକାର ଥଣ୍ଡା ଅନୁଭବ ଦେବ। ତା'ଛଡ଼ା ଏହାକୁ ପିନ୍ଧିଲେ ଆରାମ ଅନୁଭବ ସହିତ ତ୍ୱଚାର କୌଣସି ସମସ୍ୟା ମଧ୍ୟ ଦେଖାଦେବ ନାହିଁ। ତେଣୁ ଅନ୍ୟ ଅର୍ଥରେ କହିବାକୁ ଗଲେ ଏହି କପଡାରୁ ତିଆରି ପୋଷାକକୁ ଏକ ଚଳନ୍ତା ଏସି କହିଲେ ବି ଭୁଲ ହେବ ନାହିଁ। ତେବେ ଅନ୍ୟ କପଡା ଭଳି ଏଥିରେ ନିଜ ଇଚ୍ଛା ଅନୁସାରେ ବିଭିନ୍ନ ଡିଜାଇନ୍ ପୋଷାକ ବି ତିଆରି କରିହେବ।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଏପ୍ରିଲ ୧୯୭୬

- ଦେଶରେ ଖୋଟ ଶିଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ୨୦ ଜଣିଆ ଏକ ତ୍ରିପାକ୍ଷିକ ଶିଳ୍ପ କମିଟି ଗଠନ।
- ସୋଭିଏତ୍ ରୁଷିଆର ପ୍ରତିରକ୍ଷା ମନ୍ତ୍ରୀ ମାର୍ଶାଲ ଆନ୍ଦ୍ରି ଆଣ୍ଟନୋଭିଚ୍ ଗ୍ରେଚକୋଙ୍କ ୭୨ ବର୍ଷ ବୟସରେ ପରଲୋକ।
- ଭିଏତ୍‌ନାମ୍ ପ୍ରଦେଶର ସାମଖେ ଜେଲ ଭିତରେ ୫ ଶହରୁ ଅଧିକ ରାଜନୈତିକ ବନ୍ଦୀଙ୍କ ସଶସ୍ତ୍ର ସଂଘର୍ଷ ଘଟାଇ ଜେଲରୁ ପଳାୟନ।

## ଚିରନ୍ତନୀ

ସେ କାଳ ଏକାଳ ପାଉରିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 3 | | | 1 | | |
| | | | | 8 | | | | |
| 1 | | | 7 | 9 | | | | 6 |
| | 1 | | | | | | | 5 |
| | | 3 | | | | | | 2 |
| 9 | | 2 | | 7 | 4 | | | |
| | | 4 | | 2 | | | | |
| | | 4 | | | | 5 | | 7 |
| 5 | | | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 5 | 8 | 9 | 2 | 7 | 3 |
| 9 | 3 | 8 | 4 | 2 | 7 | 1 | 6 | 5 |
| 5 | 2 | 7 | 6 | 1 | 3 | 8 | 4 | 9 |
| 1 | 5 | 3 | 8 | 9 | 4 | 6 | 2 | 7 |
| 2 | 7 | 4 | 3 | 6 | 1 | 5 | 9 | 8 |
| 6 | 8 | 9 | 2 | 7 | 5 | 4 | 3 | 1 |
| 8 | 9 | 6 | 1 | 3 | 2 | 7 | 5 | 4 |
| 3 | 1 | 5 | 7 | 4 | 6 | 9 | 8 | 2 |
| 7 | 4 | 2 | 9 | 5 | 8 | 3 | 1 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିଚାର ଆଜି ଅବିଚାର ପଛାରେ ଧାବମାନ

ମହାଶୟ,

ଭାରତ ଭୂଇଁରେ ବିଚାରକ, ନ୍ୟାୟ ଓ ସମ୍ବିଧାନର ମୂଲ୍ୟବୋଧ ଆଜି କଳଙ୍କିତ। ନିନ୍ଦନୀୟ ବିଷୟ ଏହି ଯେ କିଛିଦିନ ତଳେ ଜଣେ ଭାରତୀୟ ବରିଷ୍ଠ ବିଚାରପତିଙ୍କ ଘରୁ ରହସ୍ୟପୂର୍ଣ୍ଣ ଭାବେ ଅଧା ପୋଡ଼ିଯାଇଥିବା ଲକ୍ଷ ଲକ୍ଷ ଟଙ୍କାବିଡ଼ାକୁ ଜବତ କରାଯାଇଛି। ଏହା ଯେତିକି ଦୁଃଖଦ ସେତିକି ଆଶ୍ଚର୍ଯ୍ୟଜନକ ଘଟଣା। ଏହାକୁ ଭାରତର ଜନତା ଦେଖୁପାରିଲେ ଏବଂ ଆଲୋଚନା, ସମାଲୋଚନା କଲେ। ଆଜି ଭାରତର ଜଜିକଦିରେ ତୀବ୍ର ଅସନ୍ତୋଷ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଗୋଟିଏ ବିଶେଷ କଥା ଭାରତୀୟ ସମ୍ବିଧାନର କ'ଣ ମୂଲ୍ୟ କିଛି ନାହିଁ ?

-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନୀତି ରାଜନୀତି

# ଆତଙ୍କବାଦ ନିରୋଧୀ ଲଢ଼େଇରେ ଦେଶବାସୀ ଏକଜୁଟ୍: ଭାଜପା



ଭଦ୍ରକର ଧାମରାଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ 'ମନ୍ କୀ ବାତ୍' ଶୁଣୁଛନ୍ତି।

**ଭୁବନେଶ୍ୱର, ୨୭।୪(ରବିନାରାୟଣ ଜେନା)**

ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୧ତମ ସଂସ୍କରଣରେ ଜମ୍ମୁ ଓ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖବ୍ୟକ୍ତ କରିଛନ୍ତି। ପୀଡ଼ିତ ଏବଂ ସେମାନଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ତେବେ ଆତଙ୍କବାଦ ନିରୋଧୀ ଲଢ଼େଇରେ ପୂରା ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ସହ ଅଛନ୍ତି ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି।

ସେ କହିଛନ୍ତି ଯେ, ଭାଜପା ସରକାର ଜମ୍ମୁ-କଶ୍ମୀରରୁ ୩୭୦ ଉଚ୍ଛେଦ କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିବା ପରେ ସେଠାରେ ଶାନ୍ତି ଫେରୁଥିଲା। ପର୍ଯ୍ୟଟକଙ୍କ ସଂଖ୍ୟାରେ ଅଭୁତପୂର୍ବ ବୃଦ୍ଧି ସହ ସ୍ଥାନୀୟ ଲୋକଙ୍କ ରୋଜଗାର ବଢୁଥିଲା। ହେଲେ ଆତଙ୍କବାଦୀମାନେ ଏହାକୁ ସହି ନ ପାରି ଧର୍ମ ଆଧାରରେ କଶ୍ମୀରରେ ଯେଉଁ ଅମାନବୀୟ କାଣ୍ଡ କଲେ ତାହାକୁ ନିନ୍ଦା କରୁଛି। ନିରୀହ ପର୍ଯ୍ୟଟକଙ୍କୁ ଆକ୍ରମଣ କରି ଆତଙ୍କବାଦୀମାନେ ନିଜର କାପୁରୁଷତାର ପରିଚୟ ଦେଇଛନ୍ତି। ସେମାନଙ୍କୁ ଜବାବ ଦେବାପାଇଁ ଏବଂ ଆଗକୁ ଦେଶର ହିତ ଲାଗି ପ୍ରଧାନମନ୍ତ୍ରୀ ଯାହା ସବୁ ପଦକ୍ଷେପ ନେବେ ସେଥିରେ ସମସ୍ତଙ୍କ ପୂର୍ଣ୍ଣ ସହଯୋଗ ରହିବ ବୋଲି ଭଦ୍ରକ ଧାମରାଠାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିବା ଅବସରରେ ମନମୋହନ ଏହା କହିଛନ୍ତି।

# କଂଗ୍ରେସର ଆଜି ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ

**ଭୁବନେଶ୍ୱର,୨୭।୪(ରବିନାରାୟଣ ଜେନା)**

ସମ୍ବିଧାନର ଡୋରରେ ଦେଶବାସୀ ବନ୍ଧା। ହେଲେ କେନ୍ଦ୍ର ଏବଂ ରାଜ୍ୟରେ ଭାଜପା ସରକାର ତିଳେ ହେଲେ ସମ୍ବିଧାନକୁ ଖାତିର କରୁନାହାନ୍ତି। ଏଥିପାଇଁ ସୋମବାର ରାଜ୍ୟ କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଜୋରଦାର କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ରବିବାର ସରକାରୀ ବାସଭବନରେ ଖବରଦାତା ସମ୍ମିଳନୀରେ କାଡାମ କହିଥିଲେ, ରାଜ୍ୟରେ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ି ଚାଲିଛି। ଶିଶୁ ଚୋରି ଏବେ ନିତିଦିନିଆ ଘଟଣା ହୋଇଗଲାଣି। ହେଲେ ରାଜ୍ୟ ସରକାର ଏଦିଗରେ ଯେଉଭଳି ଠୋସ୍ ପଦକ୍ଷେପ ଉଠାଇବା କଥା ତାହା କରୁ ନାହାନ୍ତି। ନାରୀଙ୍କୁ ନ୍ୟାୟ ଦେବା ବଦଳରେ ଚୁପ୍ ବସୁଛନ୍ତି। ତେଣୁ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକର, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମ୍ମାନାର୍ଥେ ସୋମବାର ଗାନ୍ଧୀମାର୍ଗରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ସମ୍ବିଧାନ ବଞ୍ଚାଅ ଆନ୍ଦୋଳନକୁ ଜୋରଦାର କରାଯିବ।

ସେ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ଜିଲାସ୍ତରରୁ ଆରମ୍ଭ କରି ପଞ୍ଚାୟତ କ୍ଷେତ୍ରରେ ମଧ୍ୟ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ। ପରେ କଂଗ୍ରେସ ନେତା ଏବଂ କର୍ମୀମାନେ ଘରକୁ ଘର ଯାଇ ସମ୍ବିଧାନ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବେ। କାଡାମ କହିଥିଲେ, ରାଜ୍ୟରେ ଆଦିବାସୀ ଓ ପଛୁଆବର୍ଗଙ୍କୁ ସରକାର ଉପେକ୍ଷା କରି ଚାଲିଛନ୍ତି। ଆଗାମୀ ଦିନରେ ସେନେଇ ଆନ୍ଦୋଳନ କରାଯିବ। ରାଜ୍ୟରେ 'ପେସା' ଆଇନ ଯେଉଭଳି ଠିକଣା ଭାବେ କାର୍ଯ୍ୟକାରୀ ହେବ ଏବଂ ସମସ୍ତଙ୍କୁ ଉଚିତ ନ୍ୟାୟ ମିଳିବ ସେଥିପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

# ମହିଳାଙ୍କ ସୁରକ୍ଷା ପାଇଁ ସଂଘର୍ଷ ଜାରି ରଖିବୁ: କଂଗ୍ରେସ

## ୧୦ମାସରେ ୨ହଜାର ନାରୀ ନିର୍ଯାତନା

**ଭୁବନେଶ୍ୱର,୨୭।୪(ରବିନାରାୟଣ ଜେନା)**




କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ ଓ ଅନ୍ୟ ନେତାମାନେ।

ରାଜ୍ୟରେ ମୋହନ ସରକାର ଅମଳରେ ୨ହଜାର ନାରୀ ନିର୍ଯାତନାର ଶିକାର ହେଲେଣି ବୋଲି କଂଗ୍ରେସ ଅଭିଯୋଗ କରିଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସର ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ରାଜ୍ୟରେ ହୁ ହୁ ହୋଇ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏମିତି କି ଫେବୃଆରୀ ୨୧ ତାରିଖରୁ ଅଦ୍ୟାବଧି ଶତାଧିକ ନାବାଳିକା ମାତୃତ୍ୱ ଲାଭ କରିବା ଏବଂ ନିରୀହ ଶିଶୁମାନେ ବଳାତ୍କାର ଓ ହତ୍ୟାର ଶିକାର ହୋଇସାରିଲେଣି। ଗତ ୨୫ ତାରିଖରେ ଗଞ୍ଜାମର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚ ମାସ ଅନୁଗୋଳର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟାକୁ ବଳାତ୍କାର ପରେ ହତ୍ୟା ଘଟଣା କିମ୍ବା ଢେଙ୍କାନାଳର ହିନ୍ଦୋଳ ଥାନା ଅଞ୍ଚଳରେ ୭ ବର୍ଷର ଶିଶୁ କନ୍ୟାକୁ ଗଣବଳାତ୍କାର ଘଟଣା ହେଉ ଏହା ଭାଜପା ସରକାରଙ୍କ ଅପାରଗ ପଣିଆକୁ ଦର୍ଶାଉଛି।

ସେ କହିଛନ୍ତି, ଚଳିତବର୍ଷ ମାଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ୨୧ ଫେବୃଆରୀରେ ମାଲକାନଗିରିର ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ଜଣୈକ ନାବାଳିକା ଛାତ୍ରୀ ବିଦ୍ୟାଳୟର ଛାତ ଉପରେ ସନ୍ତାନ ପ୍ରସବ କରିବା ଘଟଣାଠାରୁ ଆରମ୍ଭ କରି ଯାଜପୁର ବରି ଥାନା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ଦ୍ୱିତୀୟଦିନ ୨୩ ଫେବୃଆରୀରେ ଜଣୈକ ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣା ରାଜ୍ୟର ଆଇନଶୃଙ୍ଖଳା ବିଫଳତାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ଏତେସବୁ ଘଟଣା ପରେ ବି ଭାଜପା ସରକାର ଚୁପ୍ ବସିଛି। ଏ ସରକାରଠାରୁ ଅଧିକା କିଛି ଆଶା ନ କରି ଓଡ଼ିଶାର ମା' ଭଉଣୀମାନେ ନିଜର ଆତ୍ମରକ୍ଷା ନିଜେ କରିବା ଉଚିତ ହେବ ବୋଲି ନଗେନ୍ଦ୍ର କହିଛନ୍ତ। ସେ କହିଛନ୍ତି, ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନ ମିଳିଛି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଲଢ଼େଇ ଜାରି ରଖିବ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ସଦସ୍ୟ ଆଇନଜୀବୀ ମାନସ ମଲ୍ଲିକ,କଂଗ୍ରେସର ବରିଷ୍ଠ ନେତା ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାଲିନ୍‌ଙ୍କ କ୍ୟାବିନେଟ୍‌ରୁ ୨ ମନ୍ତ୍ରୀ ବିଦା

**ଚେନ୍ନାଇ,୨୭।୪**



ସେନ୍ଥିଲ ବାଲାଜୀ



କେ. ପୋନ୍‌ମୁଡ଼ି

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ କ୍ୟାବିନେଟ୍‌ରୁ ୨ ବରିଷ୍ଠ ମନ୍ତ୍ରୀଙ୍କୁ ବିଦା କରାଯାଇଛି। ସେନ୍ଥିଲ ବାଲାଜୀ ଏବଂ କେ. ପୋନ୍‌ମୁଡ଼ି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ରାଜଭବନ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟପାଳ ଆର୍.ଏନ୍. ରବି ସେମାନଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ଫଳରେ ଏସ୍.ଏସ୍. ଶିବଶଙ୍କରଙ୍କୁ ଅତିରିକ୍ତ ଭାବେ ବିଦ୍ୟୁତ୍ ବିଭାଗ ଦିଆଯାଇଥିବାବେଳେ ଏସ୍. ମୁଥୁସାମି ଅବକାରୀ ବିଭାଗ ଦାୟିତ୍ୱରେ ରହିବେ। ଆର୍.ଏସ୍. ରାଜକନ୍ନପାନଙ୍କୁ ଜଙ୍ଗଲ ଓ ଖଦି ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ବିଧାୟକ ଟି. ମାନୋ ଥଙ୍ଗରାଜଙ୍କୁ କ୍ୟାବିନେଟ୍‌ରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ସୁପାରିସ କରିଛନ୍ତି। ସୋମବାର ରାଜଭବନରେ ନୂଆ ମନ୍ତ୍ରୀ ଶପଥ ନେବେ।

ସୂଚନାଯୋଗ୍ୟ, ସେନ୍ଥିଲ ବାଲାଜୀ ଏବଂ କେ. ପୋନ୍‌ମୁଡ଼ି ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ନିଯୁକ୍ତି ପାଇଁ ଟଙ୍କା କାରବାର ଦୁର୍ନୀତିରେ ସେନ୍ଥିଲ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଥିବାବେଳେ ସୁପ୍ରିମକୋର୍ଟ ଏହାର ଶୁଣାଣି କରିବାକୁ ଗୁରୁବାର ରାଜି ହୋଇଥିଲେ। ସେହିପରି ଶୈବ ଓ ବୈଷ୍ଣବ ଧର୍ମ ଏବଂ ମହିଳାଙ୍କ ବିରୋଧରେ କେ. ପୋନ୍‌ମୁଡ଼ି ଦେଇଥିବା ଘୃଣିତ ମନ୍ତବ୍ୟକୁ ମାଡ୍ରାସ ହାଇକୋର୍ଟ ନିଜଆଡୁ ବିଚାର ପାଇଁ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ୱେଭ୍ସ ୨୦୨୫ : ବିଶ୍ୱ ସୃଜନଶୀଳ ନେତୃତ୍ୱ ଦିଗରେ ଭାରତର ଉପଲବ୍ଧି



**ଡକ୍ଟର ଏଲ୍ ମୁରୁଗନ**
କେନ୍ଦ୍ର ସୂଚନା,ପ୍ରସାରଣ ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

ଭାରତ ସବୁବେଳେ କାହାଣୀ କହିବାର କଳାରେ ଉତ୍କର୍ଷ ହାସଲ କରିଛି। ରାମାୟଣ ଏବଂ ମହାଭାରତ ଭଳି କାଳାତୀତ ମହାକାବ୍ୟ ଅନେକ ପିଢ଼ିକୁ ନିଜ ଆଡ଼କୁ ଆକର୍ଷିତ କରିଛି। ଆମ ଆଖ୍ୟାନ ସବୁ ଏହି ଗାଥାଗୁଡ଼ିକ ଜରିଆରେ ଆଗକୁ ବଢ଼ିଛି। ଏସବୁ କାହାଣୀ ଦୁନିଆକୁ ଦେଖିବା ଲାଗି ଆମକୁ ଏକ ଭିନ୍ନ ଦୃଷ୍ଟିକୋଣ ଦେବା ସହିତ ସୃଜନଶୀଳତାର ପରିପ୍ରକାଶ କରି କଳାକାର ଏବଂ ଦୂରଦ୍ରଷ୍ଟାମାନଙ୍କର ଅନେକ ପିଢ଼ିକୁ ଅନୁପ୍ରାଣିତ କରିଛି। କାହାଣୀ କହିବାର ଏହି ଅନ୍ତର୍ନିହିତ ଉତ୍ସାହ ଏକ ସଶକ୍ତ ସୃଜନଶୀଳ ଆକାଂକ୍ଷା ରୂପରେ ବିକଶିତ ହୋଇଛି। ଏହା ଏବେ ଭାରତକୁ ବିଶ୍ୱ ଗଣମାଧ୍ୟମର ମହାଶକ୍ତି ରୂପରେ ବିକଶିତ ହେବାରେ ସହାୟତା କରୁଛି।

୧ରୁ ୪ ମେ' ୨୦୨୫ରେ ଆୟୋଜିତ ହେବାକୁ ଥିବା ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ(ୱେଭ୍ସ) ଭାରତକୁ ବିଶ୍ୱ ସୃଜନଶୀଳତାର ମଧ୍ୟଭାଗରେ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିକଳ୍ପିତ ୱେଭ୍ସ ଏକ ପରିବର୍ତ୍ତନକାରୀ ଆନ୍ଦୋଳନ ଅଟେ ଏବଂ ଏହା ମିଡିଆ ଓ ମନୋରଞ୍ଜନ (ଏମ୍‌ଆଣ୍ଡଇ) ପରିଦୃଶ୍ୟକୁ ପୁନଃପରିଭାଷିତ କରିବ। ଭାରତର ମିଡିଆ ଓ ମନୋରଞ୍ଜନ ଉଦ୍ୟୋଗର ଆକାର ପ୍ରାୟ ୨.୭ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥିତିରେ ୱେଭ୍ସ ୨୦୨୫ ସୃଜନଶୀଳତା, ନବୋନ୍ମେଷ ଏବଂ ଉଦ୍ୟମିତାରେ ଅଗ୍ରଣୀ ହେବା ଲାଗି ଆମ ସଂକଳ୍ପର ସଙ୍କେତ ଦେଇଥାଏ।

ଭାରତର କଣ୍ଟେଣ୍ଟ ବା ବିଷୟବସ୍ତୁ ନିର୍ମାଣ ପରିଦୃଶ୍ୟ ଏବେ ପାରମ୍ପରିକ ମିଡିଆରୁ ଏକ ସମ୍ପନ୍ନ ଡିଜିଟାଲ ପ୍ରଥମ ଇକୋସିଷ୍ଟମ୍‌ରେ ପରିବର୍ତ୍ତିତ ହୋଇସାରିଛି। ଏଥିସହିତ ଏବେ ଏହା ଷ୍ଟ୍ରିମିଂ ସେବା, ସୋସିଆଲ ମିଡିଆ ଏବଂ ଉଦୀୟମାନ ପ୍ରଯୁକ୍ତି ମାଧ୍ୟମରେ ବିଶ୍ୱ ସମ୍ପର୍କର ମଧ୍ୟ ବିସ୍ତାର କରୁଛି। ଭାରତରେ ବିଦେଶୀ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରୋତ୍ସାହନ, ସହ-ନିର୍ମାଣ ରାଜିନାମା ଏବଂ ଚଳଚ୍ଚିତ୍ର ସୁବିଧା କାର୍ଯ୍ୟାଳୟ (ଏଫ୍‌ଏଫ୍‌ଓ) ଭଳି ସରକାରୀ ପଦକ୍ଷେପ ବିଶ୍ୱ ସୃଜନଶୀଳ ନିର୍ମାତାଙ୍କ ପାଇଁ ପସନ୍ଦଯୋଗ୍ୟ ଗନ୍ତବ୍ୟ ରୂପରେ ଭାରତର ସ୍ଥିତିକୁ ମଜଭୁତ କରିଥାଏ।

### ମିଡିଆ ଓ ମନୋରଞ୍ଜନର ପରିଦୃଶ୍ୟ ବଦଳୁଛି

ୱେଭ୍ସ ୨୦୨୫ ଭାରତର ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଆରମ୍ଭକୁ ପ୍ରତିନିଧିତ୍ୱ କରେ। ସାରା ବିଶ୍ୱରୁ ଅଭିନବ ନିର୍ମାତା, ନୀତି ନିର୍ଦ୍ଧାରକ, କଳାକାର ଏବଂ ଶିଳ୍ପ ନେତୃବର୍ଗଙ୍କୁ ଏକାଠି କରି ଏହି ଶିଖର ସମ୍ମିଳନୀ ସହଯୋଗର ବାତାବରଣ ସୃଷ୍ଟି କରିଥାଏ। ଏଥିସହିତ ଏହା ମନୋରଞ୍ଜନର ସୃଷ୍ଟି, ବିତରଣ ଏବଂ ଅଭିଜ୍ଞତାକୁ ଏକ ନୂତନ ରୂପ ଦେବ।

ଏହି ପରିବର୍ତ୍ତନର ମୂଳରେ ୱେଭ୍ସ ୨୦୨୫ ଏବଂ ୱେଭ୍ସ ବଜାର ଏଭଳି ପଦକ୍ଷେପମାନ ରହିଛି। ୱେଭ୍ସ ୨୦୨୫ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଯେପରି କି ଗେମିଂ, ଆନିମେଶନ, ଏକ୍ସଟେଣ୍ଡେଡ ରିୟଲିଟି(ଏକ୍ସଆର), ଜେନେରେଟିଭ ଏଆଇ ଏବଂ ପରବର୍ତ୍ତୀ-ଜେନେରେଶନ କଣ୍ଟେଣ୍ଟ ପ୍ଲାଟଫର୍ମରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପଗୁଡ଼ିକୁ ସଶକ୍ତ କରିଥାଏ। ଏହି ପଦକ୍ଷେପ ଷ୍ଟାର୍ଟଅପ୍ ପାଇଁ ସେମାନଙ୍କର ବିଚାର ପ୍ରଦର୍ଶନ କରିବା, ପ୍ରଶିକ୍ଷଣ ଲାଭ କରିବା ଏବଂ ଭେଞ୍ଚର ପୁଞ୍ଜିପତି ଏବଂ ସେଲିବ୍ରିଟି ଆଞ୍ଜେଲ ନିବେଶକଙ୍କ ସହ ବାର୍ତ୍ତାଳାପ ମାଧ୍ୟମରେ ପାଣ୍ଠି ସୁରକ୍ଷିତ କରିବା ପାଇଁ ଏକ ଆଧାର ସୃଷ୍ଟି କରେ। ଅନ୍ୟପକ୍ଷରେ, ୱେଭ୍ସ ବଜାର ଏକ ଗତିଶୀଳ ଇ-ମାର୍କେଟପ୍ଲେସ୍ ଭାବରେ କାର୍ଯ୍ୟ କରେ, ଯାହା ସୃଜନଶୀଳ ସ୍ରଷ୍ଟା, କ୍ରେତା ଏବଂ ବିକ୍ରେତାମାନଙ୍କୁ ଯୋଡ଼ିବା ପାଇଁ ପରିକଳ୍ପିତ। ଚଳଚ୍ଚିତ୍ର, ଟେଲିଭିଜନ, ଗେମିଂ, ବିଜ୍ଞାପନ ବ୍ୟତୀତ ୫,୫୦୦ରୁ ଅଧିକ କ୍ରେତା, ୨,୦୦୦ ବିକ୍ରେତା ଏବଂ ୧, ୦୦୦ ପଞ୍ଜୀକୃତ ପ୍ରକଳ୍ପ ସହିତ ଏହି ବଜାର ସ୍ୱତଃପ୍ରବୃତ୍ତ ସହଯୋଗ ଏବଂ ସୁଯୋଗ ଆବିଷ୍କାର କରିବାର ଏକ ସ୍ଥାନ। ପ୍ରକଳ୍ପ ଏବଂ ପେସାଦାରମାନେ ସୃଜନଶୀଳ ଅର୍ଥ ବ୍ୟବସ୍ଥାରେ ଠିକ୍ ସଂଯୋଗ, ନବସୃଜନ ଏବଂ ଅଭିବୃଦ୍ଧି ଯେପରି ପାଇପାରିବେ ତାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ମ୍ୟାଚ ମେକିଂ ଏହା ସୁନିଶ୍ଚିତ କରିଥାଏ। ଏହି ମଞ୍ଚଗୁଡ଼ିକ ଏକ କାର୍ଯ୍ୟକ୍ରମ ପରିଚାଳନାଠାରୁ ଊର୍ଦ୍ଧ୍ୱରେ ପରିବର୍ତ୍ତନଶୀଳ ଇକୋସିଷ୍ଟମ୍ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ, ଯାହା ତରଙ୍ଗ ସମାପ୍ତ ହେବା ପରେ ମଧ୍ୟ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରକୁ ପ୍ରଭାବିତ କରିବ। ଏହା ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଆଉ ଏକ ମାଇଲଖୁଣ୍ଟ ହେବ।

### ଯୁବବର୍ଗଙ୍କ ଲାଗି ଏକ ସ୍ୱର୍ଣ୍ଣିମ ମଞ୍ଚ

ଭାରତର ବୃହତ୍ ଯୁବବର୍ଗ ୱେଭ୍ସ ପଦକ୍ଷେପ ଦ୍ୱାରା ବ୍ୟାପକ ଭାବେ ଉପକୃତ ହେବେ। ହାରାହାରି ୨୯ ବର୍ଷ ବୟସ ସହିତ ଭାରତ କେବଳ ବିଶ୍ୱର ସର୍ବକନିଷ୍ଠ ଦେଶ ନୁହେଁ ବରଂ ସୃଜନଶୀଳତା ଏବଂ ନବସୃଜନ ଦୃଷ୍ଟିରୁ ସବୁଠାରୁ ଜୀବନ୍ତ ରାଷ୍ଟ୍ର ମଧ୍ୟ। 'ୱେଭ୍ସ ୨୦୨୫' ଯୁବପିଢ଼ିଙ୍କୁ ଏହାର ଦୂରଦୃଷ୍ଟିର ଅଗ୍ରଭାଗରେ ରଖିବା ସହିତ ଦକ୍ଷତା ବିକାଶ, ଉଦ୍ୟୋଗିତା ଏବଂ ବିଶ୍ୱସ୍ତରୀୟ ସହଯୋଗର ମାର୍ଗ ପ୍ରଶସ୍ତ କରିଥାଏ।

'କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ' ଏହି ପ୍ରତିବଦ୍ଧତାର ଏକ ଉଦାହରଣ। ୧୧୦୦ରୁ ଅଧିକ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ସହିତ ପ୍ରାୟ ୧,୦୦,୦୦୦ ପଞ୍ଜୀକରଣ ସହ ଏହି ପ୍ରତିଯୋଗିତା ନିଜର ସୃଜନଶୀଳତା ପ୍ରଦର୍ଶନ କରିବାକୁ ଆଗ୍ରହୀ ପ୍ରତିଭାଙ୍କର ଏକ ବିବିଧ ଗୋଷ୍ଠୀକୁ ଆକର୍ଷିତ କରିଛି । କ୍ରିଏଟୋସ୍ଫିୟର ଅଂଶବିଶେଷ ସ୍ୱରୂପ ପ୍ରତିଯୋଗୀମାନେ ଅଗ୍ରଣୀ ଶିଳ୍ପପତିଙ୍କ ସହ ଯୋଡ଼ିହେବା, ମାଷ୍ଟରକ୍ଲାସ୍‌ରେ ଭାଗନେବା ଏବଂ ବିଶ୍ୱସ୍ତରୀୟ ପରିଚୟ ହାସଲ କରିବାର ବ୍ୟାପକ ସୁଯୋଗ ପାଇବେ।

ଏହାବ୍ୟତୀତ ମୁମ୍ବାଇରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ ଟେକ୍ନୋଲୋଜି (ଆଇଆଇସିଟି)ର ପ୍ରତିଷ୍ଠା ଭାରତର ଯୁବକମାନଙ୍କ ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶର ପ୍ରତୀକ। ଦକ୍ଷତା ବିକାଶ ଏବଂ ନବସୃଜନ ପାଇଁ ଏକ ବୈଶ୍ୱିକ ଉତ୍କର୍ଷ କେନ୍ଦ୍ର ଭାବେ ଆଇଆଇସିଟି ସୃଜନଶୀଳତା ଏବଂ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବ, ଯାହାଦ୍ୱାରା ଯୁବ ଭାରତୀୟଙ୍କ ପାଖରେ ଗଣମାଧ୍ୟମ ଏବଂ ମନୋରଞ୍ଜନ ଉଦ୍ୟୋଗର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ଦକ୍ଷତା ସୁନିଶ୍ଚିତ ହୋଇପାରିବ।

### ଦୀର୍ଘସ୍ଥାୟୀ ବିକାଶ ପାଇଁ ବିଶ୍ୱସ୍ତରୀୟ ସହଯୋଗ

ଶିଖର ସମ୍ମିଳନୀରେ 'ବିଶ୍ୱ ଗଣମାଧ୍ୟମ ବିତର୍କ' ମଧ୍ୟ ସାମିଲ ହେବ। ଏହା ବିଶ୍ୱସ୍ତରୀୟ ନେତୃତ୍ୱ, ନୀତି ନିର୍ଦ୍ଧାରକ, କଳାକାର ଏବଂ ଶିଳ୍ପ ପେସାଦାରମାନଙ୍କୁ ଏକାଠି କରିବ । ଏହି ବିତର୍କ କେବଳ ଆଲୋଚନା ସନ୍ଦର୍ଭରେ ନୁହେଁ ବରଂ ଅନ୍ତର୍ଜାତୀୟ ସହଯୋଗ, ନୈତିକ ଅଭ୍ୟାସ ଏବଂ ନବସୃଜନ ପାଇଁ ରଣନୀତି ବିକାଶ ସହିତ ମଧ୍ୟ ଜଡ଼ିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସିଇଓ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ସହିତ ନିର୍ଦ୍ଧାରିତ ବାର୍ତ୍ତାଳାପ ପ୍ରଭାବଶାଳୀ ଭାଗୀଦାରି ଆରମ୍ଭ କରିବ ବୋଲି ଆଶା କରାଯାଉଛି, ଯାହା ଆଗାମୀ ବର୍ଷଗୁଡ଼ିକରେ ଭାରତକୁ ଉପକୃତ କରିବ।

### ବିକଶିତ ଭାରତ ପାଇଁ ଦୃଷ୍ଟିକୋଣ

ୱେଭ୍ସ ୨୦୨୫ କେବଳ ଏକ ଆୟୋଜନ ନୁହେଁ, ଏହା ଏକ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଭାରତ ଏକ ବିକଶିତ ରାଷ୍ଟ୍ର ଭାବରେ ସୃଜନଶୀଳତା ଏବଂ ନବସୃଜନରେ ବିଶ୍ୱର ନେତୃତ୍ୱ ନେଉଛି। ବିବିଧତାକୁ ପ୍ରୋତ୍ସାହିତ କରିବା, ପ୍ରଯୁକ୍ତିବିଦ୍ୟାକୁ ଆଗକୁ ବଢ଼ାଇବା ଏବଂ ଯୁବକମାନଙ୍କୁ ସଶକ୍ତ କରିବା ମାଧ୍ୟମରେ ୱେଭ୍ସ ୨୦୨୫ ଭାରତକୁ ଏକ ପ୍ରତିଭା କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିଛି, ଯାହା ଏହାର ସୃଜନଶୀଳ ଅର୍ଥ ବ୍ୟବସ୍ଥାକୁ ନିରନ୍ତର ଭାବରେ ବୃଦ୍ଧି କରିବାରେ ସକ୍ଷମ।

ୱେଭ୍ସ ୨୦୨୫ ସୃଜନଶୀଳ ଉଦ୍ୟୋଗର ଅସୀମ ସମ୍ଭାବନାକୁ ସୁଦୃଢ଼ କରିବ। ଆମର ଉତ୍କୃଷ୍ଟ ପ୍ରତିଭା, ବୈଷୟିକ ଦକ୍ଷତା ଏବଂ ସାଂସ୍କୃତିକ ସମୃଦ୍ଧି ପ୍ରଦର୍ଶନ କରିବା ଲାଗି ଏହା ଏକ ଉତ୍ତମ ସୁଯୋଗ। ପରମ୍ପରା ଏବଂ ପ୍ରଯୁକ୍ତିବିଦ୍ୟାର ସଙ୍ଗମ ମାଧ୍ୟମରେ ବିଶ୍ୱର ସୃଜନଶୀଳ ଇକୋସିଷ୍ଟମ୍‌କୁ ପୁନଃ ପରିଭାଷିତ କରିବାରେ ଭାରତର ଦୃଷ୍ଟିକୋଣର ଏହା ମଧ୍ୟ ଏକ ପ୍ରମାଣ।

## ଫୁର୍‌ସତ୍

# ବାପାଙ୍କ ମୃତଦେହକୁ କାଠ ଆଲମିରାରେ ଲୁଚାଇ ରଖିଥିଲେ ୨ ବର୍ଷ

## ଅନ୍ତିମ ସଂସ୍କାର ଖର୍ଚ୍ଚରୁ ବର୍ତ୍ତିବାକୁ ଚାହୁଁଥିବା ଜାପାନୀ ବ୍ୟକ୍ତି ଗିରଫ

**ଟୋକିଓ**



ନୋବୁହିକୋ ସୁଜୁକି

ଜାପାନର ଜଣେ ରେଷ୍ଟୁରାଣ୍ଟ ମାଲିକ ନୋବୁହିକୋ ସୁଜୁକି (୫୬) ନିଜ ବାପାଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର ଖର୍ଚ୍ଚରୁ ବର୍ତ୍ତିବା ପାଇଁ ୨ ବର୍ଷ ଧରି ଘରର କାଠ ଆଲମିରାରେ ତାଙ୍କ ମୃତଦେହକୁ ଲୁଚାଇ ରଖିଥିଲେ। ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ରିପୋର୍ଟ ଅନୁଯାୟୀ, ନିକଟରେ ଟୋକିଓରେ ଥିବା ସୁଜୁକିଙ୍କ ଚାଇନିଜ୍ ରେଷ୍ଟୁରାଣ୍ଟ ସପ୍ତାହେ ଯାଏ ବନ୍ଦ ରହିବା ପରେ ପଡ଼ୋଶୀମାନେ ଚିନ୍ତିତ ହୋଇ ପୋଲିସକୁ ଖବର ଦେଇଥିଲେ। ତଦନ୍ତ ପାଇଁ ପୋଲିସ ସୁଜୁକିଙ୍କ ଘରେ ପହଞ୍ଚିଥିଲା। ଘରର କାଠ ଆଲମିରାରୁ ପୋଲିସକୁ ଏକ କଙ୍କାଳ ମିଳିଥିଲା। ଘଟଣାକୁ ନେଇ ପୋଲିସ ପଚରାଉଚରା କରିବାରୁ ସୁଜୁକି ପୂରା ଘଟଣାକୁ ଉନ୍ମୋଚନ କରିଥିଲେ, ଯାହା ପୋଲିସର ହୋସ୍ ଉଡ଼ାଇ ଦେଇଥିଲା। ସୁଜୁକି ପୋଲିସକୁ କହିଥିଲେ, ୨୦୨୩ ଜାନୁଆରୀରେ ତାଙ୍କ ବାପାଙ୍କ ୮୬ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ଜାପାନରେ ଅନ୍ତିମ ସଂସ୍କାର ଖର୍ଚ୍ଚ ଖୁବ୍ ମହଙ୍ଗା ଥିବାରୁ ସେ ଶବ ସଂସ୍କାର ନ କରି ତାଙ୍କ ମୃତଦେହକୁ ଘରର କାଠ ଆଲମିରା ମଧ୍ୟରେ ଲୁଚାଇ ରଖିଥିଲେ। ତେବେ ସୁଜୁକିଙ୍କ ବାପାଙ୍କ ମୃତ୍ୟୁ କିପରି ଘଟିଥିଲା ସେନେଇ ଏବେ ମଧ୍ୟ ସ୍ଥିତି ଅସ୍ପଷ୍ଟ ଥିବା ପୋଲିସ କହିଛି। ସୁଜୁକିଙ୍କ ଅନୁଯାୟୀ, ୨୦୨୩ ଜାନୁଆରୀରେ ଏକଦା ସେ କାମ ସାରି ଘରକୁ ଫେରିବା ସମୟରେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେତେବେଳେ ମୃତଦେହ ତଳେ ପଡ଼ିରହିଥିଲା। ପୋଲିସ ଶନିବାର ସୁଜୁକିଙ୍କୁ ଗିରଫ କରିଛି। ବାପାଙ୍କ ପେନ୍‌ସନ୍ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ତାଙ୍କୁ ପଚରାଉଚରା କରାଯାଉଥିବା ପୋଲିସ କହିଛି। ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରହିଛି। ଏବେ ଏହି ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଅତିରିକ୍ତ ପେନ୍‌ସନ୍ ପାଇବା ପାଇଁ ସୁଜୁକି ନିଜ ବାପାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ସନ୍ଦେହ ପ୍ରକଟ କରିଛନ୍ତି।

# ଆଜି 'ୱାର୍ଲ୍ଡ ଡେ ଫର୍ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆଟ୍ ୱାର୍କ୍'




ପରିବାର ପ୍ରତିପୋଷଣ ହେଉ ଅବା ନିଜେ ସ୍ୱାବଲମ୍ବୀ ହେବାର ଆକାଂକ୍ଷା ପୂରଣ ପାଇଁ ବର୍ତ୍ତମାନ ସମୟରେ ପ୍ରାୟ ସମସ୍ତେ ଘରୁ ବାହାରି କାମ କରିବାକୁ ପସନ୍ଦ କରୁଛନ୍ତି। ସରକାରୀ ଚାକିରି ହେଉ କିମ୍ବା କୌଣସି ଘରୋଇ ସଂସ୍ଥା ବା କମ୍ପାନୀରେ ସୁସ୍ଥ ଏବଂ ସୁରକ୍ଷିତ ବାତାବରଣରେ କାମ କରିବାକୁ ସମସ୍ତଙ୍କର ଇଚ୍ଛା ଥାଏ। ମାତ୍ର ଅନେକ ସମୟରେ କର୍ମକ୍ଷେତ୍ରରେ ମହିଳା ହେଉ କି ପୁରୁଷ ନିର୍ଯାତନାର ଶିକାର ହେଉଛନ୍ତି। ଅସୁରକ୍ଷିତ ପରିବେଶରେ କାମ କରିବାକୁ ବାଧ୍ୟ କରାଯାଉଛି। ଏପରିକି କାମ ଚାପ ଯୋଗୁ କର୍ମଚାରୀମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ନ ପାରି ଜୀବନ ହାରିବା ଭଳି ଘଟଣାର ନଜିର ରହିଛି। ତେଣୁ ଏ ଦିଗରେ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏପ୍ରିଲ ୨୮କୁ 'ୱାର୍ଲ୍ଡ ଡେ ଫର୍ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆଟ୍ ୱାର୍କ୍' ବା କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ ପାଳନ କରାଯାଉଛି। ୨୦୦୩ ଏପ୍ରିଲ୍ ୨୮ରେ ପ୍ରଥମଥର ଇଣ୍ଟରନାଶନାଲ୍ ଲେବର ଅର୍ଗାନାଇଜେଶନ୍ (ଆଇଏଲ୍‌ଓ) ଏହି ଦିନଟିକୁ ବିଧିବଦ୍ଧ ଭାବେ ପାଳନ କରିଥିଲା। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ସ୍ୱାସ୍ଥ୍ୟ ଏବଂ ସୁରକ୍ଷାରେ କ୍ରାନ୍ତି: କାର୍ଯ୍ୟସ୍ଥଳରେ ଏଆଇ ଏବଂ ଡିଜିଟାଲାଇଜେଶନ୍‌ର ଭୂମିକା'। କର୍ମଚାରୀଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟର ସୁରକ୍ଷା କରିବା, କମ୍ପାନୀଗୁଡ଼ିକୁ କର୍ମଚାରୀଙ୍କ ପାଇଁ ଉତ୍ତମ ସେଫ୍‌ଟି ପ୍ରାକ୍ଟିସେସ୍ ଗ୍ରହଣ କରିବାକୁ ସଚେତନ କରିବା, ଦୃଢ଼ ସୁରକ୍ଷିତ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ଅବଗତ କରାଇବା, କାର୍ଯ୍ୟସ୍ଥଳକୁ ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୋନ୍ ଭାବେ ପରିଣତ କରିବା ଆଦି ବିଭିନ୍ନ ପ୍ରସଙ୍ଗ ହେଉଛି ଏହି ଦିବସ ପାଳନର ମୁଖ୍ୟ ଆଭିମୁଖ୍ୟ।

**ଏମାନଙ୍କ ମତରେ...**

### କାମ ଚାପ ଉଭୟ କର୍ମଚାରୀ, କମ୍ପାନୀ ପାଇଁ କ୍ଷତି ପହଞ୍ଚାଏ

କର୍ମସ୍ଥଳ ଯେତେ ସୁରକ୍ଷିତ ଏବଂ ଚାପମୁକ୍ତ ହେବ, କାମ କରିବାକୁ ସେତେ ଆଗ୍ରହ ସୃଷ୍ଟି ହେବ। ମାତ୍ର ଆଜିକାଲିର ପ୍ରତିଯୋଗିତାମୂଳକ ମାର୍କେଟରେ ସବୁ ଜାଗାରେ କେବଳ କାମର ଚାପ। ତେଣୁ ଅଧିକାଂଶ ସମୟରେ କର୍ମଚାରୀମାନେ ଚାପର ବଶବର୍ତ୍ତୀ ହୋଇ ଗୁଣଯୁକ୍ତ କାମ କରିପାରନ୍ତି ନାହିଁ। ଚାପଗ୍ରସ୍ତ ହେବା ଫଳରେ ସମ୍ପୃକ୍ତ ବ୍ୟକ୍ତିର କର୍ମମୟ ଏବଂ ବ୍ୟକ୍ତିଗତ ଜୀବନ ବିଗିଡିବା ସହିତ କମ୍ପାନୀର ମଧ୍ୟ କ୍ଷତି ହୋଇଥାଏ।

**-ନଟବର ବେହେରା, କର୍ମଜୀବୀ, ଭୁବନେଶ୍ୱର**

### କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ

ଅଧିକାଂଶ କର୍ମଚାରୀ ଏଭଳି ଏକ ଦିନ ବିଷୟରେ ଅବଗତ ନାହାନ୍ତି। କେତେକ ସ୍ଥାନରେ କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନାହିଁ। ବିଶେଷକରି ଫ୍ୟାକ୍ଟ୍ରିଗୁଡିକରେ ଏଭଳି ସ୍ଥିତି ଲାଗି ରହୁଛି। ମାତ୍ର ସଚେତନତା ଅଭାବରୁ ସେମାନେ ଏନେଇ ମ୍ୟାନେଜ୍‌ମେଣ୍ଟ ପାଖରେ ଅଭିଯୋଗ କରିବାକୁ ପଛାଉଛନ୍ତି। ସରକାରୀ, ବେସରକାରୀ, କମ୍ପାନୀଗୁଡିକରେ କର୍ମଚାରୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଗଲେ ହିଁ ଏହି ଦିବସ ପାଳନର ଉପଯୁକ୍ତ ମୂଲ୍ୟ ମିଳିପାରିବ।

**-ରୋଜାଲିନ୍ ସାହୁ, କର୍ମଜୀବୀ, ଭୁବନେଶ୍ୱର**

**-ବନ୍ଦନା ସେଠୀ, ଭୁବନେଶ୍ୱର**

**ଟ୍ରାକ୍ଟର ଓଲଟି ଜଣେ ମୃତ**

ଖଜୁରିପଡ଼ା,(ବିଜୁଳ ବେହେରା): ଖଜୁରିପଡ଼ା ଥାନା ଅନ୍ତର୍ଗତ ତୁଡ଼ିପଡ଼ା ମେକାନି ସାହିଠାରେ ଶନିବାର ମଧ୍ୟରାତିରେ ଏକ ଟ୍ରାକ୍ଟର ଓଲଟି ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଗୁଡ଼ୁରି ସାହିର ବିରାଟ ଭୋଇ। ଏ ନେଇ ଥାନାରେ ନଂ.୭୬/୨୫ରେ ମାମଲା ରୁଜୁ କରାଯାଇଛି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ତାପଧାରୀ ପ୍ରଧାନ କହିଛନ୍ତି।



ବୁଢ଼ୀ ଠାକୁରାଣୀ ଯାତ୍ରା: ବିଜିପୁରର ବୌଦ୍ଧ ବେଶ।



ରାମ ଲକ୍ଷ୍ମଣ ସୀତା ବେଶ।



ରାଧା ବେଶ।



ରାକ୍ଷସ ବେଶ। (ଫଟୋ: ସମୀର)

# ଠାକୁରାଣୀଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ, ବାଘନାଚ ଦେଖି ବିଭୋର

ବ୍ରହ୍ମପୁର,୨୭।୪(ସ୍ମୃତି ରଞ୍ଜନ ମହାଲିକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ବ୍ରହ୍ମପୁରର ଐତିହାସିକ ଠାକୁରାଣୀ ଯାତ୍ରାରେ ଯୋଗଦେଇ ମା'ଙ୍କ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସକାଳୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଫଳରେ ଅସ୍ଥାୟୀ ମଣ୍ଡପ ନିକଟ ଛାମୁଣ୍ଡିଆ ତଳେ ବହୁ ଶ୍ରଦ୍ଧାଳୁ ଅପେକ୍ଷା କରି ରହିଥିଲେ। ସମସ୍ତ ପୂଜା ଦୋକାନ ବି ପୋଲିସ ବନ୍ଦ କରି ଦେଇଥିଲା। ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ପଡିଆରେ ହୋଇଥିବା ଅସ୍ଥାୟୀ ହେଲି ପ୍ୟାଡରେ ପୂର୍ବାହ୍ନ ୧୦ଟା ୫୭ରେ ମୁଖ୍ୟମନ୍ତ୍ରୀ ପହଞ୍ଚିଥିଲେ।



ମା'ଙ୍କ ଦର୍ଶନ କରିବା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ।

ସେଠାରୁ କାରରେ ଆସ୍କା ରୋଡ, ଆଗା ସାହି, ରାଜା ସାହି ହୋଇ ନଡିଆ ଗୁର୍ଜି ଠାରେ ପହଂଚିଥିଲେ। ସେଠାରୁ ଚାଲି ଚାଲି ଦେଶୀ ବେହେରା ସାହିସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ଅସ୍ଥାୟୀ ମଣ୍ଡପ ନିକଟକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ବାଘ ବେଶଧାରୀ ଚାଙ୍ଗୁ ବାଦ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ। ପରେ ଠାକୁରାଣୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଅସ୍ଥାୟୀ ମଣ୍ଡପ ନିକଟରେ ଜଣେ ଦିବ୍ୟାଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଫୁଲ ମାଳ ଦେଇଥିଲେ। ମୁଖ୍ୟମନ୍ତ୍ରୀ ତାହା ଗ୍ରହଣ କରି ଧନ୍ୟବାଦ ଜଣାଇଥିଲେ। ବ୍ରହ୍ମପୁର ଏମପି ଡ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କେ. ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଆସ୍କା ବିଧାୟକ ସରୋଜ ପାଢ଼ି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଭାଜପା ନେତା ଟି. ଗୋପୀଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବୟୋଜ୍ୟେଷ୍ଠ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ମଞ୍ଚରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟମାନେ।

## ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ

ପାତ୍ରପୁର,୨୭।୪(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ପଞ୍ଚାୟତ ଭୀମପୁର ଗ୍ରାମସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଥିବା କହିଥିଲେ। ସ୍ୱାଧୀନତା ସଂଗ୍ରାମୀ କୃପାସିନ୍ଧୁ ପଣ୍ଡାଙ୍କ ଉଦ୍ୟମରେ ୧୯୨୪ରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଶହେ ବର୍ଷ ପୂରଣ କରିଥିବା ଏହି ବିଦ୍ୟାଳୟର ପୁରାତନ ବୟୋଜ୍ୟେଷ୍ଠ ଛାତ୍ର ଗୋବିନ୍ଦ ପତି, ନବୀନ ଚନ୍ଦ୍ର ପାଣିଗ୍ରାହୀ, ସରୋଜ ଚନ୍ଦ୍ର ପାଣିଗ୍ରାହୀ, ଆପନ୍ନା ପତି, ରାମକୃଷ୍ଣ ପତି, ରଜନୀ କାନ୍ତ ପଣ୍ଡା ଓ ବସନ୍ତ କୁମାରୀ ପଣ୍ଡା ପ୍ରମୁଖଙ୍କୁ ମଞ୍ଚ ଉପରକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବିଦ୍ୟାଳୟର ରହିଥିବା ବିଭିନ୍ନ ସମସ୍ୟା ତୁରନ୍ତ ପୂରଣ କରିବା ପାଇଁ ଆଶ୍ୱାସନା ଦେଇଥିଲେ। ମଞ୍ଚରେ ଉପସ୍ଥିତ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ବିଦ୍ୟାଳୟର ଯାହା ସମସ୍ୟା ଅଛି ତୁରନ୍ତ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରା ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଶିକ୍ଷକ ସନ୍ତୋଷ ନାଇକ ବିବରଣୀ ପାଠ କରିଥିଲେ। ଶତବାର୍ଷିକୀ ସମାରୋହ ଅବସରରେ ସୋମବାର ବିଦ୍ୟାଳୟ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।

## ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

ବ୍ରହ୍ମପୁର,୨୭।୪(ସ୍ମୃତି ରଞ୍ଜନ ମହାଲିକ)

କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଦ୍ୱାରା ଧର୍ମ ପଚାରି କରାଯାଇଥିବା ହିନ୍ଦୁଙ୍କୁ କରାଯାଇଥିବା ହତ୍ୟା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭାରେ ମତ ପ୍ରକାଶ ପାଇଛି। ଉତ୍କଳ ଆଶ୍ରମ ପାଠାଗାର ପରିସରରେ ଅନୁଷ୍ଠିତ ସଭାରେ ମଂଚର ଉପସଭାପତି ଡା. ପ୍ରାଣଚାନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକ ସଭା ଉଦଘାଟନ କରିଥିଲେ । କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟ ସରକାର ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାକୁ ଦାବି ହୋଇଥିଲା। ମଂଚର ସଭାପତି ରାଧା ଚରଣ ନାୟକ, କୋଷାଧ୍ୟକ୍ଷ ଲଡୁ କେଶ ମିଶ୍ର , ସ୍ୱର୍ଣ୍ଣପ୍ରଭା ମିଶ୍ର ଓ ହାଡିବନ୍ଧୁ ମାଳି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଅପହରଣ ଅଭିଯୋଗ

ମୋହନା,୨୭।୪(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନାରେ ଜଣେ ଯୁବକଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ମୋହନା ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଅପହୃତ ଯୁବକ ହେଲେ ନୂଆଗଡ ବ୍ଲକ ସୁନ୍ଦରଡାଙ୍ଗ ପଞ୍ଚାୟତ ଆର୍ଟିଲିମା ଗ୍ରାମର ମଣ୍ଟୁ ବୀର। ଶନିବାର ସକାଳ ୧୦ଟାରେ ମଣ୍ଟୁଙ୍କ ପାଟି ବନ୍ଧା ହୋଇଥିବା ଏକ ଫଟୋ ତାଙ୍କ ଭିଣୋଇ କିରଣ ନାୟକଙ୍କ ହ୍ୱାଟସ୍‌ଅପ୍‌କୁ ଆସିଥିଲା। ପରେ ଦେଢ଼ ଲକ୍ଷ ଟଙ୍କା ଦେଲେ ମଣ୍ଟୁଙ୍କୁ ଛାଡ଼ିବାକୁ ଅପହର୍ତ୍ତା ଧମକ ଦେଇଥିଲେ। ପରିବାର ଲୋକେ ମୋହନା ଥାନାରେ ଶନିବାର ରାତରେ ଅଭିଯୋଗ କରିଥିଲେ।

# ବାହୁଡ଼ିବେ ମା', ଶ୍ରଦ୍ଧାଳୁ ଭାବ ବିହ୍ୱଳ

- କୁମ୍ଭାରପଲୀରୁ ଆସିବ ସହସ୍ରାକ୍ଷୀ ଘଟ
- ଶାନ୍ତି ବାର୍ତ୍ତା ଦେଲା ବୁଦ୍ଧ ବେଶ
- ୩ ଲକ୍ଷ ଘଟ ମା'ଙ୍କ ସହ ଯିବେ

ବ୍ରହ୍ମପୁର,୨୭।୪(ସ୍ମୃତି ରଞ୍ଜନ ମହାଲିକ)



ମା'ଙ୍କୁ ଫୁଲରେ ସଜା ହୋଇଛି।

ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ ଯାତ୍ରା ରବିବାର ୨୫ ଦିନରେ ପହଂଚିଛି। ସୋମବାର ମା'ଙ୍କ ଯାତ୍ରାର ଶେଷ ଦିନ ଥିବାରୁ ରବିବାର ମା'ଙ୍କ ବିଶ୍ରାମ ଦିନ ଥିଲା। ସନ୍ଧ୍ୟାରେ ମା'ଙ୍କ ଘଟ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସୋମବାର ପୂର୍ବାହ୍ନରେ ବାପା ଦେଶୀ ବେହେରା ମା'ଙ୍କୁ ଶାଶୁ ଘରକୁ ନେବା ପାଇଁ ପ୍ରଥମେ ସାନ ଠାକୁରାଣୀଙ୍କୁ ଜଣାଇବେ। ପରେ ମୁଖ୍ୟ ମନ୍ଦିରକୁ ଯାଇ ବିଶେଷ ପୂଜାର୍ଚ୍ଚନା ପରେ ମାଙ୍କ ପ୍ରତ୍ୟାବର୍ତ୍ତନର ପ୍ରସ୍ତୁତି ଆରମ୍ଭ ହେବ। ସୋମବାର ରାତି ୩ଟା ପରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରିବେ। ମଙ୍ଗଳବାର ସକାଳ ୭ଟାରେ ମୁଖ୍ୟ ମନ୍ଦିରରେ ପହଂଚିବା ନେଇ ସମୟ ଧାର୍ଯ୍ୟ ହୋଇଛି।

ଅନ୍ୟପଟେ ମା'ଙ୍କ ବାହୁଡିବା ସମୟ ଆସିଯାଇଥିବାରୁ ମାଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁ ଦୁଃଖରେ ବିଭୋର ହୋଇଥିଲେ। ସେହିଭଳି ପରମ୍ପରା ଅନୁଯାୟୀ ଆଙ୍କୁଲି କୁମ୍ଭାରପଲୀ ଅଂଚଳର ଆର.ରାଜେନ୍ଦ୍ରଙ୍କ ଘରୁ ସହସ୍ରାକ୍ଷୀ ଘଟ ଅସ୍ଥାୟୀ ମଣ୍ଡପକୁ ଆସିବ। ଏହି କଞ୍ଚା ହାଣ୍ଡି ବିଭିନ୍ନ ରଙ୍ଗରେ ଚିତ୍ରିତ ହୋଇଥାଏ। ଏହା ଦେଶୀ ବେହେରାଙ୍କ ଘରେ ପୂଜା ହୋଇଥାଏ। ଏହାକୁ କୁମୁଟି ସଂପ୍ରଦାୟ ପାରମ୍ପରିକ ମୁଖ୍ୟ ପତ୍ନୀ ଘଟ ମଣ୍ଡନ କରିବା ପରମ୍ପରା ରହିଛି। ଏହି ଘଟ ମା'ଙ୍କ ମୁଖ୍ୟ ଘଟ ସମ୍ମୁଖରେ ଯାଇଥାଏ। ଶୋଭାଯାତ୍ରାରେ ଜଣେ ମୋଚି ସମ୍ପ୍ରଦାୟର ମା'ଙ୍କ ଭାର ସ୍ୱରୂପ ବରକୋଳି ଡାଳ, ଜିଅନ୍ତା କୁକୁଡା, ବାଉଁଶ ଝୁଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ନେବା ପ୍ରଥା ରହିଛି। ଏଥିସହ ଚଳିତବର୍ଷ ପ୍ରାୟ ୩ଲକ୍ଷରୁ ଊର୍ଦ୍ଧ୍ୱ ମାନସିକଧାରୀ ଘଟ ଶୋଭାଯାତ୍ରାରେ ସାମିଲ ହେବା ଆଶା ରହିଛି। ଯାତ୍ରା ଗୋଟିଏ ଦିନ ପରେ ସରିବାକୁ ଥିବାରୁ ପ୍ରବଳ ଗରମ ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା। ଧାଡି ଦର୍ଶନ କ୍ଷେତ୍ରରେ ଅବ୍ୟବସ୍ଥା ସତ୍ତ୍ୱେ ପୋଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ବହୁ ଛୋଟ ଶିଶୁ ମାନସିକଧାରୀ ଖରାରେ ଶିଝୁଥିବା ଦେଖାଯାଇଥିଲା। ପୋଲିସ ପ୍ରଶାସନର ଦାୟିତ୍ୱ ହୀନତା ହିଁ ଏହାର କାରଣ ବୋଲି ବହୁ ଶ୍ରଦ୍ଧାଳୁ କହିଛନ୍ତି। ତେବେ ରବିବାର ସନ୍ଧ୍ୟାରେ ବିଜିପୁର କାଲୁଆ ମନ୍ଦିରରୁ ବୁଦ୍ଧ ଧର୍ମ ପ୍ରଚାର ସଂଘ ପକ୍ଷରୁ ବୁଦ୍ଧ ବେଶ ବାହାରିଥିଲା। ଯାତ୍ରା ସମୟରେ ବିଜିପୁର ଲଣ୍ଡା ବେଶ ଭଳି ବୁଦ୍ଧ ବେଶ ମଧ୍ୟ ବିଶେଷ ଆକର୍ଷଣ ସାଜିଥିଲା। ଚଳିତବର୍ଷ ୪୨ ଜଣ ବୁଦ୍ଧ ବେଶ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସମେତ ମାନସିକଧାରୀ ଏଥିରେ ଯୋଗଦେଇ ବିଶ୍ୱ ଶାନ୍ତିର ବାର୍ତ୍ତା ଦେଇଥିବା ଆୟୋଜକ ଟୁକୁ ଦଳେଇ କହିଛନ୍ତି।

ଏହି ବେଶ ୧୯୬୩ରେ ପ୍ରଥମ କରି ଆରମ୍ଭ ହୋଇଥିଲା। ବେଶଧାରୀମାନେ ଗେରୁଆ ବସ୍ତ୍ର ଓ ଭିକ୍ଷା ଥାଳ ଧରି ବୁଦ୍ଧଂ ଶରଣଂ ଗଚ୍ଛାମି ଗାନ କରି ବିଜିପୁରରୁ ଅସ୍ଥାୟୀ ମଣ୍ଡପକୁ ଶୋଭାଯାତ୍ରାରେ ଯାଇଥିଲେ। ସ୍ୱର୍ଗତ ଗୁରୁ ସୋମନାଥ ଦଳେଇଙ୍କ ଦ୍ୱାରା ହୋଇଥିବା ଗୁରୁ ବନ୍ଦନାକୁ ବେଶଧାରୀମାନେ ଗାନ କରିଥିଲେ। ବେଶ ପ୍ରଥମେ ବିଜିପୁର ଅଂଚଳର ୧୦ ସାହି ବୁଲିଥିଲେ। ଏହାପରେ ଖଲିକୋଟ ବିଶ୍ୱବିଦ୍ୟାଳୟ ରାସ୍ତା, ପୁରୁଣା ବସ ଷ୍ଟାଣ୍ଡ, ଗିରିଜା ଛକ, ରାଜା ସାହି ହୋଇ ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କରିଥିଲେ। ଫେରିବା ସମୟରେ ଖାସ୍ପା ସାହି, ଖରୁଡା ସାହି, ଉତ୍କଳ ସିନେମା ହଲ ଛକ ଓ ଗାନ୍ଧୀନଗର ହୋଇ ବିଜିପୁରରେ ପହଂଚିଥିଲେ। ଏହି ଦିନ ବେଶଧାରୀମାନେ ବିନା ପିଆଜ ରସୁଣ ଖାଦ୍ୟ ଖାଇଥାନ୍ତି।

# ମୃତଦେହ ପରିବାରଙ୍କୁ ହସ୍ତାନ୍ତର, ହଷ୍ଟେଲ କୋଠରି ସିଲ୍

ବ୍ରହ୍ମପୁର,୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)

## ହଷ୍ଟେଲରେ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଏକ ଘରୋଇ ସ୍କୁଲ ହଷ୍ଟେଲରୁ ଜଣେ ଯୁକ୍ତ ୨ ବିଜ୍ଞାନ ଛାତ୍ରଙ୍କ ମୃତଦେହ ପୋଲିସ ଏମକେସିଜିରୁ ଜବତ କରିଥିଲା। ସେ ହେଲେ କୋରାପୁଟ ଜିଲା ସିମିଳିଗୁଡାର ଦାମୋଦର ଷଡ଼ଙ୍ଗୀ(୧୭) । ଏନେଇ ନଂ.୨୩୩/୨୫ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଜଣାପଡୁନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଦାମୋଦାର ରହୁଥିବା ହଷ୍ଟେଲର ଉକ୍ତ କୋଠରୀକୁ ବନ୍ଦ କରିବା ସହ ମୃତକଙ୍କ ଜବତ ମୋବାଇଲ ଯାଞ୍ଚ କରାଯାଉଛି ବୋଲି ପୋଲିସ କହିଛି। ଦାମୋଦର ଉକ୍ତ ହଷ୍ଟେଲରେ ରହୁଥିବା କିଛି ସାଙ୍ଗ ଓ ହଷ୍ଟେଲ ୱାର୍ଡେନଙ୍କ ନିର୍ଯାତନାରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ମୃତକଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ୱାର୍ଡେନଙ୍କୁ ଥାନାରେ ରଖି ପଚରାଉଚରା କରୁଛି। ଦାମୋଦର କିଛି ଦିନ ହେବ ନିଜ ଘରକୁ ଚାଲି ଯାଇଥିବା ବେଳେ ଶନିବାର ସକାଳୁ ବିଦ୍ୟାମନ୍ଦିର ଉକ୍ତ ସ୍କୁଲ ହଷ୍ଟେଲକୁ ଆସିଥିଲେ। ପୂର୍ବାହ୍ନରେ ହଷ୍ଟେଲର ସମସ୍ତ ଛାତ୍ରଙ୍କୁ ଜଳଖିଆ ଖାଇବାକୁ ଦିଆଯାଇଥିଲା। ହେଲେ ସେ ଜଳଖିଆ ନଖାଇ ପାଇଖାନା ଯିବେ ବୋଲି କହିଥିଲେ। ଆଉ କିଛି ସମୟ ପରେ ତାଙ୍କ ହଷ୍ଟେଲ କୋଠରୀରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ବିଦ୍ୟାମନ୍ଦିର କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ନେଇଥିଲେ। ହେଲେ ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ। ତେବେ ବିଦ୍ୟାମନ୍ଦିର କର୍ତ୍ତୃପକ୍ଷ ପୋଲିସକୁ ନଜଣାଇ କୋଠରୀ ଭିତରୁ ମୃତଦେହ ବାହାର କରିବାକୁ ନେଇ ନାନାପ୍ରକାର ସନ୍ଦେହ ଉପୁଜିଛି । କେଉଁ ପରିସ୍ଥିତିରେ ଛାତ୍ରଙ୍କ ମୃତ୍ୟୁ ଘଟିଲା ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# କଳା ଓ ସଂସ୍କୃତି ବିକାଶ ଦିଗରେ ଗଞ୍ଜାମ କଳା ପରିଷଦର ଭୂମିକା ରହିଛି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୭।୪(ଅଶୋକ କୁମାର ସାହୁ)

## ଗଞ୍ଜାମ କଳା ପରିଷଦର ୬୮ତମ ବାର୍ଷିକ ଉତ୍ସବ

ଦୁଇ ଦିନ ଧରି ଚାଲିଥିବା ଗଞ୍ଜାମ କଳା ପରିଷଦର ୬୮ତମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଛି। ପ୍ରଥମ ଦିବସରେ ମୁଖ୍ୟ ଅତିଥି ନବ କିଶୋର ପାଣିଗ୍ରାହୀ ଓ ସମ୍ମାନନୀୟ ଅତିଥି ଭାବେ ସ୍ମିତା ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରିଷଦର ସଭାପତି କେଦାର ଆପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଇଂ. ଅପୂର୍ବ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଷଦର ପ୍ରତିଷ୍ଠାତା ସ୍ୱର୍ଗତ ବସନ୍ତ କୁମାର ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଉପସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଉପସଭାପତି ସୂର୍ଯ୍ୟ କାନ୍ତ ପାତ୍ର, ସମ୍ପାଦକ ଇଂ ଅଭୟେନ୍ଦୁ ଶେଖର ପଟ୍ଟନାୟକ, ଲୋକ ସମ୍ପର୍କ ସମ୍ପାଦକ ଅମୀୟ ତ୍ରିପାଠୀ, କୋଷାଧ୍ୟକ୍ଷ ଗଗନ ଚାନ୍ଦ ପଟ୍ଟନାୟକ, କାର୍ଯ୍ୟକାରିଣୀ ସଦାସ୍ୟ କିରଣ ବାଳା ମିଶ୍ର, ସତ୍ୟ ମହାରଣା, ନୀଳାଞ୍ଚଳ ବେହେରା, ଭବାନୀ ଚରଣ ମିଶ୍ର, ଉପଦେଷ୍ଟା ଦେବେନ୍ଦ୍ର ନନ୍ଦ, ପୂର୍ବତନ ସଭାପତି କୃଷ୍ଣ ଚରଣ ସିଂହ, ମେଜର ରମା ରମଣ ପାଢ଼ୀ, ରାଜୁ ପାଢ଼ୀ, ସରୋଜିନୀ ସାମଲ, ଆଇନଜୀବୀ ରାଧାକୃଷ୍ଣ ପରିଛା, ବିଜୟ ପାଣିଗ୍ରାହୀ, ଅଶ୍ୱିନୀ କୁମାର ମହାପାତ୍ର, ସାଂସଦ ପ୍ରତିନିଧି ବାଳ କୃଷ୍ଣ ସାମନ୍ତରାୟ, ଡ଼ଃ ଶଙ୍କର୍ଷଣ ପାତ୍ର, ସ୍ୱର୍ଗତ ବସନ୍ତ ପାଣିଗ୍ରାହୀଙ୍କ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ସାଂସ୍କୃତିକ ସମ୍ପାଦକ ଇଂ. ମନୋଜ କୁମାର ଦଣ୍ଡପାଟ, ସଦସ୍ୟ ସୁବାଷ ମହାରଣା, ଗୋକୁଳ ସୁନ୍ଦର ପଣ୍ଡା, ଶାନ୍ତନୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିର୍ଦ୍ଦେଶକ ତଥା ନାଟ୍ୟକାର ଅଶୋକ କୁମାର ଜେନା, ଦଣ୍ଡ ନାଚର ବୀଣାକାର ମୋଚିଆ ସେଠୀ, ମଞ୍ଚ ଅଭିନେତ୍ରୀ ଜୟନ୍ତୀ ମିଶ୍ର, କଣ୍ଢେଇ ନାଚ ଅଭିନେତା ଓ ନିର୍ଦ୍ଦେଶକ ବିଜୟ କୁମାର ବେହେରା ଓ କଳା ସଂସ୍କୃତିର ବିକାଶ ଦିଗରେ ଜୀବନ ବ୍ୟାପୀ ସାଧନା ପାଇଁ ଇଂ .ଗଗନଚାନ୍ଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ବିଏମସି ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ପରିଷଦର ଐତିହ୍ୟ ଉପରେ କହିଥିଲେ। ଡେପୁଟି ମେୟର ଇ.ବିବେକ ରେଡ୍ଡୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ କର୍ପୋରେଟର ପ୍ରଦୀପ ଶତପଥି ଯୋଗ ଦେଇଥିଲେ। ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ଗୁରୁ ଗନ୍ଧର୍ବ ଜେନା, ଓଡିଶୀ ନୃତ୍ୟଗୁରୁ ବାଳଗୋପାଳ ଶତପଥୀ, ଓଡ଼ିଶୀ କଣ୍ଠ ସଂଗୀତ ଗୁରୁ ଏମ.ମାଧବ ପାତ୍ର, ତବଲା ଗୁରୁ ବିଶ୍ୱନାଥ ପଲେଇ,ନୃତ୍ୟଗୁରୁ ସୁଜ୍ଞାନୀ ଆଚାର୍ଯ୍ୟ, ଚିତ୍ରକଳା ଗୁରୁ ପୀତବାସ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟକାର ପ୍ରଶାନ୍ତ ମିଶ୍ରଙ୍କ ଲିଖିତ ଓ ସୁବୋଧ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନାଟକ 'ଚଟାଘର' ପରିବେଷିତ ହୋଇଥିଲା।

# ଯାତ୍ରା ପରିବେଶକୁ ଅଣଦେଖା, ପ୍ରଦୂଷଣ ପ୍ରତି ନିଘା ନାହିଁ

ବ୍ରହ୍ମପୁର,୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଐତିହାସିକ ବୁଢ଼ୀ ଠାକୁରାଣୀ ଯାତ୍ରା ଦିନକ ପରେ ଅର୍ଥାତ ସୋମବାର ରାତି ଓ ମଙ୍ଗଳବାର ପାହାନ୍ତିରେ ସରିବ। ୨୫ ଦିନ ହେଲା ଯାତ୍ରା ଆରମ୍ଭ ହୋଇଥିଲେ ବି ଏଯାଏଁ ଶୃଙ୍ଖଳିତ କିମ୍ବା ସ୍ୱଚ୍ଛ ପରିବେଶ ସୃଷ୍ଟି ହୋଇପାରିନାହିଁ। ଅସମ୍ଭାଳ ଭିଡ ହେଉଥିବାବେଳେ ବିଭିନ୍ନ ସାହିରେ ସମାଜସେବୀଙ୍କ ପକ୍ଷରୁ ଖାଦ୍ୟ ଓ ପାନୀୟ ବଣ୍ଟନ ହିଁ ଏହାର କାରଣ ବୋଲି କେତେକ ବୟୋଜ୍ୟେଷ୍ଠ ସେମାନଙ୍କ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଯାତ୍ରା ସରି ଆସୁଥିବାବେଳେ ଦିନ ୯ଟାରୁ ସାରା ରାତି ଯାତ୍ରାଞ୍ଚଳରୁ ଦେଢ଼ କିମି ପରିଧି ଭିତରେ କୁଢ଼ କୁଢ଼ ଆବର୍ଜନା ଜମି ଯାଉଛି। ଏହି ଆବର୍ଜନା ଉପରେ ହିଁ ଶ୍ରଦ୍ଧାଳୁ ହୁଅନ୍ତୁ କିମ୍ବା ଦର୍ଶକ ସମସ୍ତେ ଯାତାୟାତ କରୁଛନ୍ତି। ଯେଉଁମାନେ ଖାଦ୍ୟ ଓ ପାନୀୟ ବଣ୍ଟନ କରୁଛନ୍ତି ସେମାନଙ୍କ ସଚେତନତାର ଅଭାବ ଯୋଗୁ ଏଭଳି ହେଉଥିବା କୁହାଯାଉଛି। କାରଣ



ରାସ୍ତା ଉପରେ ଖାଇବା ପ୍ଲେଟ ପଡିଛି।

ଏଥିପାଇଁ ବ୍ୟବହୃତ ପ୍ଲେଟ ଓ ଗ୍ଲାସଗୁଡିକ ଗୋଟିଏ ସ୍ଥାନରେ କିମ୍ବା ଡଷ୍ଟବିନରେ ଫୋପାଡିଲେ ପରିବେଶ ସ୍ୱଚ୍ଛ ରହିଥାନ୍ତା। କିନ୍ତୁ ତାହା ହୋଇପାରୁନାହିଁ। ପ୍ରଦୂଷଣ ପ୍ରତି କାହାରି ନିଘା ନାହିଁ। ସକାଳୁ ସଫେଇ ବାଲା ଝାଡୁକଲାବେଳେ ସେଥିରୁ ଧୂସର ଉଡି ବାୟୁମଣ୍ଡଳକୁ ବି ପ୍ରଦୂଷିତ କରୁଛି। କେଉଁଠି କେଉଁଠି ଆବର୍ଜନାଗୁଡିକ ପଡି ରହୁଛି। ଫଳରେ ଦୁର୍ଗନ୍ଧରେ ନାକ ଫାଟୁଛି। କହିବାର କଥା ହେଲା ସାନ ବଜାରଠାରୁ ବାଲୁଙ୍କେଶ୍ୱର ମନ୍ଦିର ମୁଖ୍ୟ ରାସ୍ତା, ଫାଷ୍ଟଗେଟରୁ ବଡବଜାର ମୁଖ୍ୟ ରାସ୍ତା, ଆସିକା ରୋଡରୁ ବଡବଜାରକୁ ଛୁଇଁଥିବା ପ୍ରତ୍ୟେକ ରାସ୍ତା, ଏପଟେ ଆଇନାବନ୍ଧ ସାହିରୁ ପୁରୁଣା ବ୍ରହ୍ମପୁର ଦେଇ ବାଲୁଙ୍କେଶ୍ୱର ଓ ବଡବଜାରକୁ ଛୁଇଁଥିବା ରାସ୍ତା, ସେହିପରି ଉପରୋକ୍ତ ପରିଧି ଭିତରେ ଥିବା ବିଭିନ୍ନ ସାହି ରାସ୍ତା କଦର୍ଯ୍ୟ ହୋଇଯାଇଥିବା ଦେଖିବାକୁ ମିଳୁଛି। ରବିବାର ଦିନ ୯ଟାରୁ ଅସମ୍ଭାଳ ଭିଡ ଆରମ୍ଭ ହୋଇଯାଇଛି। ରାତି ତମାମ ଲୋକେ ବୁଲିବେ। ତେବେ ଶୃଙ୍ଖଳା ଆଣିବା ପୋଲିସର କାମ ହୋଇଥିବାବେଳେ ସେତିକି ସଂଖ୍ୟକ ପୋଲିସ ମୁତୟନ କରାଯାଇନାହିଁ। ହାତଗଣତି ପୋଲିସ ରହୁଥିବାରୁ ସେମାନେ କାହାକୁ କିଛି କହିପାରୁନାହାନ୍ତି। ପୋଲିସ କହିଲେ ବି ସେମାନଙ୍କ କଥା ରହୁନି। ସେହିଭଳି ସ୍ୱଚ୍ଛ ରଖିବା ପାଇଁ ସଚେତନତା କରାଯାଉନାହିଁ। ଏ ସଂକ୍ରାନ୍ତରେ ସମାଜସେବୀ ତଥା ପରିବେଶବିତ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ଆମେ ଭେଟିଥିଲୁ, ସେ କହିଥିଲେ ଯେ, ଯାତ୍ରା କରିବା ପୂର୍ବରୁ କ'ଣ କ'ଣ ସମସ୍ୟା ଉପୁଜିବ ଓ ସମାଧାନ କିପରି ହେବ, ତାହା ପାଇଁ ସୁଚିନ୍ତିତ ପଦକ୍ଷେପ ନିଆଯିବା କଥା। ବିଶେଷ କରି ପରିବେଶ ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ହେବା ଉଚିତ। ରବିବାର ଓ ସୋମବାର ଅସମ୍ଭାଳ ଭିଡ ହେବ। ପୋଲିସ ଓ ଖାଦ୍ୟ ଏବଂ ପାନୀୟ ବଣ୍ଟନ କରୁଥିବା ଲୋକଙ୍କ ସହିତ ଶ୍ରଦ୍ଧାଳୁ ଓ ପଥଚାରୀମାନେ ଆମ ପରିବେଶ ଆମ ହାତରେ ବୋଲି ଭାବିଲେ ନିଶ୍ଚିତ ଭାବେ ସୁଫଳ ମିଳିବ।

**ଚୋରା ଚାଲାଣବେଳେ ୫୪ କେଜି ଗଞ୍ଜେଇ ଜବତ**

ଖଜୁରୀପଡ଼ା. ( ବିଦୁର ବେହେରା): ଖଜୁରୀପଡ଼ା ଥାନା ଅନ୍ତର୍ଗତ ଅରାପାଜୁ ପଞ୍ଚାୟତର ଝାଡ଼ପଦର ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ପୋଲିସ ଚଢ଼ାଉ କରି ୫୪ କିଲୋ ଗଞ୍ଜେଇ ଜବତ କରିଛି। ତେବେ ଚାଲାଣକାରୀମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ନଂ. ୯୫/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

### ଉସ୍ତପଲ୍ଲୀରେ ଶ୍ୟାମ ସୁନ୍ଦର ମନ୍ଦିର ପ୍ରତିଷ୍ଠା

ବେଲଗୁଣ୍ଠା,୨୭।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଇଙ୍ଗିନାଠୀ ପଞ୍ଚାୟତ ଅନ୍ତର୍ଗତ ଉସ୍ତପଲ୍ଲୀ ଗ୍ରାମରେ ଶ୍ୟାମ ସୁନ୍ଦର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଆଠଗଡ଼ ପାଟଣା ମହନ୍ତଙ୍କ ପୌରୋହିତ୍ୟରେ ରବିବାର ଅଙ୍କୁରାରୋପଣ, ଶାଳା ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି ଅବସରରେ ସୋମବାର ଠାରୁ ଗ୍ରାମରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତ ଯଜ୍ଞ ଏବଂ ଅନ୍ନ ଯଜ୍ଞ ଅନୁଷ୍ଠିତ ହେବ। ମାଧବରୀଡା ମଠ ମହନ୍ତଙ୍କ ପୌରୋହିତ୍ୟରେ ଏହି ଅଖଣ୍ଡ ନାମଯଜ୍ଞରେ ଉସ୍ତପଲ୍ଲୀ ସମେତ ଜାମ ପଲ୍ଲୀ, ଭୂଷଣ୍ଡପାଳ, ଗୁଡ଼ି ପଲ୍ଲୀ ଏବଂ କଣ୍ଡରସିଂ ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିବେ। ରବିବାର ବହୁ ଜନ ସମାଗମ ହୋଇଛି। ତେଣୁ ଭିଡ଼କୁ ଦୃଷ୍ଟିରେ ରଖି ଗ୍ରାମାବସୀଙ୍କ ତରଫରୁ ପାନୀୟ ଜଳ, ରାସ୍ତାଘାଟ ସଫେଇ ଏବଂ ଆଲୋକୀକରଣ ଆଦି ବ୍ୟବସ୍ଥା କରାଯାଇଛି।

### ମନ୍ତ୍ରୀଙ୍କ ପରିବାରକୁ ଭେଟିଲେ ଗରିବର ବନ୍ଧୁ ସ୍ୱେଚ୍ଛାସେବୀ ସଂଗଠନ

ବୁଗୁଡ଼ା,୨୭।୪(କାଳିଚରଣ ଦାଶ)

ଓଡ଼ିଶାର ମନ୍ତ୍ରୀ ତଥା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲିକଙ୍କ ମା' ମାଳତି ମଲିକଙ୍କ ଦେହାନ୍ତ ହୋଇଛି। ଖବର ପାଇ ଗରିବର ବନ୍ଧୁ ଟ୍ରଷ୍ଟର ସଭାପତି ସୁବ୍ରତ ବେହେରା ଓ ସମସ୍ତ ସଦସ୍ୟ ମନ୍ତ୍ରୀଙ୍କ ବାସଭବନକୁ ଯାଇ ତାଙ୍କ ପରିବାରକୁ ଭେଟିଛନ୍ତି। ସେହି ସମୟରେ ଟ୍ରଷ୍ଟର ସମ୍ପାଦକ ସତ୍ୟ ସୂର୍ଯ୍ୟନାରାୟଣ ମହାରଣା, ଶଙ୍କର ପ୍ରଧାନ, ସଞ୍ଜୀବ ପାଣିଗ୍ରାହୀ, ଗୋପାଳକୃଷ୍ଣ ଡାକୁଆ, ଚନ୍ଦନ ସ୍ୱାଇଁ, ଶିଶିର ସାହୁ, ପ୍ରକାଶ ସାହୁ, କୃଷ୍ଣ ମହାପାତ୍ର, ମୁନା ସାହୁ, ଏକଲବ୍ୟ ବିଷୋୟୀ, ବାବୁ ସାହୁ, ଚନ୍ଦ୍ରମଣି ବେହେରା, ଜୟସେନ୍ ପ୍ରଧାନ, କାହ୍ନୁ ସାହୁ, କେଦାର ପ୍ରଧାନ, ବସନ୍ତ ସାହୁ, ଟୁଲୁ ସାହୁ, ଉତ୍ତମ ନାୟକ, ରବୀନ୍ଦ୍ର ସାହୁ, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମଣ୍ଡଳସ୍ତରୀୟ ସାଧନା ଶିବିର ଆୟୋଜିତ

ବାଲିଗୁଡ଼ା,୨୭।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ସତ୍ୟସାଇ ସେବା ସଂଗଠନ ଓଡ଼ିଶା କନ୍ଧମାଳ ଜିଲା ଶାଖା ତରଫରୁ ଗାୟତ୍ରୀ ଶକ୍ତିପୀଠ କଲ୍ୟାଣ ମଣ୍ଡପରେ ସଭାପତି ମଧୁସୂଦନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମଣ୍ଡଳସ୍ତରୀୟ ସାଧନା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବୌଦ୍ଧ, କଳାହାଣ୍ଡି, ଗଞ୍ଜାମ(୨) ଏବଂ କନ୍ଧମାଳ ଜିଲାର ୧୨୦ରୁ ଊର୍ଦ୍ଧ୍ୱ ସାଇପ୍ରେମୀ ଯୋଗ ଦେଇଥିଲେ। ରବିବାର ସକାଳ ୫ ଘଣ୍ଟା ଠାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ପ୍ରତ୍ୟୁଷରେ ଓମ୍ କାରମ୍, ସୁପ୍ରଭାତମ୍, ଜ୍ୟୋତିଧ୍ୟାନରୁ ଆରମ୍ଭ ହୋଇ ସେବାକାର୍ଯ୍ୟ, ଷୋଡଶ ଉପଚାର ପୂଜା, ପ୍ରଶାନ୍ତି ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁସଜ୍ଜିତ ପାଲିଙ୍କିରେ ସତ୍ୟସାଇଙ୍କର ଫୋଟ ଚିତ୍ରକୁ ନେଇ ଗାୟତ୍ରୀ ମନ୍ଦିର ଠାରୁ ବାହାରି ନୂଆସାହି, ଚର୍ଚ୍ଚ ଦେଇ ସହର ପରିକ୍ରମା କରାଯାଇଥିଲା। ଉକ୍ତ ଶିବିରରେ ଉପସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି ଓ ରାଜ୍ୟସ୍ତରୀୟ ପ୍ରତିନିଧି ମନୋରଞ୍ଜନ କର, ବିମଳ ପ୍ରସାଦ କର ଓ ସରୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଲିଗୁଡ଼ା ସମିତିର ଆବାହକ ପ୍ରଦୀପ ବକ୍ସି ଧନ୍ୟବାଦ ଦେଇଥିଲେ।

### ବିଶ୍ୱ ଏକତା, ବିଶ୍ୱାସର ବିକାଶ ପାଇଁ ରାଜଯୋଗ କାର୍ଯ୍ୟକ୍ରମ

ଦାରିଙ୍ଗବାଡ଼ି,୨୭।୪ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ପ୍ରଜାପତି ବ୍ରହ୍ମ କୁମାରୀ ପକ୍ଷରୁ ରବିବାର ବିଶ୍ୱ ଏକତା ଓ ବିଶ୍ୱାସର ବିକାଶ ପାଇଁ ରାଜଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥିଭାବେ କାକଟପୁରର ରାଜଯୋଗିନୀ ବିକେ କୁନ୍ତଳା, ନିମାପଡ଼ାର ରାଜଯୋଗିନୀ ବିକେ ସୁବାସିନୀ ଯୋଗଦେଇ ନିୟମିତ ଧ୍ୟାନ କରିବା ଓ ଯୋଗ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଦିନଚର୍ଯ୍ୟା ଓ ଈଶ୍ୱର ପ୍ରାପ୍ତି କରିବା ପାଇଁ ମନୁଷ୍ୟ କ'ଣ କରିବା ଆବଶ୍ୟକ ସେନେଇ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରା, ଓକିଲ ସଙ୍ଘର ସଭାପତି ପ୍ରଦୀପ ସାହୁ, ସରପଞ୍ଚ ଚନ୍ଦ୍ରିକା ମଲିକ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ରମେଶ ଚନ୍ଦ୍ର ସାହୁ, ବଣିକ ସଙ୍ଘ ସଭାପତି ଲଡୁକିଶୋର ସାହୁ ପ୍ରମୁଖ ଦେଇଥିଲେ। ମୋହନ ସାହୁଙ୍କ ସମେତ ବହୁ ବ୍ରହ୍ମ କୁମାରୀ ଓ କୁମାର ଉପସ୍ଥିତ ଥିଲେ।

# ଜେଲ ଗଲେ ସମ୍ପର୍କୀୟ ମାମୁ

**ଶିଶୁକନ୍ୟାଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣା**

■ ଏନ୍‌ଏଚ୍‌ଆର୍‌ସିଙ୍କ କୋର୍ଟରେ ମାମଲା ଦାଏର

ଦିଗପହଣ୍ଡି,୨୭।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମରୁ ନିଖୋଜ ଥିବା ୪ ବର୍ଷର ଶିଶୁକନ୍ୟାଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣାର ତଦନ୍ତ ପରେ ପାଟପୁର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଶିଶୁକନ୍ୟାଙ୍କ ସମ୍ପର୍କୀୟ ମାମୁଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତ ଜଣକ ହେଲେ ଖଲିଙ୍ଗି ଗ୍ରାମର କାଳିଆ ଓରଫ ଷଣ୍ଢ ନାହାକ। ନଂ.୨୨୯/୨୫ରେ ରୁଜୁ ମାମଲା ଅନୁଯାୟୀ ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ଅନ୍ୟପକ୍ଷରେ ରବିବାର ସନ୍ଧ୍ୟାରେ ଗ୍ରାମବାସୀଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ଅଭିଯୁକ୍ତଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଘଟଣାରେ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଅନ୍ୟାନ୍ୟ ସହାୟତା ଦାବିରେ ମଧ୍ୟ ସୂଚନା ଅଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବିକ ଅଧିକାର କମିଶନଙ୍କ କୋର୍ଟରେ ମକଦ୍ଦମା ରୁଜୁ କରିଛନ୍ତି। ଏହାର କେସ୍ ନଂ.୯୧୯୩/୨୫।



ଅଭିଯୁକ୍ତ କାଳିଆ ଓରଫ ଷଣ୍ଢ ନାହାକ

ମାମଲାର ବିବରଣୀରୁ ପ୍ରକାଶ, ଗତ ୧୮ ତାରିଖରୁ ଖଲିଙ୍ଗି ଗ୍ରାମରେ ଚାଲିଥିବା ଯାତ୍ରା ଦେଖିବାକୁ ଶିଶୁକନ୍ୟା ଜଣକ ମା'ଙ୍କ ସହ ଅଜା ଘର ଗାଁକୁ ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଶିଶୁକନ୍ୟା ଜଣକ ଘର ନିକଟରେ ସାଙ୍ଗସାଥୀଙ୍କ ସହ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଅନେକ ଖୋଜାଖୋଜି କରି ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଏନେଇ ପାଟପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅପହରଣ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଆଇ ଶୁଭଲକ୍ଷ୍ମୀ କଅଁର ଗାଁରେ ପହଞ୍ଚି ତଦନ୍ତ କରିଥିଲେ। ରାତି ପ୍ରାୟ ୨ଟାରେ ଗ୍ରାମର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଗ୍ରାମଦେବତୀ ମନ୍ଦିର ନିକଟ ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରେ ଶିଶୁକନ୍ୟାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ପାଟପୁର ଥାନାକୁ ଅବଗତ କରାଯାଇଥିଲା। ଆଇଆଇସି ଦୀପ୍ତିରଞ୍ଜନ ବେହେରା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଗଞ୍ଜାମ ଅତିରିକ୍ତ ଏସ୍‌ପି ରଞ୍ଜିତ ପୃଷ୍ଟି, ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା, ଚମାଖଣ୍ଡି ଆଇଆଇସି ସବ୍ୟସାଚୀ ମଲ୍ଲ, ହିଞ୍ଜିଳି ଆଇଆଇସି ଶ୍ରୀନିବାସ ସେଠୀ, ଶେରଗଡ଼ ଆଇଆଇସି ବୀରେନ୍ଦ୍ର ଶିଆଳ ଏବଂ ଛତ୍ରପୁରରୁ ଆସିଥିବା ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଡଗ ସ୍କ୍ୱାଡ୍ ଘଟଣାର ତଦନ୍ତ କରି ଶିଶୁକନ୍ୟାଙ୍କୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ପାଟପୁର ପୋଲିସ କେତେ ଜଣ ବ୍ୟକ୍ତିଙ୍କୁ ସନ୍ଦେହରେ ଥାନାକୁ ଉଠାଇ ନେଇ ମାରାଥନ ଜେରା ଚଳାଇଥିଲା। ସେମାନଙ୍କ ମଧ୍ୟରେ କାଳିଆ ଥିଲେ। ଜେରା ବେଳେ ଘଟଣାରେ ତାଙ୍କର ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ସେ ଶିଶୁକନ୍ୟାଙ୍କ ସମ୍ପର୍କୀୟ ମାମୁ ବୋଲି ଜଣାପଡିଛି। ଏହି ଖବରପାଇ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଗ୍ରାମରେ ପହଞ୍ଚି ଗ୍ରାମବାସୀ ଏବଂ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିଥିଲେ। ଅପରାହ୍ନରେ ମଧ୍ୟ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ। ଶନିବାର ରାତିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଗାଁରେ ପହଞ୍ଚି ଶୋକାକୁଳ ପରିବାର ଲୋକଙ୍କୁ ଭେଟି ଆଶ୍ୱାସନା ଦେଇ ଆସିକା ଏସ୍‌ଡିପିଓଙ୍କ ସହ ଆଲୋଚନା କରି ଫେରିଥିଲେ। ରବିବାର ପୂର୍ବାହ୍ନରେ ରାଜ୍ୟ ବାଣିଜ୍ୟ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗ୍ରାମରେ ପହଞ୍ଚି ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ଫେରିଛନ୍ତି।

# ମନ୍ଦିର ଶୁଦ୍ଧି ପାଇଁ ହେଲା ହୋମଯଜ୍ଞ

**କୁଲାଡ଼ ବ୍ୟାଘ୍ରଦେବୀଙ୍କ ସୁନାଚିତା, ରୁପା ଆଖି ଚୋରି**



ମନ୍ଦିର ପରିସରରେ ଚାଲିଥିବା ହୋମଯଜ୍ଞ।

ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅର୍ନ୍ତଗତ କୁଲାଡ଼ ବ୍ୟାଘ୍ରଦେବୀ ମନ୍ଦିରରୁ ଶୁକ୍ରବାର ରାତିରେ ମା'ଙ୍କ ୩୫ଟି ରୁପାଆଖି, ୩ଟି ସୁନା ଚିତା, ୨ଟି ରୁପା ଭୁର୍ଲତା ଚୋରି ହୋଇଛି। ଯାହାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି। ୪ ଜଣ ଦୁର୍ବୃତ୍ତ ଏହି କାଣ୍ଡ ଘଟାଇଥିବା ଜଣାପଡିଛି। ଚୋରି ହୋଇଥିବାରୁ ରବିବାର ମା'ଙ୍କ ମନ୍ଦିରରେ ଶୁଦ୍ଧି ପାଇଁ ହୋମଯଜ୍ଞ ଚାଲିଛି। ଦୁର୍ବୃତ୍ତମାନେ ଦେବୀଙ୍କୁ ଛୁଇଁ ଜିନିଷ ଚୋରାଇଥିବା ଯୋଗୁ ଏହି ପୂଜାର୍ଚ୍ଚନା କରାଯାଉଛି ବୋଲି ମନ୍ଦିର କର୍ମକର୍ତ୍ତା ଶିବ ପ୍ରସାଦ ସାହୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ଭଞ୍ଜ ରାଜବଂଶର ଅଧିଷ୍ଠାତ୍ରୀ ଦେବୀ ଭାବେ ବ୍ୟାଘ୍ର ଦେବୀ ପରିଚିତ । ଭଞ୍ଜ ରାଜବଂଶ ପକ୍ଷରୁ ଉକ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଥିଲା। ବହୁ ପୁରାତନ ଏହି ମନ୍ଦିରରୁ ଚୋରିକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହେଉଛି।

# ଯୁବପିଢ଼ିଙ୍କୁ ନେଇ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ, କବିତାର ସୁରକ୍ଷା କରାଯିବ

ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ)

**ରାଜ୍ୟସ୍ତରୀୟ ଭଞ୍ଜ ସାହିତ୍ୟ ଆଲୋଚନାଚକ୍ର**

ଶ୍ରୀବିଘ୍ନରାଜ ଚାରିଟେବୁଲ ଏବଂ ସମ୍ଭବ ସାହିତ୍ୟ ପରିବାର ପକ୍ଷରୁ ରାଜ୍ୟସ୍ତରୀୟ ଭଞ୍ଜ ସାହିତ୍ୟ ଆଲୋଚନାଚକ୍ର ଶନିବାର ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି । ପ୍ରଥମ ଅଧିବେଶନରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ, କବିତା ବିଶ୍ୱ ପ୍ରସିଦ୍ଧ। ଏହିଭଳି ଜଣେ ବିଶ୍ୱ ପ୍ରସିଦ୍ଧ ମହାନ କବିଙ୍କ ପାଇଁ ଘୁମୁସର ମାଟି ଆଜି ଗର୍ବିତ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କବିତାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଇଛି। ଯୁବପିଢ଼ୀଙ୍କୁ ନେଇ ଭଞ୍ଜଙ୍କ କାବ୍ୟ, କବିତାର ସୁରକ୍ଷା କରାଯିବ ବୋଲି ବିଧାୟକ ନାୟକ କହିଥିଲେ। ଏହି ଅବସରରେ କଳା, ସାହିତ୍ୟ, ସ୍ଥାପତ୍ୟ, କ୍ରୀଡ଼ା, ନୃତ୍ୟ, ପରିବେଶ ସୁରକ୍ଷା ଉପରେ କାମ କରୁଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀବିଘ୍ନରାଜ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ଡ.ରୋଜାଲିନ ସେନାପତି ସଭାପତିତ୍ୱ କରିଥିଲେ। ଭଞ୍ଜ ସାହିତ୍ୟ ଉପରେ ଭୁବନେଶରରୁ ଆରମ୍ଭ ହୋଇଥିବା ଏହି ଆଲୋଚନାଚକ୍ର ଆଗାମୀ ଦିନରେ ସବୁ ଜିଲାରେ ହେବ ବୋଲି ଅଧ୍ୟକ୍ଷା ସେନାପତି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଆକାଶବାଣୀ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ଡ. ହିମାଂଶୁ ଶେଖର ଦାଶ, ଡ. ଲକ୍ଷ୍ମୀ ନାରାୟଣ ଦାଶ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନର ଉଦ୍‌ଘାଟକ ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରୁଣ ସାହୁ ,ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ମୁଖ୍ୟବକ୍ତା ଭାବେ ବିଡ଼ିପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ୟାମାପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ରଞ୍ଜିତ ପ୍ରଧାନ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ସଭାପତି ରଞ୍ଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସମ୍ମିଳନୀକୁ ଉଦ୍‌ଘାଟନ କରୁଛନ୍ତି।

# ଗିରଫ କରିବାକୁ ଯାଇ ପୋଲିସ ନାକେଦମ

ବାଲିଗୁଡ଼ା,୨୭।୪(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମନ୍ଦ୍ରେ ପ୍ରସାଦ ଏକ ଡକାୟତି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ନାକେଦମ ହୋଇଛନ୍ତି। ମହିଳାମାନେ ଗିରଫ କରିବାକୁ ସୁଯୋଗ ଦେଲେନି। ତୁମୁଡିବନ୍ଧ ଏକ ଡକାୟତି ଘଟଣାରେ ସଂପୃକ୍ତ ଥିବା ନେଇ ରବିବାର ଅଭିଯୁକ୍ତ ଷ୍ଟିପନ ନାୟକଙ୍କୁ ଗିରଫ କରିବାକୁ ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦଳବଳେ ନୂଆସାହିକୁ ଯାଇଥିଲେ। ଗିରଫକୁ ପ୍ରତିବାଦ କରି କିଛି ମହିଳା ପୋଲିସକୁ ବିରୋଧ କରିବା ସହ ଅଭିଯୁକ୍ତଙ୍କୁ ସପକ୍ଷକରି କହିଥିଲେ। ଯାହାଫଳରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନକରି ଫେରିଥିଲା ।

# ପାହାଡ ଉପରୁ ଯୁବକଙ୍କ ମୃତଦେହ ଜବତ

ସୋରଡ଼ା,୨୭।୪(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ବଡଗଡ ଥାନା ଏକଲପୁର ପଞ୍ଚାୟତ ହରିପୁର ଗ୍ରାମ ନିକଟ ପାହାଡରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଖବର ପାଇ ବଡଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବକ ଜଣକ ଶରୀରର କିଛି ଅଂଶ କଳା ପଡି ଯାଇଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ପାଇଁ ଆସିକା ଏସଡିପିଓ ସନ୍ତୋଷ ଜେନା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବଡଗଡ ଥାନାଧିକାରୀ ସନ୍ତୋଷ ବେହେରା କହିଛନ୍ତି, ୭ଦିନ ହେବ ଏହି ମୃତକଙ୍କ ମୃତଦେହ ଏପରି ପଡିରହିଥିବା ଅନୁମାନ କରାଯାଉଛି। ଟାଣ ଖରା ଯୋଗୁ ସଂପୂର୍ଣ୍ଣ ଶରୀର କଳା ପଡିଯାଇଛି। ଶରୀର ସମ୍ପୂର୍ଣ୍ଣ କଳା ପଡିଯାଇଥିବାରୁ ଚିହ୍ନିବା ସମ୍ଭବ ହେଉନି। କୌଣସି ବ୍ୟକ୍ତିଙ୍କ ପାଖରେ ଯଦି ଏହି ଯୁବକଙ୍କ ସମ୍ପର୍କରେ କୌଣସି ସୂଚନା ଥାଏ ତେବେ ବଡଗଡ ଥାନାଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ କୁହାଯାଇ ଫୋନ ନମ୍ବର ଦିଆଯାଇଛି। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ କରୁଛି ବୋଲି କହିଛନ୍ତି ବଡଗଡ ଥାନାଧିକାରୀ।

# ମନ୍ତ୍ରୀ ଗୋକୁଳାନନ୍ଦଙ୍କ ମା'ଙ୍କ ଦ୍ୱାଦଶାହରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ବୁଗୁଡ଼ା,୨୭।୪(କାଳିଚରଣ ଦାଶ)

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ମା' ମାଳତୀ ମଲିକଙ୍କ ଦ୍ୱାଦଶାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ଗୋକୁଳାନନ୍ଦଙ୍କ ପୈତୃକ ଗ୍ରାମ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଘୋଳପୁର ସ୍ଥିତ ବାସଭବନରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ରବିବାର ଅପରାହ୍ନ ୩ଟାରେ ହେଲିକେପ୍ଟର ଯୋଗେ ଆସି ଘୋଳପୁର ଗ୍ରାମରେ ହୋଇଥିବା ଅସ୍ଥାୟୀ ହ୍ୟାଲିପ୍ୟାଡ଼ରେ ଅବତରଣ କରିଥିଲେ। ମନ୍ତ୍ରୀ ଗୋକୁଳାନନ୍ଦ ହେଲିପ୍ୟାଡ଼ ନିକଟରୁ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ। ଦ୍ୱାଦଶାହ କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ନୀଳମଣି ବିଷୋୟୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା ପ୍ରିୟ ଦର୍ଶନୀ ଆଚାରୀଙ୍କ ସମେତ ବହୁ ନେତା, କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ପ୍ରାୟ ୨ଘଣ୍ଟା ରହିବା ପରେ ଅପରାହ୍ନ ୫ଟାରେ ଫେରିଯାଇଥିଲେ। ସୁରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

# ସ୍ୱଧର୍ମକୁ ଫେରିଲେ ୧୯ ପରିବାର

ବ୍ରାହ୍ମଣୀଗାଁ, ୨୭।୪ (ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁ ଥାନା ଝିଞ୍ଜିରିଗୁଡ଼ା ପଞ୍ଚାୟତର କିରାମାହା ଗ୍ରାମରେ ରବିବାର ଦିନ ବିଶ୍ୱ ହିନ୍ଦୁ ପରିଷଦ ଧର୍ମ ପ୍ରସାର ବିଭାଗ କୁଇ ସମାଜ କଲ୍ୟାଣ ସମିତି ଆନୁକୁଲ୍ୟରେ କିରାମାହା ବଡ଼ସାହିରେ ସଂସ୍କାର ଦୀକ୍ଷା ଯଜ୍ଞ ଗ୍ରହଣକରି ସଧର୍ମକୁ ଆପଣାଇଛନ୍ତି। ପୁରୋହିତ ଦଣ୍ଡପାଣି ତ୍ରିପାଠୀଙ୍କ ପୌରହିତ୍ୟରେ ୧୦୮ କଳସ ଯାତ୍ରା କରାଯାଇଥିଲା। କୁଇ ସମାଜ ମୁଖ୍ୟ ପୁରୋହିତ ତରଣିସେନ ଦାସଙ୍କ ପୌରହିତ୍ୟରେ ନାମ ଯଜ୍ଞ, ଘୃତ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଇ ସମାଜ ସଂସ୍କାର ସଭାପତି ନାରଦ ମଲିକ , ଧର୍ମ ଜାଗରଣ ପ୍ରାନ୍ତ ସମନ୍ୱୟ ପ୍ରମୁଖ ଦମ୍ବରୁଧର ମଣ୍ଡଳ, ସର୍ବୋଚ୍ଚ ସଭାପତି କୁଇ ସମାଜ କଲ୍ୟାଣ ସମିତି କବିରାଜ ମଲିକ, ସନ୍ତ ସମାଜ ଓଡ଼ିଶା ପ୍ରଦେଶ ସଂଗଠନ ଆଯାଧ୍ୟା ଦାସ ମହାରାଜ, ଧର୍ମେନ୍ଦ୍ର ଭାଇ କେଶେରା ପଲ୍ଲୀ ଆଶାରାମ ବାପୁଜୀ ଆଶ୍ରମ ଗଞ୍ଜାମ, ରାମନନ୍ଦଜୀ ମହାରାଜ ବାଣପୁର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କବିତା ଦରବାର, କାବ୍ୟୋତ୍ସବ

ଫୁଲବାଣୀ,୨୭।୪ (ରାକେଶ କୁମାର ରାଉତ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲା ଲେଖକ ସାମ୍ମୁଖ୍ୟର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ କବିତା ଦରବାର ଓ କାବ୍ୟୋତ୍ସବ ଅନୁଷ୍ଠିତ ହୋଇଛି। ଫୁଲବାଣୀର ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ସାହିତ୍ୟ ଦରବାରରେ ରାଜ୍ୟର ୩୦ ଜିଲାରୁ ୩୦ ଜଣ ରାଜ୍ୟସ୍ତରୀୟ କବିଙ୍କ ସହ ବୌଦ୍ଧ ଏବଂ କନ୍ଧମାଳର ଅନ୍ୟୁନ ଶତାଧିକ କବି ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜର ଆତ୍ମା ଓ କବିମାନେ ହିଁ ଦର୍ପଣ ସଦୃଶ ବୋଲି କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ସମ୍ପର୍କ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଓ ସଂସ୍କୃତି ପରସ୍ପର ପରିପୁରକ ଓ ସାହିତ୍ୟିକ ମାନେ ହିଁ ଏହାର ବିକାଶ ପଥର ରଥୀ ବୋଲି କହିଥିଲେ। ସଭାପତି ରବୀନ୍ଦ୍ରନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ପ୍ରସନ୍ନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନ ସମ୍ପାଦକ କୈଳାସ ଚନ୍ଦ୍ର ଧଳ ଅତିଥି ପରିଚୟ ଦେଇଥିଲେ। ଆବାହକ କବି ବିଦେଶୀ ନାୟକ ବିଭିନ୍ନ ଜିଲାରୁ ଆସିଥିବା କବିମାନଙ୍କୁ ସ୍ୱାଗତ ଜଣାଇଥିଲେ। କବି ଶୀତୁ ପ୍ରକାଶ ରଥ, ସ୍ୱାଗତିକା ସାହୁ, ପ୍ରେମଲତା ସାହୁ ଓ ବିଦିଶା ସୈମନ୍ତିନୀ ନାୟକଙ୍କ ମିଳିତ ସଂଯୋଜନାରେ ଶତାଧିକ କବି ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ମାଧାହ୍ନ ଭୋଜନ ପରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ଓଡ଼ିଶାର ବିଶିଷ୍ଟ କବି ବିପିନ ନାୟକ ଯୋଗଦେଇ କବିତା ଯାଦୁରେ ତଲ୍ଲୀନ କବି କିପରି ପାଗଳ ହୋଇଯାଏ ତାହା ଉପରେ ଆଲୋଚନା କରିଥିଲେ। ସାହିତ୍ୟିକ ପିତାମ୍ବର ତରାଇ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସନ୍ଥ କବି ଭୀମ ଭୋଇ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାଳଜୟୀ କବିତା କିପରି ଓଡ଼ିଆଙ୍କୁ ସ୍ୱୀକୃତି ପ୍ରଦାନ କରିଛି ତାହା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅସିତ ନନ୍ଦ ଭଜନ ପରିବେଷଣ ଓ ନଟରାଜ କଳା ମନ୍ଦିର କଳାକାର ମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।

# ମତ୍ସ୍ୟ ବିଭାଗକୁ ଯିବ ହୁମା ଶୁଖୁଆ ହାଟ



ବୈଠକରେ ଏକାଠି ହୋଇଥିବା ପଞ୍ଚୁଦୋଳ ଯାତ୍ରା କର୍ମକର୍ତ୍ତା।

ଗଞ୍ଜାମ,୨୭।୪(ବିଦ୍ୟାଧର ସାହୁ)

**ଅସନ୍ତୋଷ ପ୍ରକାଶ କରି ଜିଲାପାଳଙ୍କୁ ଜଣାଇଲେ ଅଞ୍ଚଳବାସୀ**

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ଏସିଆ ମହାଦେଶର ସର୍ବବୃହତ ପ୍ରସିଦ୍ଧ ସାପ୍ତାହିକ ଶୁଖୁଆ ହାଟ। ଏଠାରେ ମାସର ପ୍ରତି ରବିବାର ହାଟ ବସେ। ଏହି ଶୁଖୁଆ ହାଟରେ ବିଭିନ୍ନ ରକମର ଶୁଖୁଆ ସୁଲଭ ଦରରେ ମିଳୁଥିବାରୁ ହାଟ ଉପରେ ଗଞ୍ଜାମ ବ୍ଲକ୍‌ର ୧୫ ପଞ୍ଚାୟତ ସମେତ ପୁରୀ ଜିଲାର କିଛି ଗ୍ରାମ ନିର୍ଭର କରିଥାନ୍ତି। ତେବେ ଗତ କିଛି ଦିନ ହେବ ଏହି ହାଟ ମତ୍ସ୍ୟ ବିଭାଗ ଅଧୀନକୁ ଚାଲିଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଞ୍ଚଳର କେତେ ଜଣ ବ୍ୟକ୍ତି ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଶୁଖୁଆ ହାଟ ପଡିଆରେ ରବିବାର ୮ ଖଣ୍ଡ ଗ୍ରାମକୁ ନେଇ ଗଠିତ ହୁମା ପଞ୍ଚୁଦୋଳ ପରିଚାଳନା ପରିଷଦ ପକ୍ଷରୁ ଏକ ବୈଠକ ହୋଇଥିଲା। ଶୁଖୁଆ ହାଟ ମତ୍ସ୍ୟ ବିଭାଗ ଅଧୀନକୁ ନ ଯିବା ପାଇଁ ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ଏ ଦିଗରେ ଜିଲା ପ୍ରଶାସନ ଉଚିତ୍ ପଦକ୍ଷେପ ନେବେ ବୋଲି ଆଶା ପ୍ରକାଟ କରାଯାଇଥିଲା। ସୂଚନାଯୋଗ୍ୟ, ଉକ୍ତ ପଞ୍ଚଦୋଳ ଯାତ୍ରା ପଡିଆଟି ସରକାରଙ୍କର। ତେଣୁ ଏହାର ପଟାଟି ସରକାରଙ୍କ ନାମରେ ଐତିହାସିକ ପଞ୍ଚୁଦୋଳ ପଡିଆ ନାମରେ ରହିଛି। ଏହାକୁ ସଂଶୋଧନ କରିବା ପାଇଁ ଆଲୋଚନା ବେଳେ ପରିଷଦ ପକ୍ଷରୁ ମତ ପ୍ରକାଶ ପାଇଥିଲା। ବୈଠକରେ ସଭାପତି ସନ୍ତୋଷ ସାହୁ, ସାଂସ୍କୃତିକ ସମ୍ପାଦକ ଯୋଗେଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ରାମାରାଓ ରେଡ୍ଡୀ, ସହ ସମ୍ପାଦକ ରଞ୍ଜିତ ପଲାଇ, କବିରାଜ ସ୍ୱାଇଁ, ଶଙ୍କର ପଲାଇ, ରାଘବେନ୍ଦ୍ର ଦେଓ, ସୁବଳୟା ସରପଞ୍ଚ ପ୍ରତିନିଧି, କୈଳାସ ବିଶ୍ୱାଳ, ଲୋକନାଥ ସାହୁ, ଉଦୟ ସାହୁ, ପବିତ୍ର ସ୍ୱାଇଁ, ବିଜୟ ପ୍ରଧାନ, ଶିବରାମ ପଲାଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଡିଓ କହିଲେ ମୋ ଡ୍ରରେ ପାଣି ନାହିଁ

ପାରଳାଖେମୁଣ୍ଡି,୨୭।୪(ଗିରିଧାରୀ ପରିଚ୍ଛା)

**ପାଣି ସମସ୍ୟା: ବ୍ଲକ କାର୍ଯ୍ୟାଳୟକୁ ଯାଇ ନିରାଶ ହେଲେ ଗ୍ରାମବାସୀ**

ରାଜ୍ୟରେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାଣି ମୁନ୍ଦାଏ ପାଇଁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଶ୍ରୟଗଡ଼ ଗ୍ରାମବାସୀ ମଧ୍ୟ ଏଥିରୁ ବାଦ ପଡିନାହାନ୍ତି। ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ସରକାର ବସୁଧା ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ ତାହା ଲୋକଙ୍କ ସମସ୍ୟା ଦୂର କରିପାରିନି। ଗୁମ୍ମା ବ୍ଲକ ଅନ୍ତର୍ଗତ ତରଭା ପଞ୍ଚାୟତର ଆଶ୍ରୟଗଡ଼ ଗ୍ରାମରେ ଲୋକେ ପାଣିମୁନ୍ଦେ ପାଇଁ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏପରିକି ପାଣି ପାଇଁ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ, ପାଟିତୁଣ୍ଡ ହେଉଛି। ୧୮୦ ପରିବାର ବସବାସ କରୁଥିବା ଆଶ୍ରୟଗଡ ଗ୍ରାମରେ ୩ଟି ନଳକୂପ ରହିଛି। ସେଥିରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଥିବା ବେଳେ ଅନ୍ୟ ୨ ନଳକୂପରୁ କଳଙ୍କି ମିଶା ପାଣି ବାହାରୁଛି ଯାହା ବ୍ୟବହାର ଉପଯୋଗୀ ହୋଇପାରୁନି। ଏନେଇ ଗ୍ରାମର ମହିଳାମାନେ ଗୁମ୍ମା ବିଡିଓ ଦୁଲାରାମ ମାର୍ଣ୍ଡିଙ୍କୁ ଗ୍ରାମର ପାଣି ସମସ୍ୟା ଜଣାଇବାକୁ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ବିଡିଓଙ୍କ ଉତ୍ତର ଗ୍ରାମବାସୀଙ୍କୁ ବ୍ୟଥିତ କରିଥିଲା। ମୋ ଡ୍ରରେ ପାଣି ନାହିଁ, ମୁଁ କେମିତି ଦେବି ବୋଲି ବିଡିଓ ଆମକୁ କହିଥିଲେ ବୋଲି ଗ୍ରାମବାସୀ ମୁନି ଲିମ୍ମା, ବକସେବା ପାଣି, ଉଚର୍ଗିତା ସିଂ, ମାନୁମା ଲିମ୍ମା, ବିନିତା ପାଣି, ସୁପ୍ରିୟା ଲିମ୍ମା, ତରୁଣୀ ପରିଚ୍ଛା ଓ ଭାନୁମା କର କହିଛନ୍ତି। ଆଗାମୀ ଦିନରେ ଆମ ପାଣି ସମସ୍ୟା ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବୁ। ରାସ୍ତାରୋକୋ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ମାର୍ଣ୍ଡିଙ୍କୁ ପଚାରିବାରୁ ସେ କହିଲେ,ଗ୍ରାମର ଦୁଇଗୋଷ୍ଠୀ ମହିଳା ପାଣି ପାଇଁ ଗଣ୍ଡଗୋଳ କରି ବ୍ଲକ ଅଫିସ ଆସିବା ପରେ ମୁଁ ସେମାନଙ୍କୁ ବୁଝାଶୁଝା କରିଛି। ପଞ୍ଚାୟତରେ ପାଣି ପାଇଁ ଥିବା ଅର୍ଥକୁ ବିନିଯୋଗ କରି ସେ ଖୁବଶୀଘ୍ର ସମସ୍ୟାର ସମାଧାନ କରିବେ। ଅଚଳ ନଳକୂପ ମରାମତି କରିଦେବାକୁ ସେମାନଙ୍କୁ କହିଛି ବୋଲି କହିଥିଲେ। ଅନ୍ୟପକ୍ଷରେ ଗୁମ୍ମା ବ୍ଲକର ଯେଉଁ ଅଞ୍ଚଳଗୁଡିକରେ ନଳକୂପ ଖରାପ ଅଛି କିମ୍ବା ପାଣି ସୁବିଧା ନାହିଁ ସେ ସ୍ଥାନରେ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବା ବ୍ୟବସ୍ଥା ହୋଇଛି ବୋଲି ବିଡିଓ ମାର୍ଣ୍ଡି କହିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆକଳନଠାରୁ କମିପାରେ ଅକ୍ଷୟତୃତୀୟା କାରବାର

## ୩୦ରେ ଅକ୍ଷୟ ତୃତୀୟା

**ଭୁବନେଶ୍ୱର,୨୭।୪: (ଅଭୟ ଦାଶ)**

ଆଉ ଦିନ କେତେଟା ପରେ ଅକ୍ଷୟ ତୃତୀୟା। ହେଲେ ସୁନା ଦର ଆକାଶଛୁଆଁ ରହିଥିଲାବେଳେ ରୁପା ମୂଲ୍ୟ ଲକ୍ଷେ ଉପରେ ରହିଛି। ସେହିଭଳି ସାରା ଦେଶରେ ବିବାହ ଋତୁ ଜାରି ରହିଥିଲାବେଳେ ଭିନ୍ନ ଭିନ୍ନ ଶୁଭକାର୍ଯ୍ୟ ମଧ୍ୟ ଭାରତରେ କରାଯାଉଛି। ଏହାରି ମଧ୍ୟରେ ସୁନା ଦର ଜାତୀୟ ବଜାରରେ ୯୦,୦୦୦ ରୁ ୯୭,୦୦୦ ଟଙ୍କା ଥିଲାବେଳେ ଓଡ଼ିଶା ବଜାରରେ ୯୦,୦୦୦ ରୁ ୯୮,୦୦୦ ମଧ୍ୟରେ



କାରବାର ହେଉଛି। ସେହିପରି ମୂଲ୍ୟବାନ ଅଳଙ୍କାର ଓ ହୀରା ମୂଲ୍ୟ ସର୍ବୋଚ୍ଚସ୍ତରରେ ଥିଲାବେଳେ ରୁପା ଦର ଉଭୟ ବଜାରରେ ଲକ୍ଷେ ଉପରେ ରହିଛି। ଅପରପକ୍ଷରେ କ୍ରମାଗତ ଭାବେ ସୁନା ଓ ରୁପାର ଦର ବୃଦ୍ଧି ପାଉଥିଲାବେଳେ ଗତ ୩ ଦିନ ହେବ ଉଭୟ ସୁନା ଓ ରୁପା ଦରରେ ସୁଧାର ଆସିଛି। ହେଲେ ଆଗକୁ ଅକ୍ଷୟ ତୃତୀୟା ଆସୁଥିଲାବେଳେ ବଜାରର ଚାହିଦା ସେହି ପରିମାଣରେ ଦେଖିବାକୁ ମିଳୁନାହିଁ। ଗୋଟିଏ ପଟରେ ସୁନା ଓ ରୁପାର ଦରବୃଦ୍ଧି ଜାରି ରହିଥିଲାବେଳେ ଅପରପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଆକାଶଛୁଆଁ ରହିଛି। ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟାରେ ମୂଲ୍ୟବାନ ସାମଗ୍ରୀ (ସୁନା, ରୁପା ଓ ପ୍ରିମିୟମ ଅଳଙ୍କାର) ସାଙ୍ଗକୁ ଅନ୍ୟାନ୍ୟ ଧାତୁ କ୍ରୟର ବିଧି ଥିଲାବେଳେ ଦରବୃଦ୍ଧି ଗ୍ରାହକଙ୍କ ପାଇଁ ବାଧକ ସାଜିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିପରି ଅକ୍ଷୟ ତୃତୀୟା କାରବାର ପାଇଁ ରିଟେଲ ବ୍ୟବସାୟୀଙ୍କଠାରୁ ଆରମ୍ଭକରି ସର୍ବବୃହତ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ମନଲୋଭା ସାଜସଜ୍ଜା କରାଯାଉଛି। ହେଲେ ଗତ ବର୍ଷର କାରବାର ଅପେକ୍ଷା ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ଯଥେଷ୍ଟ ପରିମାଣରେ କମିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଥିଲାବେଳେ ଅଳଙ୍କାର ବ୍ୟବସାୟୀମାନେ ଭଲ କାରବାର ପାଇଁ ଆଶାବାଦି ଅଛନ୍ତି। ସେହିଭଳି ଉଭୟ ଜାତୀୟ ଓ ଘରୋଇ ବଜାରର ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକର୍ଷଣୀୟ ଉପହାରର ବ୍ୟବସ୍ଥା ସାଙ୍ଗକୁ ଅତୁଳନୀୟ ଅଫର କାରବାର ବୃଦ୍ଧିରେ ବେଶ ସହାୟକ ହେବ ବୋଲି ଆଶା କରାଯାଉଥିଲାବେଳେ ଦରବୃଦ୍ଧି ଓ ବିବାହ ଋତୁ ଏହି ସମୟର କାରବାରକୁ କିଛି ପରିମାଣରେ ଲାଘବ କରିପାରେ ବୋଲି ଆକଳନ କରାଯାଉଛି।

## ଏନ୍‌ଏସ୍‌ଇ ପକ୍ଷରୁ ସହାୟତା

**ଭୁବନେଶ୍ୱର,୨୭।୪**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ପକ୍ଷରୁ କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସହାୟତା ଘୋଷଣା କରାଯାଇଛି। ଏପରିକି ୨୦୨୫ ଏପ୍ରିଲ ୨୨ କଶ୍ମୀରର ପହଲଗାମଠାରେ ଘଟିଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣ ପୂରା ଦେଶକୁ ସ୍ତବ୍ଧ କରି ଦେଇଛି। ଏଭଳି ପରିସ୍ଥିତିରେ ଏନଏସଇ ଏହି ହୃଦୟ ବିଦାରକ ହିଂସାକାଣ୍ଡରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସମୁଦାୟ ୧ କୋଟି ଟଙ୍କା (ଅର୍ଥାତ୍ ପରିବାର ପିଛା ପାଖାପାଖି ୪ ଲକ୍ଷ ଟଙ୍କା) ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି। ଏ ନେଇ ଏନଏସଇର ଏମ୍‌ଡି ତଥା ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, ଏହା ଆମ ଦେଶ ପାଇଁ ଏକ ସାମୂହିକ ଶୋକର ମୁହୂର୍ତ୍ତ ହୋଇଥିଲାବେଳେ ଆମର ସମବେଦନା ଏବଂ ପ୍ରାର୍ଥନା ପ୍ରଭାବିତ ପରିବାରମାନଙ୍କ ସହିତ ରହିଛି।

## ରବି କିଶନ କପିଳା ପଶୁ ଆହାରର ବ୍ରାଣ୍ଡ ଆମ୍ବାସାଡର

**ଭୁବନେଶ୍ୱର,୨୭।୪**

କାମଧେନୁ କ୍ୟାଟଲ ଫିଡ୍‌ସ ପ୍ରାଇଭେଟ ଲିମିଟେଡ୍‌ର ପ୍ରମୁଖ ଉତ୍ପାଦ ତଥା କପିଳା ପଶୁ ଆହାରର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ଅଭିନେତା ରବି କିଶନଙ୍କୁ ନିଯୁକ୍ତ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଉତ୍ତରପ୍ରଦେଶର କାନପୁରଠାରେ ଏହି ବ୍ରାଣ୍ଡ ଅବସ୍ଥିତ ରହିଛି। ଏହି ବ୍ରାଣ୍ଡ ବର୍ତ୍ତମାନ ଦେଶର ୧୮ ରାଜ୍ୟରେ ୪୦୦ ଡିଲର୍ସ ଏବଂ ୪୦୦୦ରୁ ଅଧିକ ସବ୍‌ଡିଲରଙ୍କ ଜରିଆରେ କାରବାର କରୁଛି। ବ୍ରାଣ୍ଡ ଗୁଣାତ୍ମକ ପଶୁ ଆହାର ସାଙ୍ଗକୁ ଉନ୍ନତମାନର ଉତ୍ପାଦ ଏବଂ ଅନେକ ପ୍ରକାର ପଶୁ ଖାଦ୍ୟ ବଜାରରେ ଉପଲବ୍ଧ କରାଉଛି। ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ବ୍ରାଣ୍ଡ ଉତ୍ପାଦ ଉତ୍ପାଦନ କରୁଥିଲାବେଳେ ସୁଲଭ ମୂଲ୍ୟରେ ସବୁବର୍ଗର ଗ୍ରାହକଙ୍କ ପକେଟକୁ ସୁହାଇଲା ଭଳି ଦରରେ ବ୍ରାଣ୍ଡ ଖାଦ୍ୟ ଯୋଗାଇ ଦେଉଛି।




## ପିଟର ଇଂଲଣ୍ଡର ନୂତନ ଅଭିଯାନ

**ଭୁବନେଶ୍ୱର,୨୭।୪**

ଆଦିତ୍ୟ ବିର୍ଲା ଫ୍ୟାସନ ଆଣ୍ଡ ରିଟେଲ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ତଥା ପିଟର ଇଂଲଣ୍ଡର ନୂତନ ଅଭିଯାନ 'ଦି ଜେଣ୍ଟଲମ୍ୟାନ୍ସ ଲିଗ-ଲିଗ ଅଫ ଲିଜେଣ୍ଡସ'ର ଅନାବରଣ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ଏପରିକି ଦେଶର ସବୁଠାରୁ ପ୍ରସିଦ୍ଧ କ୍ରିକେଟ୍ ମହୋତ୍ସବ 'ଜିଓଷ୍ଟାର ଆଇପିଏଲ୍' ରେ ଶୁଭାରମ୍ଭ ହୋଇଥିବା ଏହି ଅଭିଯାନ କ୍ରୀଡା କ୍ଷେତ୍ରର ସବୁଠାରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ କପିଲ ଦେବ, ସାର୍ ଭିଭିଆନ୍ ରିଚାର୍ଡସ୍ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ର ଅଦୃଶ୍ୟ ସ୍ୱର ହର୍ଷ ଭୋଗଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସେହିପରି କ୍ରିକେଟ୍ ପ୍ରତି ଗଭୀର ଭାବେ ଆଗ୍ରହୀ ଥିବା ଦେଶରେ ପିଟର ଇଂଲଣ୍ଡ ଏବଂ କ୍ରିକେଟ୍ କିମ୍ବଦନ୍ତୀଙ୍କ ମଧ୍ୟରେ ଏହି ପ୍ରଥମ ସହଯୋଗ ଐତିହ୍ୟ, ଶୈଳୀ ଏବଂ ଜେଣ୍ଟଲମ୍ୟାନ୍ସ ଗେମ୍‌ର ସ୍ଥାୟୀ ଆକର୍ଷଣର ଏକ ଉତ୍ସବକୁ ସୂଚାଉଛି। ଏ ସମ୍ପର୍କରେ ପିଟର ଇଂଲଣ୍ଡର ଚିଫ୍ ଅପରେଟିଂ ଅଫିସର ଅନିଲ ଏସ୍ କୁମାର କହିଛନ୍ତି, ଜେଣ୍ଟଲମ୍ୟାନ୍ସ ଲିଗ୍ ସଂଗ୍ରହରୁ ଜାରି ରହିଥିବା ଏହି ନୂତନ ଲିଗ୍ ଅଫ୍ ଲିଜେଣ୍ଡସ୍ ଏକ ଉତ୍ସବ ଏବଂ କ୍ରିକେଟ୍ର କାଳଜୟୀ ଆକର୍ଷଣ ଏବଂ ଏହାକୁ ଆକାର ଦେଇଥିବା ବ୍ୟକ୍ତିବିଶେଷଙ୍କ ଲୋକପ୍ରିୟତା ପ୍ରତି ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

## ବଜାରରେ ରୟାଲ ଏନ୍‌ଫିଲ୍ଡର ହଣ୍ଟର ୩୫୦

**ଭୁବନେଶ୍ୱର,୨୭।୪**

ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ '୨୦୨୫ ହଣ୍ଟର୍ ୩୫୦'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଫିଚର-ପ୍ୟାକ୍‌ଡ ଅପ୍‌ଗ୍ରେଡ ମଡେଲ ଯାନ ହୋଇଥିଲାବେଳେ ଲୋକପ୍ରିୟ ଷ୍ଟ୍ରିଟ ରୋଡ୍‌ଷ୍ଟର୍‌ର ଏକ ନୂଆ ବେଞ୍ଚମାର୍କ ସ୍ଥାପନ କରିଛି। ବିଶ୍ୱର ସବୁଠାରୁ ଆକର୍ଷଣୀୟ ସ୍ଥାନଗୁଡିକ ଦ୍ୱାରା ଅନୁପ୍ରାଣିତ ଓ ବିଶ୍ୱବ୍ୟାପୀ ଗ୍ରାହକଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି ମଡେଲ ୩ଟି ନୂଆ ରଙ୍ଗ ଏବଂ ଅପ୍‌ଗ୍ରେଡେଡ ଫିଚର ସହିତ ଆସିଛି। ସହରର ରାସ୍ତାଗୁଡିକ ପାଇଁ ନିର୍ମିତ ଏବଂ ପୂର୍ବ ତୁଳନାରେ ଅଧିକ ଆରାମଦାୟକ ଓ ସକ୍ଷମ ହୋଇଥିବା ୨୦୨୫ ହଣ୍ଟର୍ ୩୫୦କୁ ଏକାସଙ୍ଗେ ମୁମ୍ବାଇ ଓ ଦିଲ୍ଲୀରେ ଆୟୋଜିତ ରୟାଲ ଏନ୍‌ଫିଲ୍ଡର ପ୍ରଥମ ଷ୍ଟ୍ରିଟ କଲ୍ଚର ଫେଷ୍ଟିଭାଲ ହଣ୍ଟରହୁଡରେ ଉନ୍ମୋଚନ କରାଯାଇଛି।



ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ୨୦୨୫ ହଣ୍ଟର ୩୫୦ ଆମ ପୋର୍ଟଫୋଲିଓରେ ଏକ ସ୍ୱତନ୍ତ୍ର ମୋଟରସାଇକେଲ ରହିଆସିଛି, ଯାହାକି ଶକ୍ତିଶାଳୀ ଓ ଆକର୍ଷଣୀୟ ହେବା ସହିତ ଏହାକୁ ପ୍ରଥମ ଥରର ରାଇଡର ଓ ସହରର ଯାତ୍ରୀଙ୍କ ଦ୍ୱାରା ବହୁମାତ୍ରାରେ ପସନ୍ଦ କରାଯାଉଛି। ଆମେ ଏହାର ପ୍ରଦର୍ଶନକୁ ଉନ୍ନତ କରିଛୁ ଏବଂ ଉତ୍କୃଷ୍ଟ ଅପ୍‌ଗ୍ରେଡ ସାମିଲ କରିଛୁ, ଯାହା ଏହାକୁ ହାସଲ କରିବା ଓ ଚଳାଇବା ପାଇଁ ଆହୁରି ଅଧିକ ଉତ୍ସାହଜନକ କରୁଛି। ସେହିଭଳି ଏହି ନୂଆ ହଣ୍ଟର ୩୫୦ର ନୂତନ ଫିଚରଗୁଡ଼ିକ ମଧ୍ୟରେ ରିଓର ଧଳା ବାଲିଠାରୁ ଆରମ୍ଭ କରି ଲଣ୍ଡନର ଲାଲ ଇଟା କାନ୍ଥର ଧାଡି ଓ ଟୋକିଓର କଳା ପିଚୁ ସଡକ ପର୍ଯ୍ୟନ୍ତ ସାମିଲ ରହିଛି।

## ଏଲ୍‌ଟିଏଫ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨୭।୪**

ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲ୍‌ଟିଏଫ୍‌ଏଲ୍)ର ତ୍ରୈମାସିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚ ୩୧ର ଶେଷ ହୋଇଥିବା ତ୍ରୈମାସିକ ସୁଦ୍ଧା କମ୍ପାନୀ ସର୍ବକାଳୀନ ସର୍ବୋଚ୍ଚ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୨୬୪୪ କୋଟି ଟଙ୍କା ସଂଗ୍ରହ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୧୪% ବୃଦ୍ଧି ଘଟିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ୪ର୍ଥ ତ୍ରୈମାସିକରେ କମ୍ପାନୀ ମୋଟ ୬୩୬ କୋଟି ଟଙ୍କାର ପିଏଟି ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୧୫% ଅଧିକ ହୋଇଛି। ବିଶେଷ କରି ଏହାର ରିଟେଲ ବୁକ ସମ୍ପ୍ରତି ୯୫,୧୮୦ କୋଟି ଟଙ୍କା ହୋଇଛି, ଯାହା ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ରିଟେଲ ବୁକ ତୁଳନାରେ ୧୯% ଅଧିକ ହୋଇଛି। କମ୍ପାନୀ ମଧ୍ୟ ବାର୍ଷିକ ୬୦,୦୪୦ କୋଟି ଟଙ୍କାର ରିଟେଲ ଋଣ ପ୍ରଦାନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୧% ଅଧିକ ଏବଂ ଏହାର ତ୍ରୈମାସିକ ଭିତ୍ତିରେ ରିଟେଲ ଋଣ ପ୍ରଦାନ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକରେ ୧୪,୮୯୯ କୋଟି ଟଙ୍କାରେ ସ୍ଥିର ରହିଛି।

ଏ ସମ୍ପର୍କରେ ଏଲ୍‌ଟିଏଫ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ସୁଦୀପ୍ତ ରାୟ କହିଥିଲେ, ଏହି ବର୍ଷରେ ଉଲ୍ଲେଖନୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆମର ପ୍ରଦର୍ଶନ ମଜଭୁତ ରହିଛି ଏବଂ ଚାଲେଞ୍ଜପୂର୍ଣ୍ଣ ପରିବେଶ ମଧ୍ୟରେ ଆଗକୁ ବଢିବା ନିମନ୍ତେ ଆମର ସାମର୍ଥ୍ୟକୁ ପ୍ରଦର୍ଶିତ କରିଛି। ଏହି ସ୍ଥିରତା ସମଗ୍ର ବ୍ୟବସାୟ କ୍ଷେତ୍ରରେ ସାମଗ୍ରିକ ଦକ୍ଷତା ଉପରେ ଆମର ମଜଭୁତ ଦୃଷ୍ଟିନିବଦ୍ଧ ଦ୍ୱାରା ସୁଦୃଢ ଆସେଟ ମାନକୁ ପୁନଃସୁଦୃଢ କରିବା ପ୍ରତି ଆମର ଏକନିଷ୍ଠ ପ୍ରତିବଦ୍ଧତା ଯୋଗୁ ସମ୍ଭବ ହୋଇଛି।

## ଏନ୍‌ବିଟି ସହ ଆମାଜନ ଇଣ୍ଡିଆର ବୁଝାମଣା

**ଭୁବନେଶ୍ୱର,୨୭।୪**

ନ୍ୟାଶନାଲ ବୁକ୍ ଟ୍ରଷ୍ଟ (ଏନ୍‌ବିଟି) ଏବଂ ଆମାଜନ ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଯାଇଛି। ଏପରିକି ଆମାଜନ ଇଣ୍ଡିଆ ଏନବିଟି ଏବଂ ଏନସିଇଆରଟି ସହ ଭାଗୀଦାରିରେ ଦେଶବ୍ୟାପୀ ପୁସ୍ତକ ଦାନ ଅଭିଯାନ ଆରମ୍ଭ କରିଛି। ଆଗାମୀ ୧୨ ସପ୍ତାହ ମଧ୍ୟରେ ଅଙ୍ଗନୱାଡ଼ି, ସରକାରୀ ବିଦ୍ୟାଳୟ ଓ ତୃଣମୂଳ ସ୍ତରୀୟ ଅନୁଷ୍ଠାନକୁ ହଜାର ହଜାର ପୁସ୍ତକ ବଣ୍ଟନ କରାଯିବ। ସେହିଭଳି ଚଳିତ ବିଶ୍ୱ ପୁସ୍ତକ ଦିବସ ଅବସରରେ ଆମାଜନ ଇଣ୍ଡିଆ ଏହାର 'ମେକ୍ ଇଣ୍ଡିଆ ରିଡ୍ ମୋର' ଅଭିଯାନକୁ ଆଗେଇ ନେଉଛି, ସାରା ଦେଶରେ ପାଠକଙ୍କ ପାଇଁ ପୁସ୍ତକ ଉପଲବ୍ଧତାକୁ ବିସ୍ତାର କରିବା ଦିଗରେ ଆମାଜନର ଚାଲିଥିବା କାର୍ଯ୍ୟ ଉପରେ ଏହି ପ୍ରତିବଦ୍ଧତା ନିର୍ଭର କରିଥାଏ। ଆମାଜନ୍ ଇଣ୍ଡିଆର ସାମ୍ପ୍ରତିକ ଟ୍ରେଣ୍ଡ୍ ଉଭୟ ନୂତନ ଗ୍ରାହକ ଏବଂ ବର୍ଗ ବିକ୍ରିରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ସହିତ ଦେଶବ୍ୟାପୀ ପୁସ୍ତକ ପ୍ରତି ଆଗ୍ରହ ବୃଦ୍ଧି କରିଛି। ଟିୟର-୨ ସହରଗୁଡ଼ିକ ଏହି ସମ୍ପ୍ରସାରଣକୁ ବିଶେଷ ଭାବେ ପ୍ରୋତ୍ସାହିତ କରୁଛନ୍ତି ଏବଂ ମହାନଗରଗୁଡ଼ିକରେ ନୂତନ ପୁସ୍ତକ ଅଭିବୃଦ୍ଧି ହାରଠାରୁ ଦୁଇଗୁଣ ଅଧିକ ରହିଛି। ଏହି ଚାହିଦାକୁ ସମର୍ଥନ କରିବା ପାଇଁ କମ୍ପାନୀ ଏହାର ସମାନ ଦିନର ଡେଲିଭରି କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିଛି, ଯାହା ଗତ ବର୍ଷ ତୁଳନାରେ ଶୀର୍ଷ ୨୦ଟି ସହରରେ ଦୁଇଗୁଣ ଗ୍ରାହକଙ୍କ ନିକଟରେ ପହଞ୍ଚିଛି। ଆମାଜନ୍ ଇଣ୍ଡିଆର ପୁସ୍ତକ ଓ ଖେଳନା ନିର୍ଦ୍ଦେଶକ ରାଜର୍ଷି ଗୁଇନ୍ କହିଛନ୍ତି, ପୁସ୍ତକ ଆମାଜନର ପରିଚୟର କେନ୍ଦ୍ରରେ ରହିଛି ଏବଂ ଭାରତର ପାଠକମାନଙ୍କ ପ୍ରତି ଆମର ପ୍ରତିବଦ୍ଧତା ପୂର୍ବାପେକ୍ଷା ଗଭୀର ରହିଛି। ସେହିଭଳି ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆର ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ କହିଛନ୍ତି, ମେକ୍ ଇଣ୍ଡିଆ ରିଡ୍ ମୋର ଅଭିଯାନରେ ଆମାଜନ ଇଣ୍ଡିଆ ସହ ସହଯୋଗ କରି ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଆନନ୍ଦିତ। ଏହି ଭାଗୀଦାରି ପୁସ୍ତକଗୁଡ଼ିକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଆମର ମିଳିତ ଲକ୍ଷ୍ୟକୁ ପ୍ରତିଫଳିତ କରୁଛନ୍ତି। ସେହିପରି ଏନ୍‌ସିଇଆରଟିର ସେକ୍ରେଟାରି ଅମନ ଶର୍ମା କହିଛନ୍ତି, ଏହି ପଦକ୍ଷେପ ମାଧ୍ୟମରେ ୨୫,୦୦୦ ଏନସିଇଆରଟି ପାଠ୍ୟପୁସ୍ତକ ଅବହେଳିତ ସମ୍ପ୍ରଦାୟକୁ ଦାନ କରାଯିବ, ସାକ୍ଷରତାକୁ ପ୍ରୋତ୍ସାହିତ କରାଯିବ ଏବଂ ଜାତୀୟ ଶିକ୍ଷା ନୀତିର ପରିକଳ୍ପନା ସହିତ ଯୋଡ଼ି ହୋଇ ପଢ଼ିବାର ଆନନ୍ଦକୁ ପାଳନ କରାଯିବ।

## ହର୍ ଷ୍ଟାର୍ଟଅପ୍ ସିଜନ୍-୨ର ଶୁଭାରମ୍ଭ

**ଭୁବନେଶ୍ୱର,୨୭।୪**

ବ୍ରିଟାନିଆ ମ୍ୟାରିଗୋଲ୍ଡର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ହର୍ ଷ୍ଟାର୍ଟଅପ୍ ସିଜନ୍-୨ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଗ୍ରୁପ୍ ଏମ୍ ମୋସନ୍ ଏଂଟରଟେନମେଂଟ ଆଣ୍ଡ ମାଇଣ୍ଡସେୟାର ସହିତ ସହମତି କ୍ରମେ ଏହି କାର୍ଯ୍ୟ ଲଞ୍ଚ୍ ହୋଇଛି, ଏହା ହେଉଛି ଜାତୀୟସ୍ତରର ପ୍ରଥମ ରିୟଲିଟି ସିରିଜ୍, ଯାହାକି ଦେଶବ୍ୟାପୀ ମହିଳା ଉଦ୍ୟୋଗୀମାନେ ସେମାନଙ୍କର ନୂଆ ନୂଆ ଚିନ୍ତାଧାରାକୁ ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ ପାଲଟିଛି। ଏହି ସୋ'ର ପ୍ରିମିୟମ ଜିଓହଟ୍‌ଷ୍ଟାରରେ ହୋଇସାରିଛି, ଏଥିରେ ୧୦ଲକ୍ଷ ଟଙ୍କାର ଗୋଲଡେନ୍ ଗ୍ରାଣ୍ଟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୦ ଜଣ ଫାଇନାଲିଷ୍ଟ ସାମିଲ୍ ହୋଇଛନ୍ତି।। ଗ୍ରୁପ୍ ଏମ୍ ମୋସନ୍ କଂଟେଟର ବିଷୟ ପରିକଳ୍ପନା ସହିତ ବ୍ରିଟାନିଆ ମ୍ୟାରିଗୋଲ୍ଡ ହର୍ ଷ୍ଟାର୍ଟଅପ୍ ସୋ' କେବଳ ଏକ ସିରିଜରେ ସୀମିତ ହୋଇ ରହିନାହିଁ , ଏହା ହେଉଛି ପରିବର୍ତ୍ତନର ଏକ ଦ୍ରବକ ଯାହାକି ମହିଳାମାନଙ୍କର ସ୍ୱପ୍ନ ଓ ଭାବନାକୁ ବାସ୍ତବତାରେ ରୂପାନ୍ତରିତ କରିବା ପାଇଁ ପାଣ୍ଠି ପ୍ରଦାନ, ମେଣ୍ଟରସିପ୍ ବା ମାର୍ଗଦର୍ଶନ ଏବଂ ଜାତୀୟସ୍ତରରେ ଦୃଶ୍ୟମାନତା ମାଧ୍ୟମରେ ସହାୟତା ପ୍ରଦାନ କରୁଛି। ଏହି ସୋ ହେଉଛି ୨୦୨୪ ଜୁଲାଇରେ ଲଂଚ କରାଯାଇଥିବା ବ୍ରିଟାନିଆ ମ୍ୟାରିଗୋଲ୍ଡ ହର୍ ଷ୍ଟାର୍ଟଅପ୍ କଂଟେଷ୍ଟର ପୂର୍ତ୍ତି, ଯେଉଁଥିରେ ଭାରତବ୍ୟାପୀ ଏକ ଲକ୍ଷରୁ ଅଧିକ ମହତ୍ୱାକାଂକ୍ଷୀ ମହିଳା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ, ପ୍ରାୟ ୧୦୦ ଜଣରୁ ଅଧିକ ମହିଳା ବୃତ୍ତିଗତ ତାଲିମ୍ ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ବଛାବଛି ପର୍ଯ୍ୟାୟ ପରେ ୪୦ ଜଣଙ୍କୁ ବଛା ଯାଇଥିଲା। ପ୍ରତ୍ୟେକ ଅଂଶଗ୍ରହଣକାରୀ ୧୦ ଲକ୍ଷ ଟଙ୍କାର ବ୍ରିଟାନିଆ ମ୍ୟାରି ଗୋଲ୍ଡ କିମ୍ବା ମେଂଟରସିପ୍ ପାଇବା ସହିତ ଜାତୀୟସ୍ତରରେ ଦୃଶ୍ୟମାନତା ଓ ଇକୋ ସିଷ୍ଟମ୍ ଆକ୍ସେସ ପ୍ରାପ୍ତ କରିବେ। ଶ୍ରେଷ୍ଠ ୧୦ଜଣ ପ୍ରଦର୍ଶନକାରୀ ୧୦ ଲକ୍ଷ ଟଙ୍କାର ସମ୍ମାନଜନକ ଗୋଲଡେନ୍ ଗ୍ରାଣ୍ଟ ବିଜୟୀ ହେବେ, ଯେତେବେଳେ କି ଅନ୍ୟ ସମ୍ଭାବନାପୂର୍ଣ୍ଣ ମହିଳା ଉଦ୍ୟୋଗୀମାନେ ଏନଏସଡିସି ମହିଳା ଉଦ୍ୟୋଗୀ ମେଂଟରସିପ୍ କାର୍ଯ୍ୟକ୍ରମରେ ପ୍ରବେଶ କରିବେ। ସିଦ୍ଧାର୍ଥ ଗୁପ୍ତା, ଜେନେରାଲ୍ ମ୍ୟାନେଜର୍ - ମାର୍କେଟିଂ, ବ୍ରିଟାନିଆ କହିଛନ୍ତି ବ୍ରିଟାନିଆ ମ୍ୟାରି ଗୋଲ୍ଡର ମହିଳା ଉଦ୍ୟୋଗୀଙ୍କର ସଶକ୍ତିକରଣ ପାଇଁ ଏହି ଯାତ୍ରା ୫ବର୍ଷ ତଳେ ଏକ ସରଳ ବିଶ୍ୱାସରୁ ଆରମ୍ଭ ହୋଇଥିଲା ଯେ ଦେଶବ୍ୟାପୀ ଲକ୍ଷ ଲକ୍ଷ ମହିଳାଙ୍କ ମନରେ ଶକ୍ତିଶାଳୀ ବ୍ୟବସାୟ ଯୋଜନା ରହିଛି ଏବଂ ସେମାନେ ଏହାକୁ ବାସ୍ତବରେ ରୂପାୟିତ କରିବା ପାଇଁ ଏକ ପ୍ଲାଟଫର୍ମ ଏବଂ ସହାୟତା ଆବଶ୍ୟକ କରୁଛନ୍ତି। ଯାହାକି ଏକ ଜାତୀୟସ୍ତରର ପ୍ରତିଯୋଗିତା ଭାବରେ ଆରମ୍ଭ କରାଯାଇଥିଲା ବୃଦ୍ଧି ପାଇ ହର୍ ଷ୍ଟୋର୍ ପରି ପ୍ରୟାସ ତଥା ଏବେ ହର୍ ଷ୍ଟାର୍ଟ ଅପ୍ ସୋ'ର ସିଜନ୍ ୨ ସହିତ ଏକ ବଳିଷ୍ଠଇକୋସିଷ୍ଟମରେପରିଣତହୋଇଛି।


# Classified Everyday
**0674-2580101, 9692975378**




REAL ESTATE
SALE

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**700sqft Hall available in Uttara Chhak Main road. Contact: 9692671608.** D-305

**1000 sqft Hall available in Lewis Main Road. Contact: 9692671608.** D-302

**3BHK flat available for rent in Gudiapokhari near Krupajal College. Contact: 9692671608.** D-304




Full body massage by experience therapist with homely atmosphere. 9114559860. D-275

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, Kirti Pandey Mishra, W/o- Pradipta Kumar Mishra residence of Kalika Devi Sahi, Bhandari Lane, Puri-752001, P.S.- Town PS, Odisha declare by this affidavit No.- 2512 dated- 25.04.2025 that now onwards I shall be known as Kirti Pandey for all purposes. D-312

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Paralakhemundi, Gajapati, Odisha, dated 26 April 2025. I, Gulibindal Ranjit Kumar, S/o- Gulibindala Chiranjeebulu, Village- Radhu, P.O.- Derigam, District.- Rayagada, Odisha, PIN- 765024 declare that my original name is Gulibindal Ranjit Kumar. It has recorded in my Aadhaar card No.-xxxx xxx 0374 and Pan card, but in my HSC Pass Board Certificate my surname has been recorded as Gulibindala instead of Gulibindal.Henceforth, I will be known and continue by my surname as Gulibindal Ranjit Kumar for all purposes. D-313

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି


**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ମଞ୍ଜୁଳା ମହାନ୍ତି**

ବୈଶାଖ ଶୁକ୍ଳପକ୍ଷ ପ୍ରତିପଦା
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ସବୁ ସମୟରେ ତୁମର ଅନୁପସ୍ଥିତି ଆମ୍ଭେମାନେ ଅନୁଭବ କରୁଅଛୁ। ଆମର ପ୍ରାର୍ଥନା ପରମେଶ୍ୱରଙ୍କ ନିକଟରେ ତୁମେ ଶାନ୍ତିରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ଆମର କାମନା।
ଶୋକସନ୍ତପ୍ତ:- ନନା, ନୂଆବୋଉ, ଅପା, ଭାଇ, ଅଞ୍ଜୁ, ଶୋଭନ, ରମା, ସଞ୍ଜୁ, ତପୁ, ଟିଟି, ପାପୁ, ବୁବୁଲୁ, ଆନିଆ
ଧ-୨୯୫

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




**୰ପ୍ରହ୍ଲାଦ ଦାଶ**


ଅରୁଆ, ପଟାମୁଣ୍ଡାଇ, କେନ୍ଦ୍ରାପଡା
ଆବିର୍ଭାବ-୧୦।୧୨।୧୯୨୨
ତିରୋଧାନ- ୧୭।୦୪।୨୦୨୫
ଅମର ଆତ୍ମାର ସଦ୍‌ଗତି ପାଇଁ ବାସୁଦେବଙ୍କୁ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଏବଂ ବନ୍ଧୁ ଆତ୍ମୀୟସ୍ୱଜନ।
ଧ-୨୯୪

# ସୁସ୍ଥ ହୃତ୍‌ପିଣ୍ଡ ଅନ୍ତରାଳେ...


ଡା. ରାମଚନ୍ଦ୍ର ରାଉତ

''ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acute Myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ (blockage) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।''





ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ, ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃଦ୍‌ଯନ୍ତ୍ରଟି ଗର୍ଭସଞ୍ଚରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ୍ନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃଦ୍‌ଯନ୍ତ୍ରଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃଦ୍‌ଯନ୍ତ୍ର କାର୍ଯ୍ୟ ଅର୍ଥାତ୍ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍ ହୃଦଯନ୍ତ୍ର ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ସାଧାରଣତଃ ହୃଦ୍‌ଯନ୍ତ୍ରର ତିନିଗୋଟି ଆବରଣ ମଧ୍ୟରୁ ମାଂସପେଶୀୟ ଆବରଣ ବା ମାୟୋକାର୍ଡିୟମ୍ ଏହି କାର୍ଯ୍ୟ କରିଥାଏ।

ହୃଦ୍‌ଯନ୍ତ୍ରର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମାତ୍ର ଉଚ୍ଚ ରକ୍ତଚାପ ଏକ ବହୁଳ ପରିଲକ୍ଷିତ ଓ ପ୍ରାୟତଃ କାରଣ ଜଣା ନ ପଡ଼ିବା ଏକ ରୋଗ, ଯାହାକି ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୋଇଥାଏ ବୋଲି ଅନୁମାନ କରାଯାଉଛି। ଉଚ୍ଚ ରକ୍ତଚାପ ଥରେ ଜଣାପଡ଼ିଲେ ଏହା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

ଏତଦ୍‌ବ୍ୟତୀତ ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acute Myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ (blockage) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।

ହୃଦ୍‌ଯନ୍ତ୍ରକୁ ରକ୍ତ ସଞ୍ଚାରଣ କରାଉଥିବା ଧମନୀଗୁଡ଼ିକୁ କରୋନାରୀ ଧମନୀ କୁହାଯାଇଥାଏ। କାରଣ ଏହା ହୃଦଯନ୍ତ୍ରର ମୁକୁଟ ପରି ପ୍ରତୀୟମାନ ହୁଅନ୍ତି। ଧମନୀରେ କୋଲେଷ୍ଟରଲ, ଆଥେରୋମା ଇତ୍ୟାଦି ଜମି ରକ୍ତ ସଞ୍ଚାଳନର ବାଟ ବନ୍ଦ କରିଥାଏ। ଏଥିପାଇଁ ସ୍ଥଳବିଶେଷରେ ଷ୍ଟେଣ୍ଟ, ବାଇପାସ୍ ସର୍ଜରି ଇତ୍ୟାଦି କରାଯାଇଥାଏ। ରକ୍ତ ଜମାଟ ଓ ଚର୍ବିଜାତୀୟ ଉପାଦାନ ହ୍ରାସ ପାଇଁ ଔଷଧ ଦିଆଯାଇଥାଏ। ଏବେ ବିନା ଅପରେଶନରେ ମଧ୍ୟ ହାର୍ଟ ବ୍ଲକେଜର ଚିକିତ୍ସା କରାଯାଇପାରୁଛି।

ଆମ ଶରୀରରେ ରକ୍ତ ସଞ୍ଚାଳନ ଏହିପରି ହୋଇଥାଏ। ପ୍ରଥମେ ଶରୀରର ସମସ୍ତ ଅଙ୍ଗ ଓ ଅଂଶରୁ ଦୂଷିତ ରକ୍ତ ସଂଗ୍ରହ ହୋଇ ଊର୍ଦ୍ଧ୍ୱ ଓ ଅଧ ଭେନା(vena) କାଭା(cava) ଦ୍ୱାରା ଦକ୍ଷିଣ ଅଳିନ୍ଦକୁ ଆସି ଦକ୍ଷିଣ ନିଳୟ ଦେଇ ଅଙ୍ଗାରକାମ୍ଳରହିତ ଓ ଅମ୍ଳଜାନଯୁକ୍ତ ହୋଇ ପରିଷ୍କାର ରକ୍ତ ହେବା ପାଇଁ ଫୁସ୍‌ଫୁସ୍‌କୁ ଯାଏ। ସେଠାରୁ ଏହା ଫୁସ୍‌ଫୁସ୍ ଶିରା ଦେଇ ବାମ ଅଳିନ୍ଦ ଓ ନିଳୟ ମଧ୍ୟ ଦେଇ ଧମନୀ ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଯାଇଥାଏ। ଏହି ପ୍ରକ୍ରିୟା ନିରନ୍ତର ଚାଲିଥାଏ। ସାଧାରଣତଃ ହୃତ୍‌ପିଣ୍ଡର ଚାରିଗୋଟି କୋଠରି ମଧ୍ୟରୁ କେବଳ ଗୋଟିଏ ପଟ ଉପର କୋଠରିରୁ ତଳ କୋଠରିକୁ ବାଟ ଥାଏ। ବାମରୁ ଦକ୍ଷିଣ କିମ୍ବା ଦକ୍ଷିଣରୁ ବାମକୁ ବାଟ ନ ଥାଏ। ଏହା ସେପ୍ଟମ ଦ୍ୱାରା ବନ୍ଦ ହୋଇଥାଏ।

ବହୁତ ସମୟରେ ଏପରି ହୋଇଥାଏ ଯେ ଆମେ କେବଳ ରୋଗ ପାଇଁ ଔଷଧ ଖାଇଥାଉ। ମାତ୍ର ରୋଗ କାହିଁକି ହେଉଛି, କିପରି ନ ହେବ ସେଥିପାଇଁ ଚିନ୍ତା କରି ନ ଥାଉ। ହୃଦ୍‌ରୋଗ ଜନ୍ମ ସମୟର ଅପରିପକ୍ୱ ଗଠନ ଯୋଗୁ ଶିଶୁମାନଙ୍କଠାରେ ହୋଇଥାଏ। ମାତ୍ର ଏହା ଏବେ ଅପରେଶନ ଦ୍ୱାରା ସଜଡ଼ା ଯାଇପାରୁଛି। ଅନେକ ସ୍ଥାନରେ ତାହା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି। ସେହିପରି ଗଳା ସଂକ୍ରମଣ ଓ ଗଣ୍ଠି ସଂକ୍ରମଣ ପରବର୍ତ୍ତୀ ସମୟରେ ହାର୍ଟରେ କପାଟିକା(ଭାଲ୍‌ଭ)ଗୁଡ଼ିକ ନଷ୍ଟ ହୋଇ ଆର୍‌ଏଚ୍‌ଡି ବା କପାଟିକାଜନିତ ରୋଗ ହୋଇଥାଏ। ଏହାର ଚିକିତ୍ସା ଦୀର୍ଘଦିନ ଧରି ଔଷଧ ଦ୍ୱାରା ହୋଇଥାଏ ଓ ସ୍ଥଳବିଶେଷରେ ଅପରେଶନ କରାଯାଏ।

ସବୁଠାରୁ ଅଧିକ ସଂଖ୍ୟାରେ ହେଉଥିବା ହୃଦ୍‌ରୋଗ ହେଲା ହାର୍ଟ ଆଟାକ, ଯାହା କରୋନାରୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ଯୋଗୁ ହୋଇଥାଏ। ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ଓ ଫଳପ୍ରଦ ଚିକିତ୍ସା କରାଯାଇପାରୁଛି। ପୁରୁଷମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ମୁଖ୍ୟତଃ ଛାତିରେ ଯନ୍ତ୍ରଣା ହେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ବାନ୍ତି ଲାଗିବା, ବଦହଜମି ଲାଗିବା, କାନ୍ଧରେ କଷ୍ଟ ଲାଗିବା ପରି ହୋଇଥାଏ। ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ବେଳେବେଳେ ଏହି ଯନ୍ତ୍ରଣା ସହଜରେ ଜଣାପଡ଼ି ନ ଥାଏ। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦ୍‌ରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା।

ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଓଜନ ହ୍ରାସ, ଚର୍ବି ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ରକ୍ତରେ ଶର୍କରା ନିୟନ୍ତ୍ରଣ, କମ୍ ଲୁଣ, କମ୍ ଚିନି, ଅଧିକ ତନ୍ତୁଜାତୀୟ ଓ ଫଳ ପନିପରିବାଯୁକ୍ତ ଖାଦ୍ୟ, ସୁସ୍ଥ ମନ, ସୁସ୍ଥ ଚିନ୍ତାଧାରା, ମାନସିକ ଚାପ ହ୍ରାସ ଓ ଆହୁରି ଅନେକ ଏହିପରି କାର୍ଯ୍ୟବିଧି ହୃଦ୍‌ଘାତର ଆଶଙ୍କା କମାଇ ଦେଇଥାଏ।


– ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୯୪୩୭୬୭୪୨୪୯୯

## ଆଲର୍ଜିରୁ ମିଳିବ ଉପଶମ...



ଆପଣ ଆଲର୍ଜିଜନିତ ସମସ୍ୟାକୁ ନେଇ ଚିନ୍ତିତ କି? ଯଦି ହଁ, ତେବେ ଏଥିରୁ କେତେକାଂଶରେ ଉପଶମ ପାଇବାର ସହଜ ଉପାୟ ଆମର ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ସାମିଲ କରନ୍ତି, ତେବେ ସେ ଏଥିରୁ କେତେକାଂଶରେ ଉପଶମ ପାଇପାରିବେ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ଭିଟାମିନ୍ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍ 'ଇ' ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।

## ଡିପ୍ରେସନ୍ ଦୂର କରେ ଉତ୍ତମ ଖାଦ୍ୟ



ଶରୀରକୁ ସୁସ୍ଥ ଓ ମଜଭୁତ୍ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ରୋଗମୁକ୍ତ ଓ ସୁସ୍ଥ ଜୀବନ ଜିଉଛେ, ତାହା ଆମ ଖାଦ୍ୟ ଉପରେ ନିର୍ଭର କରେ। ହେଲେ, ଏବେ ଅନେକେ ଖାଇବାରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ବିଷୟକୁ ନେଇ ସର୍ଭେ କରିଥିଲେ। ଉକ୍ତ ସର୍ଭେର ଶୀର୍ଷକ ଥିଲା 'ଉତ୍ତମ ଖାଦ୍ୟ ଓ ଡିପ୍ରେସନ'। କିଛି ମାସ ଧରି ଏହା ଉପରେ ସର୍ଭେ କରି ସେମାନେ ଏକ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଉତ୍ତମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ସେ ନିଜକୁ ଡିପ୍ରେସନ୍‌ରୁ କେତେକାଂଶରେ ଦୂରେଇ ରଖିପାରିବେ। ବେଳେବେଳେ କେତେକେ ଡିପ୍ରେସନ୍‌ରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି। ଏହାଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଆମକୁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଖାଦ୍ୟ ଶରୀର ପାଇଁ ବେଶ୍ ଉପଯୋଗୀ, ଯାହାକୁ ପ୍ରତିଦିନ ଆମେ ଆମ ଖାଦ୍ୟରେ ସାମିଲ୍ କରିପାରିବା। ଏହାବ୍ୟତୀତ ନିଜକୁ ଡିପ୍ରେସନ୍‌ରୁ ଦୂରେଇ ରଖିବା ପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ।

## ସୁସ୍ଥ ରହିବ କିଡ୍‌ନୀ



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବି ବାଧା ଉପୁଜେ, ଫଳରେ ଶ୍ୱାସକ୍ରିୟାଜନିତ ଅନେକ ରୋଗ ଶରୀରରେ ଦେଖାଦିଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଅନ୍ତୁ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଆପଣ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଦୈନିକ ୫ଗ୍ରାମ୍ ଲୁଣ ମଧ୍ୟ ଖାଆନ୍ତୁ। ଯଦି ଆପଣ ନିଶାଦ୍ରବ୍ୟ ସେବନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ, କାରଣ ଏହା ସ୍ୱାସ୍ଥ୍ୟ ତଥା କିଡ୍‌ନୀ ପ୍ରତି ବେଶି କ୍ଷତିକାରକ। ଆଉ ମଧ୍ୟ ଆପଣ ଯଦି କୌଣସି କିଡ୍‌ନୀଜନିତ ରୋଗର ଶିକାର ହୁଅନ୍ତି, ତେବେ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଉପକାରୀ ହଳଦୀ


ହଳଦୀ କେବଳ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଶରୀରରେ ଅଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ। ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧକୁ ବଢ଼ାଇଥାଏ। ହଳଦୀ ସମସ୍ତ ମାଂସପେଶୀକୁ ଶକ୍ତ ରଖେ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଆମ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ଏହା ରକ୍ତ ଚାପକୁ କମାଇବା ସହ ଶରୀରରେ ରକ୍ତ ସଞ୍ଚାଳନ ଠିକ ଭାବେ କରିଥାଏ।



## ସ୍ୱାସ୍ଥ୍ୟ ସୂଚନା

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ତାଲିକାରେ ତଟକା ଫଳମୂଳ ସହ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ, ଯାହା ଶରୀର ପାଇଁ ବେଶ୍ ଉପକାରୀ।

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଶରୀରକୁ ଆବଶ୍ୟକ ମୁତାବକ ଶକ୍ତି ଯୋଗାଇଥାଏ।



➤କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।

➤ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ତାହା ସେତେ ଭଲ।


➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବାର ଅଧ ଘଣ୍ଟାଏରୁ ଘଣ୍ଟାଏ ପରେ ପାଣି ପିଅନ୍ତୁ।

# ଆବେଲ ପୁରସ୍କାର-୨୦୨୫


ଇଂ. ମାୟାଧର ସ୍ୱାଇଁ

''ଚଳିତ ବର୍ଷ ପାଇଁ ଜାପାନର ୭୮ ବର୍ଷ ବୟସ୍କ ଗଣିତଜ୍ଞ ମାସାକି କାଶିୱାରାଙ୍କୁ ଆବେଲ ପୁରସ୍କାର ପ୍ରଦାନ କରିବା ପାଇଁ ନରୱେ ବିଜ୍ଞାନ ଓ କଳା ଏକାଡେମୀ ଘୋଷଣା କରିଛି। ବୀଜଗାଣିତିକ ବିଶ୍ଳେଷଣ ଓ ପ୍ରତିନିଧିତ୍ୱ ତତ୍ତ୍ୱରେ ଏବଂ ବିଶେଷ ଭାବେ ଡି-ମଡ୍ୟୁଲର ବିକାଶ ଓ କ୍ରିଷ୍ଟାଲ ଆଧାର ଆବିଷ୍କାରରେ ତାଙ୍କର ମୌଳିକ ଅବଦାନ ପାଇଁ ତାଙ୍କୁ ଏହି ବର୍ଷର ଆବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।''




ମାସାକି କାଶିୱାରା

ଆବେଲ ପୁରସ୍କାର ହେଉଛି ଗଣିତ ପାଇଁ ପ୍ରଦାନ କରାଯାଉଥିବା ଗୋଟିଏ ଉଲ୍ଲେଖନୀୟ ପୁରସ୍କାର। ଗଣିତ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଜଣେ ଗଣିତଜ୍ଞଙ୍କୁ ଏହା ପ୍ରଦାନ କରାଯାଇଥାଏ। ନରୱେର ବିଶିଷ୍ଟ ଗଣିତଜ୍ଞ ନିଲ୍‌ସ ହେନ୍‌ରିକ ଆବେଲ (୧୮୦୨-୧୮୨୯)ଙ୍କ ନାମାନୁସାରେ ନରୱେ ସରକାର ଏହାକୁ ୨୦୦୨ ମସିହାରେ ପ୍ରତିଷ୍ଠା କରିଛନ୍ତି। ପଞ୍ଚଘାତୀ ସମୀକରଣ ସମାଧାନ ସମ୍ଭବ ନୁହେଁ ବୋଲି ସେ ପ୍ରଥମେ ପ୍ରମାଣ କରିଥିଲେ। ମାତ୍ର ୨୭ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ ଇଲିପ୍‌ଟି ଫଳନ ଓ ଆବେଲୀୟ ଫଳନ ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ।

ଆବେଲ ପୁରସ୍କାରକୁ ନୋବେଲ ପୁରସ୍କାରର ସମସ୍କନ୍ଦ ଭାବରେ ବିଚାର କରାଯାଏ। ସୂଚନାଯୋଗ୍ୟ ଯେ, ଗଣିତକୁ ସମସ୍ତ ବିଜ୍ଞାନର ରାଣୀ କୁହାଯାଉଥିଲେ ସୁଦ୍ଧା ନୋବେଲ ପୁରସ୍କାରରେ ମଧ୍ୟ ଗଣିତକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଆବେଲ ପୁରସ୍କାରରେ ୭୫ ଲକ୍ଷ କ୍ରୋନର (୭୨୦୦୦୦ ଆମେରିକୀୟ ଡଲାର) ପ୍ରଦାନ କରାଯାଏ। ପୁରସ୍କାର ଚୟନ ପାଇଁ ଗଣିତଜ୍ଞଙ୍କର ଦେଶ, ବୟସ କିମ୍ବା ଅଧ୍ୟୟନ କ୍ଷେତ୍ରକୁ ବିଚାର କରାଯାଏ ନାହିଁ। ଗଣିତର ଯେ କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଏ। ବର୍ଷକୁ ଅତି ବେଶୀରେ ତିନି ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାର ଦିଆଯାଏ। ୨୦୦୩ରୁ ଏପର୍ଯ୍ୟନ୍ତ ୨୮ ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଚଳିତ ବର୍ଷ ପାଇଁ ଜାପାନର ୭୮ ବର୍ଷ ବୟସ୍କ ଗଣିତଜ୍ଞ ମାସାକି କାଶିୱାରାଙ୍କୁ ଆବେଲ ପୁରସ୍କାର ପ୍ରଦାନ କରିବା ପାଇଁ ନରୱେ ବିଜ୍ଞାନ ଓ କଳା ଏକାଡେମୀ ଘୋଷଣା କରିଛି। ବୀଜଗାଣିତିକ ବିଶ୍ଳେଷଣ ଓ ପ୍ରତିନିଧିତ୍ୱ ତତ୍ତ୍ୱରେ ଏବଂ ବିଶେଷ ଭାବେ ଡି-ମଡ୍ୟୁଲର ବିକାଶ ଓ କ୍ରିଷ୍ଟାଲ ଆଧାର ଆବିଷ୍କାରରେ ତାଙ୍କର ମୌଳିକ ଅବଦାନ ପାଇଁ ତାଙ୍କୁ ଏହି ବର୍ଷର ଆବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।

ଆବେଲ ପୁରସ୍କାର ଘୋଷଣା ପତ୍ରରେ କୁହାଯାଇଛି, ''କାଶିୱାରା ହେଉଛନ୍ତି ଜଣେ ବିଚକ୍ଷଣ ଗଣିତଜ୍ଞ। ତାଙ୍କ ସହିତ ୭୦ରୁ ଅଧିକ ସହଯୋଗୀ କାର୍ଯ୍ୟ କରିଛନ୍ତି। ଗତ ୫୦ ବର୍ଷ ଧରି ସେ ଗଣିତରେ ପ୍ରତିନିଧିତ୍ୱ ତତ୍ତ୍ୱ ଓ ବୀଜଗାଣିତିକ ବିଶ୍ଳେଷଣରେ ଗଭୀର ଅନୁଧ୍ୟାନ କରି ଏହାକୁ ସମୃଦ୍ଧ କରିଛନ୍ତି। ସମସାମୟିକ ଗଣିତରେ ତାଙ୍କ କାର୍ଯ୍ୟ ସର୍ବଦା ସମ୍ମୁଖ ଭାଗରେ ରହିଛି ଏବଂ ଏହା ଅନେକ ପିଢ଼ିର ଗବେଷକମାନଙ୍କୁ ପ୍ରେରଣା ଦେବ।''

କାଶିୱାରା ୧୯୪୭ ମସିହା ଜାନୁୟାରୀ ୩୦ ତାରିଖରେ ଜାପାନର ୟୁକି ଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୯ ମସିହାରେ ସ୍ନାତକ ଓ ୧୯୭୧ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ୧୯୭୪ରେ 'ଗାଣିତିକ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ'ରୁ ପିଏଚ୍‌ଡି ଡିଗ୍ରୀ ଲାଭ କରି ସେଠାରେ ୧୯୭୮ ମସିହାରେ ପ୍ରଫେସର ଓ ପରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

କାଶିୱାରା ଜାପାନ ଏକାଡେମୀର ସଭ୍ୟ ଏବଂ ଫରାସୀ ବିଜ୍ଞାନ ଏକାଡେମୀର ବୈଦେଶିକ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଗଣିତରେ କୃତୀ ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ୨୦୧୯ରେ ତାଙ୍କୁ ଏସିଆର ଶ୍ରେଷ୍ଠ ଏକଶତ ବୈଜ୍ଞାନିକମାନଙ୍କ ମଧ୍ୟରେ ତାଙ୍କୁ ନିର୍ବାଚିତ କରାଯାଇଥିଲା।

ଆବେଲ ପୁରସ୍କାର ପାଇବାରେ କାଶିୱାରା ହେଉଛନ୍ତି ପ୍ରଥମ ଜାପାନ ନାଗରିକ। ତାଙ୍କୁ ଚଳିତ ବର୍ଷ ମେ' ୨୦ ତାରିଖରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

-୭୦, ଲକ୍ଷ୍ମୀ ବିହାର, ଫେଜ୍ ୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

# ସେମିରେ ମୁମ୍ବାଇ ସିଟି ଏଫ୍‌ସି

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ତୃତୀୟ ଦଳଭାବେ ମୁମ୍ବାଇ ସିଟି ଏଫ୍‌ସି ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଏହି ଦଳ ଇଣ୍ଟର କାଶୀକୁ ୧-୦ ଗୋଲରେ ହରାଇ ଦେଇଛି। ମ୍ୟାଚର ୭୧ତମ ମିନିଟରେ

**କଳିଙ୍ଗ ସୁପର କପ୍ ଫୁଟବଲ**

ଲାଲିଆଞ୍ଜୁଆଲା ଚାଙ୍ଗ୍‌ଟେ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚ ଆରମ୍ଭରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ କ୍ରୀଡ଼ା ବିଭାଗର ଓଏସ୍‌ଡି ସୋନାଲି ଚାନ୍ଦ ଅତିଥିଭାବେ ଯୋଗଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ପୂରା ଟୁର୍ନାମେଣ୍ଟରେ ଉତ୍ସାହୀ ପ୍ରଦର୍ଶନ କରିଥିବା ଇଣ୍ଟର କାଶୀ ଏହି ମ୍ୟାଚରେ ମୁମ୍ବାଇକୁ ମଧ୍ୟ କଡ଼ା ଟକ୍କର ଦେଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଇଣ୍ଟର କାଶୀର ପ୍ରଦର୍ଶନ ଉତ୍ସାହୀ ରହିଥିଲା। ମାତ୍ର ଲାଲିଆଞ୍ଜୁଆଲାଙ୍କ ଗୋଲ ମ୍ୟାଚରେ ଫରକ ଆଣିଥିଲା। ବିପଜ୍ଜନକ ପ୍ରଦର୍ଶନ ପାଇଁ ୪୫+୧୨ ମିନିଟରେ ମୁମ୍ବାଇ ସିଟି ଏଫ୍‌ସିର ନିକୋଲାଓସ କାରେଲିସ, ୪୫+୧୪ ମିନିଟରେ ଇଣ୍ଟର କାଶୀର ମାରିଓ ବାର୍କୋ ଭିଲାର, ୭୯ତମ ମିନିଟରେ ମହମ୍ମଦ ଅସିଫ ୟେଲୋ କାର୍ଡ ପାଇଥିଲେ। ପୂରା ମ୍ୟାଚରେ ଉତ୍ତମ ପ୍ରଦର୍ଶନ ପାଇଁ ମୁମ୍ବାଇ ସିଟି ଏଫ୍‌ସିର ଜର୍ଜ ଓର୍ଟିଜ ମେଣ୍ଡୋଜା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପୂର୍ବରୁ ପ୍ରଥମ ଦୁଇ ଦଳଭାବେ ମୋହନ ବାଗାନ ସୁପର ଜାଏଣ୍ଟ ଓ ଏଫ୍‌ସି ଗୋଆ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି।


ମୁମ୍ବାଇ ସିଟି ଏଫ୍‌ସି ଓ ଇଣ୍ଟର କାଶୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

## ଏସିଆନ ଭଲିବଲ୍‌ରୁ ଓହରିଲା ଭାରତ

**ଲାହୋର, ୨୭।୪ (ପି.ଟି.):** ପହଲଗାମ୍‌ରେ ଏପ୍ରିଲ ୨୨ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ ପର୍ଯ୍ୟଟକ ନିହତ ହେବାପରେ ଆସନ୍ତା ମାସରେ ଭାରତ ଓ ପାକିସ୍ତାନ ଇସ୍‌ଲାମାବାଦରେ ଖେଳାଯିବାକୁଥିବା ସେଣ୍ଟ୍ରାଲ ଏସିଆନ ଭଲିବଲ୍ ଟୁର୍ନାମେଣ୍ଟରୁ ଭାରତ ଓହରିଯାଇଛି। ପାକିସ୍ତାନ ଭଲିବଲ୍ ଫେଡେରେଶନ (ପିଭିଏଫ୍) ତରଫରୁ ରବିବାର ଏବିଷୟରେ ସୂଚନା ଦିଆଯାଇଛି। ପିଭିଏସ୍ ଅଫିସିଆଲ ଅବ୍‌ଦୁଲ ଆହଦ କହିଛନ୍ତି, ଜିନ୍ନା କମ୍ପ୍ଲେକ୍ସରେ ମେ ୨୮ରୁ ଆରମ୍ଭ ହେବାକୁଥିବା ଏହି ଚାମ୍ପିୟନଶିପ୍ ଲାଗି ଭାରତ ୨୨ଜଣ ଖେଳାଳି ସମେତ ୩୦ ଜଣିଆ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା।

## ପିଏସ୍‌ଏଲ୍‌ରେ ସମ୍ପୃକ୍ତ ଥିବା ଭାରତୀୟ ସ୍ୱଦେଶ ଫେରିଲେ

**କରାଚୀ,୨୭।୪(ପି.ଟି.):** ପାକିସ୍ତାନ ସୁପର ଲିଗ (ପିଏସ୍‌ଏଲ୍)ର ପ୍ରଡକ୍ଶନ ଓ ବ୍ରଡକାଷ୍ଟ ଦଳର ଅଂଶଥିବା ୨୩ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ପହଞ୍ଚାଇବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ରବିବାର ବ୍ୟବସ୍ଥା କରାଯାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କ ଆହୁରି ଖରାପ ହୋଇଛି। ପାକିସ୍ତାନ ସରକାର ପାକିସ୍ତାନରେ ଥିବା ଭାରତୀୟଙ୍କୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏସ୍‌ଏଲ୍ ମ୍ୟାଚର ପ୍ରଡକ୍‌ଶନ ଓ ବ୍ରଡକାଷ୍ଟ ଲାଗି ପାକିସ୍ତାନରେ ଥିବା ଭାରତୀୟଙ୍କୁ ପଠାଇ ଦିଆଯାଇଥିବା ପିସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ମହିଳା ଓ ପୁରୁଷରେ ଓଡ଼ିଶା ଚାମ୍ପିୟନ



ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଗେଟ୍‌ବଲ୍ ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଛି। ମହିଳା ବିଭାଗରେ ଓଡ଼ିଶା ସ୍ୱର୍ଣ୍ଣ ଓ ଉତ୍ତର ପ୍ରଦେଶ ରୌପ୍ୟ ପଦକ ହାସଲ କରିଛି। ପୁରୁଷରେ ଓଡ଼ିଶା, ମଧ୍ୟ ପ୍ରଦେଶ ଓ ବିହାର

**ସର୍ବଭାରତୀୟ ଗେଟ୍‌ବଲ ଉଦ୍‌ଯାପିତ**

ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, କ୍ରୀଡ଼ା ସଙ୍ଗଠକ ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ସଭାପତି ରଞ୍ଜନ କୁମାର ନନ୍ଦ, ସମ୍ପାଦକ ମହମ୍ମଦ ଆଜମ, ଯୁଗ୍ମ ସମ୍ପାଦକ ବାସୁଦେବ ଓଝା, ଗୌତମ ବେହେରା, କୁନାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇଏଫ୍‌ଏଫ୍ ନିଷ୍ପତ୍ତି ଉପରେ କାସ୍‌ର ରହିତାଦେଶ

**ନୂଆଦିଲ୍ଲୀ,୨୭।୪(ପି.ଟି.)**

ଚଳିତ ସିଜନର ଆଇ-ଲିଗ୍ ଟାଇଟଲକୁ ନେଇ ଲାଗି ରହିଥିବା ବିବାଦ ଜାରି ରହିଛି। କୋର୍ଟ ଅଫ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ) ରବିବାର ଇଣ୍ଟର କାଶୀ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ଚାମ୍ପିୟନ ଘୋଷଣା କରିବାର ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିଛି। ଏଆଇଏଫ୍‌ଏଫ୍‌ର ଅପିଲ୍ସ କମିଟି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିବା ଇଣ୍ଟର କାଶୀ ବିରୋଧରେ ରାୟ ଦେବା ପରେ ଗତ ୧୮ ତାରିଖରେ ଚର୍ଚ୍ଚିଲ ବ୍ରଦର୍ସକୁ ଆଇ-ଲିଗ୍ ଚାମ୍ପିୟନ ଘୋଷଣା କରାଯାଇଥିଲା। ଏହି ନିଷ୍ପତ୍ତି ବିରୋଧରେ ଇଣ୍ଟର

**ଆଇ-ଲିଗ୍ ଟାଇଟଲ ବିବାଦ**

କାଶୀ ସୁଇଜରଲାଣ୍ଡସ୍ଥିତ ବିଶ୍ୱର ସର୍ବୋଚ୍ଚ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲା। 'ଏଆଇଏଫ୍‌ଏଫ୍‌ର ଅପିଲ କମିଟି ନେଇଥିବା ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରାଯାଇଛି। ଏଆଇଏଫ୍‌ଏଫ୍‌କୁ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଆଇ-ଲିଗ୍ ୨୦୨୪-୨୫ ସିଜନର ଚାମ୍ପିୟନ ଘୋଷଣା ନ କରିବାକୁ ଏବଂ କୌଣସି ମେଡାଲ ସେରିମନୀ ଆୟୋଜନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି' ବୋଲି କାସ୍‌ର ଅପିଲ୍ସ ଆର୍ବିଟ୍ରେଶନ ଡିଭିଜନର ଉପସଭାପତି ଏଲିଜାବେଥ ଷ୍ଟେନର ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି।

ଆଇ-ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଗତ ୬ ତାରିଖରେ ଶେଷ ହୋଇଥିବା ବେଳେ ଚର୍ଚ୍ଚିଲ ବ୍ରଦର୍ସ ୪୦ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଥିଲା।

## ରସୁଲଗଡ଼ ପ୍ରିମିୟର ଲିଗ୍ ଟ୍ରଫି ଉନ୍ମୋଚିତ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ):** ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍‌ର ୧୦ମ ସଂସ୍କରଣ ସୋମବାରଠାରୁ ଜିଜିପି ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରବିବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ୪ ଦଳର ଅଧିନାୟକଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଗ ନେବାକୁ ଯାଉଥିବା ଦଳ ଏବଂ ଉପସ୍ଥିତ ଥିବା ଅଧିନାୟକମାନେ ହେଲେ ଗୋପୀନାଥ ଦେବ ଏକାଦଶର କାଳନ୍ଦୀ ରାଉତ, ମା' ଦୁର୍ଗା ଏକାଦଶର ଦେବାଶିଷ ଜେନା, ମା' କୋଚିଲେଇ ଏକାଦଶର ତୋଫାନ ରାଉତ ଓ ବ୍ରହ୍ମେଶ୍ୱର ଏକାଦଶର ପ୍ରଶାନ୍ତ ଶ୍ରୀଚନ୍ଦନ ରାୟ।

## ଆଇ ସ୍ୱିମ୍ ସୁଇମିଂ ମିଟ୍ ଉଦ୍‌ଯାପିତ


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବାଳିକା ବାଳକ ସୁଇମର।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

କିଟ୍ ଓ କିସ୍‌ର ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ୨୬ ଓ ୨୭ ତାରିଖ ଦୁଇଦିନଧରି ଆଇ ସ୍ୱିମ୍ ସୁଇମିଂ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ଭାଗରୁ ୪୫୦ ସୁଇମର ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ସମ୍ବଲପୁର, କିସ୍-ଗ୍ଲେନମାର୍କ ଓ ଜେଏସ୍‌ଡବ୍ଲ୍ୟୁ ଆଦି ଓଡ଼ିଶାର ବିଭିନନ ଏକାଡେମୀର ୩୫୦ ଛାତ୍ରୀଛାତ୍ର ସାମିଲ। କିସ୍ ସୁଇମରମାନେ ପ୍ରଥମ ଦିବସରେ ପ୍ରଭାବୀ ପ୍ରଦର୍ଶନ କରି ୧ ସ୍ୱର୍ଣ୍ଣ,

**କିସ୍ ସୁଇମରଙ୍କୁ ୧୨ ପଦକ**

୫ ରୌପ୍ୟ ଓ ୬ ବ୍ରୋଞ୍ଜ ସମେତ ୧୨ ପଦକ ହାସଲ କରିଛନ୍ତି। ସମସ୍ତ ପଦକ ହାସଲକାରୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତା ବାଳିକା ବାଳକ ସୁଇମରଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ସଦୃଶ ହୋଇଛି। ଏଥିରୁ ସେମାନେ ଅନେକ ଅନୁଭୂତି ଲାଭ କରିଛନ୍ତି।

## ରାଜ୍ୟ ଓପନ ଚେସ୍: ସ୍ୱପ୍ନିଲ ଚାମ୍ପିୟନ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ):** କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଅନୁଷ୍ଠିତ ୪ର୍ଥ ଶ୍ୟାମଳି ଦେ ସ୍ମାରକୀ ରାଜ୍ୟ ଓପନ ଚେସ୍‌ରେ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତନ୍ମୟ ତ୍ରିପାଠୀ (୪.୫), ଲଭ୍ୟଜ୍ୟୋତି ରାଉତରାୟ (୪.୫), ଦେବୀ ପ୍ରସାଦ ନାୟକ (୪) ଓ ଅମରେନ୍ଦ୍ର ଖମାରୀ (୪) ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ମୁମ୍ବାଇର ବିଜୟ ଧାରା ଜାରି


ଉଇକେଟ ନେବା ପରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍‌ରା।

**ମୁମ୍ବାଇ,୨୭।୪**

ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଯଶପ୍ରୀତ ବୁମରାଙ୍କ ୪ ଉଇକେଟ ସଫଳତା ବଳରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୫୪ ରନର ବଡ଼ ବ୍ୟବଧାନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୨୧୬ ରନର ଟାର୍ଗେଟର ପିଛା କରୁଥିବା ଲକ୍ଷ୍ନୌ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ମୁମ୍ବାଇ ଦଳର ଲଗାତର ପଞ୍ଚମ ଓ ମୋଟ ଉପରେ ଷଷ୍ଠ ବିଜୟ। ଅନ୍ୟପକ୍ଷରେ ଏହା ଲକ୍ଷ୍ନୌ ଲାଗି ପଞ୍ଚମ ପରାଜୟ। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ଆଇପିଏଲ୍‌ରେ ୪,୦୦୦ ରନ ପୂରଣ କରିଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୭ ଉଇକେଟ ହରାଇ ୨୧୫ ରନ କରିଥିଲା। ଦଳ ପକ୍ଷରୁ ରିୟାନ ରିକଲଟନ ୩୨ ବଲରେ ୫୮ (୬ ଚୌକା ଓ ୪ ଛକା) ଓ ସୂର୍ଯ୍ୟକୁମାର ଯାଦବ ୨୮ ବଲରେ ୫୪ (୪ ଲେଖାଏ ଚୌକା ଓ ଛକା) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ ଜ୍ୟାକ୍ସ ୨୯ (୩ ଚୌକା ଓ ୧ ଛକା), ନମନ ଧିର ୨୫ (୨ ଲେଖାଏ ଚୌକା ଓ ଛକା) ଓ କର୍ବିନ ବୋଶ୍ଚ ୨୦ (୨ ଚୌକା ଓ ୧ ଛକା) ରନ କରିଥିଲେ। ଲକ୍ଷ୍ନୌ ପାଇଁ ଇଞ୍ଜୁରୀରୁ ପ୍ରତ୍ୟାବର୍ତ୍ତନ କରିଥିବା ମୟଙ୍କ ଯାଦବ ଓ ଆଭେଶ ଖାନ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଲକ୍ଷ୍ନୌ ଆରମ୍ଭରୁ ଏଡେନ ମାରକ୍ରାମ (୯)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ମିଚେଲ ମାର୍ଶ ଓ ନିକୋଲସ ପୁରନ ଦଳୀୟ ସ୍କୋରକୁ ପାୱାରପ୍ଲେରେ ୬୦ରେ ପହଞ୍ଚାଇଥିଲେ। ହେଲେ ଦଳ ସପ୍ତମ ଓଭରରେ ପୁରନ (୨୭) ଓ ଅଧିନାୟକ ଋଷଭ ପନ୍ତ (୪)ଙ୍କ ଉଇକେଟ ହରାଇଥିଲା। ମାର୍ଶ ୨୪ ବଲରେ ୩୪ (୩ ଚୌକା ଓ ୨ ଛକା) ରନ କରି ଆଉଟ୍ ହେବା ପରେ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**


(ଆଜିର ମ୍ୟାଚ)
**ରାଜସ୍ଥାନ ବନାମ ଗୁଜରାଟ**
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୧୫/୭ (ରିୟାନ ରିକଲଟନ-୫୮, ସୂର୍ଯ୍ୟକୁମାର ଯାଦବ-୫୪, ୱିଲ ଜ୍ୟାକ୍ସ-୨୯, ନମନ ଧିର-୨୫*, ମୟଙ୍କ ଯାଦବ-୨/୪୦, ଆଭେଶ ଖାନ-୨/୪୨)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୬୧/ଅଲଆଉଟ୍ (ଆୟୁଷ ବଦୋନି-୩୫, ମାର୍ଶ-୩୪, ନିକୋଲସ ପୁରନ-୨୭, ଯଶପ୍ରୀତ ବୁମରା-୪/୨୨, ଟ୍ରେଣ୍ଟ ବୋଲ୍ଟ-୩/୨୦, ୱିଲ ଜ୍ୟାକ୍ସ-୨/୧୮)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୦ | ୧୨ | +୧.୧୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୦ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୦ | ୪ | -୦.୬୨୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ